ଆଜି - ଶନିବାର
ତାରିଖ - ୨୫ ଜୁଲାଇ ୨୦୨୬
ମାସ - କର୍କଟ, ଦିନ - ୦୯
ତିଥି - ଏକାଦଶୀ , ପକ୍ଷ- ଶୁକ୍ଳ
ନକ୍ଷତ୍ର - ଜ୍ୟୋଷ୍ଠା, ବିଛା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୩: ୦୦
ସୂର୍ଯ୍ୟାସ୍ତ - ୬ : ୨୩: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି




ଆଜି ମହାପ୍ରଭୁଙ୍କ ସୁନାବେଶ


E-News : www.Ajikali epaper.com

Vol.- 41 ISSUE- 102 R.N.I. REGD. No. 44026/86 ବାଲେଶ୍ୱର ୨୫ ଜୁଲାଇ ୨୦୨୬ ଶନିବାର BALASORE 25 JULY 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ଶ୍ରୀକ୍ଷେତ୍ରରେ ମହାବାହୁଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ

## ଲୋକାରଣ୍ୟ ବଡ଼ଦାଣ୍ଡ, ଆଜି ସୁନାବେଶ

ପୁରୀ: ଆଷାଢ଼ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଆଜି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେଉଛି । ବାହୁଡ଼ା ଯାତ୍ରା ପାଇଁ ଚଳଚଂଚଳ ହୋଇଉଠିଛି ବଡ଼ଦାଣ୍ଡ । ରଥାରୁଢ଼ ଚତୁର୍ଦ୍ଧାମୂର୍ତିଙ୍କ ଦର୍ଶନ ଓ ରଥ ଟାଣିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଭକ୍ତଙ୍କ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠୁଛି ଶରଧାବାଲି । ଘଂଟା ଘଂଟା, ଶଙ୍ଖ, ବିଜେ କାହାଳୀର ଧ୍ୱନୀ ପରିବେଶକୁ ଭକ୍ତିମୟ କରିଛି । ଜନ୍ମବେଦିରୁ ରତ୍ନବେଦିକୁ ବାହୁଡୁଛନ୍ତି ମହାବାହୁ । ଅପରାହ୍ନ ୪ଟା ପରିବର୍ତେ ୩୫ ମିନିଟ୍ ବିଳମ୍ବ ଅର୍ଥାତ୍ ଅପରାହ୍ନ ୪ଟା ୩୫ରେ ରଥଟଣା ଆରମ୍ଭ ହୋଇଛି ।



ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତି ଅନୁଯାୟୀ, ଶୁକ୍ରବାର ସକାଳେ ମଙ୍ଗଳଆଳତୀ, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବେଶ ଶେଷ, ଗୋପାଳବଲ୍ଲଭ ଓ ସକାଳ ଧୂପ ଶେଷ ହୋଇଥିଲା । ମହାପ୍ରଭୁଙ୍କୁ ଖେଚୁଡ଼ି ଭୋଗ ଲାଗି ହୋଇଥିଲା । ଏହାପରେ ସେନାପଟା ଲାଗି, ମଙ୍ଗଳାର୍ପଣ ଆଦି ନୀତି ସମ୍ପନ୍ନ ପରେ ଶ୍ରୀଜୀଉଙ୍କ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା । ଧାଡ଼ି ପହଣ୍ଡିରେ ଆସି ରଥାରୁଢ଼ ହୋଇଥିଲେ ଚତୁର୍ଦ୍ଧାମୂର୍ତି । ପ୍ରଥମେ ଚକ୍ରରାଜ ସୁଦର୍ଶନ ପହଣ୍ଡି ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରରୁ ନାକଚଣା ଦ୍ୱାର ଦେଇ ତିନି ରଥ ପରିକ୍ରମା କରିବା ପରେ ପୂର୍ବାହ୍ନ ୧୧ଟା ୧୫ ମିନିଟ୍ ରେ ଦର୍ପଦଳନ ରଥରେ ବିଜେ କରିଥିଲେ । ବଡ ଠାକୁର ଶ୍ରୀବଳଭଦ୍ର ୧୨ଟାରେ ୫ରେ ତାଳଧ୍ୱଜ ରଥରେ ବିରାଜମାନ କରିଥିଲେ । ପରେ ଦେବୀ ସୁଭଦ୍ରା ଧାଡି ପହଣ୍ଡିରେ ଆସି ୧୨ଟା ୧୮ ମିନିଟ୍ ରେ ଦର୍ପଦଳନ ରଥରେ ବିରାଜମାନ କରିଥିଲେ । ଶେଷରେ ଟାହିଆ ହଲାଇ କାହାଳୀ, ଘଂଟ ଘଂଟାର ତାଳେ ତାଳେ ଝୁଲି ଝୁଲି ଆସି ଅପରାହ୍ନ ୨ଟା ୨୦ରେ ନନ୍ଦିଘୋଷ ରଥାରୁଢ଼ ହୋଇଛନ୍ତି ଜଗତର ନାଥ ଶ୍ରୀଜଗନ୍ନାଥ । ଶ୍ରୀବିଗ୍ରହମାନେ ରଥାରୁଢ଼ ହେବା ପରେ ଅନ୍ୟାନ୍ୟ ନୀତିକାନ୍ତି ରଥ ଉପରେ ଚାଲୁ ରହିଛି ।

# କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଧ୍ୟକ୍ଷତା କଲେ ପ୍ରଧାନମନ୍ତ୍ରୀ

## କେମିକାଲ ପାର୍କ ପ୍ରତିଷ୍ଠା ଲାଗି "ଭାରତ ଔଦ୍ୟୋଗିକ ବିକାଶ ଯୋଜନା ରସାୟନ"କୁ କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଦେଶରେ ତିନୋଟି ସ୍ୱତନ୍ତ୍ର କେମିକାଲ ବା ରାସାୟନିକ ପାର୍କ ପ୍ରତିଷ୍ଠା ପାଇଁ "ଭାରତ ଔଦ୍ୟୋଗିକ ବିକାଶ ଯୋଜନା - ରସାୟନ ବା ଭବ୍ୟ ରସାୟନ" ଯୋଜନାକୁ ଅନୁମୋଦନ କରିଛି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟରେ ଏହି ଯୋଜନା ଘୋଷଣା କରାଯାଇଥିଲା । ଏହି ଯୋଜନା ପାଇଁ ମୋଟ ୩,୦୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିରେ ରାସାୟନିକ ପାର୍କ ଭିତରେ ମୌଳିକ ଭିତିଭୂମି ଏବଂ ଅନ୍ୟାନ୍ୟ ସୁବିଧା କରିବା ପାଇଁ ୩,୦୦୦ କୋଟି ଟଙ୍କା ଏବଂ ପ୍ରଶାସନିକ ଖର୍ଚ୍ଚ ୩୦ କୋଟି ଟଙ୍କା ସାମିଲ ରହିଛି । ଏହି ଯୋଜନା ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ଚାଲିବ । ଉକ୍ତ ଯୋଜନା ଅନୁଯାୟୀ, କେନ୍ଦ୍ର ପ୍ରତି ପାର୍କ ପାଇଁ ୧ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଯୋଗାଇ ଦେବ । ଏହା ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସର୍ବନିମ୍ନ ୫୦୦ କୋଟି ଟଙ୍କା ଅବଦାନ ଉପରେ ନିର୍ଭର କରିବ ।



ଭବ୍ୟ ରସାୟନ ଯୋଜନା ଅର୍ଥବ୍ୟବସ୍ଥାକୁ ନିମ୍ନଲିଖିତ ଲାଭ ଆଣି ଦେବ ବୋଲି ଆଶା କରାଯାଉଛି:
ଏହା ଅପଷ୍ଟ୍ରିମ୍, ଡାଉନଷ୍ଟ୍ରିମ୍ ଏବଂ ଆନୁସଙ୍ଗିକ ଶିଳ୍ପ ସମେତ ସମଗ୍ର ମୂଲ୍ୟ ଶୃଙ୍ଖଳରେ ରାସାୟନିକ ଶିଳ୍ପର ବିକାଶକୁ ପ୍ରୋତ୍ସାହିତ କରିବ । ଏଥିସହିତ ସମ୍ବଳର ଦକ୍ଷ ଉପଯୋଗକୁ ପ୍ରୋତ୍ସାହିତ କରିବ ଯାହା ଦ୍ୱାରା ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ପାଇବ । ରାସାୟନିକ ଶିଳ୍ପର ଆବଶ୍ୟକତାକୁ ଧ୍ୟାନରେ ରଖି, ସହଭାଗୀ ସାଧାରଣ ଭିତିଭୂମି ଓ ମୌଳିକ ସୁବିଧା ମାଧ୍ୟମରେ ଏହା ମୂଲ୍ୟ ପ୍ରତିଯୋଗିତାକୁ ବୃଦ୍ଧି କରିବ ଏବଂ ଭାରତୀୟ ଶିଳ୍ପକୁ ବିଶ୍ୱ ସ୍ତରରେ ପ୍ରତିଯୋଗିତାମୂଳକ କରିବ । ଏହା ଭାରତୀୟ ରାସାୟନିକ ଶିଳ୍ପକୁ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ଭଲ ଭାବରେ ସମନ୍ୱିତ କରିବାରେ ସାହାଯ୍ୟ କରିବ ଯାହା ଫଳରେ ଅଧିକ ରପ୍ତାନିକୁ ପ୍ରୋତ୍ସାହନ ମିଳିବ ଏବଂ ଅଧିକ ଆମଦାନୀର ବିକଳ୍ପ ମିଳିପାରିବ ।
ଏହା ଏକ ପରିବେଶ ଅନୁକୂଳ ଇକୋସିଷ୍ଟମ ସୃଷ୍ଟି କରି ଦୀର୍ଘସ୍ଥାୟୀ ଉପାୟରେ ଭାରତୀୟ ରାସାୟନିକ ଶିଳ୍ପର ବିକାଶକୁ ପ୍ରୋତ୍ସାହିତ କରିବ । ଏହା କମନ ଏଫ୍ଲୁଏଂଟ ଟ୍ରିଟମେଂଟ ପ୍ଲାଂଟ, ଟ୍ରିଟମେଂଟ, ଷ୍ଟୋରେଜ୍ ଓ ଡିସପୋଜାଲ ସୁବିଧା ଏବଂ ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଭିତିଭୂମି ଭଳି କେନ୍ଦ୍ରୀକୃତ ସୁବିଧାକୁ ନେଇ ଗଠିତ ହେବ । ଏହା ପରିବେଶଗତ ନିୟମାବଳୀ ସହିତ ଉତମ ଅନୁପାଳନ ସୁନିଶ୍ଚିତ କରିବ, ଯଦ୍ଦ୍ୱାରା ପରିବେଶ ଅନୁକୂଳ ଉପାୟରେ ଶିଳ୍ପର ବିକାଶକୁ ପ୍ରୋତ୍ସାହନ ମିଳିବ । ରାସାୟନିକ କ୍ଷେତ୍ରର ବିକାଶ ଅର୍ଥବ୍ୟବସ୍ଥାର ଡାଉନଷ୍ଟ୍ରିମ୍ କ୍ଷେତ୍ରଗୁଡ଼ିକର ବିକାଶ ବୃଦ୍ଧି ମାଧ୍ୟମରେ ଏକ ବ୍ୟାପକ ପ୍ରଭାବ ପକାଇବ । ଏହାଦ୍ୱାରା ଅଧିକ ନିଯୁକ୍ତି ସୃଷ୍ଟି ଏବଂ ଅର୍ଥବ୍ୟବସ୍ଥା ବିକାଶ ତ୍ୱରାନ୍ୱିତ ହେବ । ଏହା ମଧ୍ୟ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ । ଏହି କ୍ଷେତ୍ର କୃଷି, ବୟନଶିଳ୍ପ, ଔଷଧ, ନ୍ୟୁଟ୍ରାସ୍ୟୁଟିକାଲ୍ସ, ନିର୍ମାଣ, ଅଟୋମୋବାଇଲ, ଇଲେକ୍ଟ୍ରୋନିକ୍ସ ଭଳି ବିଭିନ୍ନ ଡାଉନଷ୍ଟ୍ରିମ ଶିଳ୍ପରେ ବ୍ୟବହୃତ ରାସାୟନିକ ପଦାର୍ଥ ଏବଂ ପେଟ୍ରୋକେମିକାଲ୍ସ ଉତ୍ପାଦନ କରିଥାଏ । ତେଣୁ ଭବ୍ୟ ରସାୟନ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଘରୋଇ ଏବଂ ବିଦେଶୀ ନିବେଶ ଆସିବ ।

## ଅଳ୍ପରେ ଖବର

▸▸ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦର (ଆରଜିଆଇଏ)ରେ ଶୁକ୍ରବାର ଇମିଗ୍ରେସନ ଓ ଏୟାରଲାଇନ୍ସ ଅଧିକାରୀମାନେ ଦୁବାଇ ଯିବା ପାଇଁ ପ୍ରସ୍ତୁତି କରୁଥିବା ଦୁଇ ନେପାଳୀ ନାଗରିକଙ୍କୁ ଜାଲି ବିମାନ ଟିକେଟ୍ ସହ ଅଟକ ରଖିଥିଲେ । ପ୍ରାରମ୍ଭିକ ତଦନ୍ତରେ ଉଭୟଙ୍କ ଟିକେଟ୍ ନକଲି ବୋଲି ଜଣାପଡ଼ିବା ପରେ ସେମାନଙ୍କୁ ଶାମଶାବାଦ ପୁଲିସଙ୍କ ହସ୍ତାନ୍ତର କରାଯାଇଥିଲା ।

▸▸ ଅସମର ମୁଖ୍ୟମନ୍ତ୍ରୀ ଡ଼. ହିମନ୍ତ ବିଶ୍ୱ ଶର୍ମା ଶୁକ୍ରବାର କହିଛନ୍ତି ଯେ ଉପର ଅସମରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଗୁରୁତର ରହିଛି । ସେ କହିଛନ୍ତି ଯେ ସାଧାରଣଠାରୁ ୪୦୦ ପ୍ରତିଶତ ଅଧିକ ବର୍ଷା ଏହି ଭୟାବହ ବନ୍ୟାର ଏକ ପ୍ରମୁଖ କାରଣ । ମୁଖ୍ୟମନ୍ତ୍ରୀ ଶୁକ୍ରବାର ଲୋକ ସେବା ଭବନରେ ସମ୍ବାଦଦାତା ସମ୍ମିଳନୀକୁ ସମ୍ବୋଧନ କରୁଥିଲେ ।

▸▸ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ଗୁରୁବାର ସଂସଦ ସୁରକ୍ଷାରେ ଉଲ୍ଲଂଘନମାମଲାରେ ତିନି ଜଣ ଅଭିଯୁକ୍ତଙ୍କ ବିଚାର ବିଭାଗୀୟ ହାଜତକୁ ୨୧ ଅଗଷ୍ଟ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି । ଅତିରିକ୍ତ ସେସନ୍ସ ଜଜ୍ ଅମିତ ବଂସଲ ଏହି ଆଦେଶ ଦେଇଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏଚସିଏଲଟେକ୍ ଓ ସର୍ଭମ୍ ଏଆଇ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

# ଓଡ଼ିଶାର ଶିଳ୍ପ ଓ ଟେକ୍ନୋଲୋଜି କ୍ଷେତ୍ରରେ ଏକ ନୂତନ ବିପ୍ଳବର ଶୁଭାରମ୍ଭ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, : ଓଡ଼ିଶାର ଶିଳ୍ପ ଓ ଟେକ୍ନୋଲୋଜି କ୍ଷେତ୍ରରେ ଏକ ନୂତନ ବିପ୍ଳବର ଶୁଭାରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି । ଶୁକ୍ରବାର ଲୋକସେବା ଭବନର କନଭେନସନ ସେଂଟର ଠାରେ ବିଶ୍ୱପ୍ରସିଦ୍ଧ 'ଏଚସିଏଲଟେକ୍ ' ଏବଂ ଦେଶର ସ୍ୱଦେଶୀ ଏଆଇ ସଂସ୍ଥା 'ସର୍ଭମ ଏଆଇ' (ସହିତ ଦୁଇଟି ଯୁଗାନ୍ତକାରୀ ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାରେ ଟେକ୍ନୋଲୋଜି-ଭିତିକ ଆର୍ଥିକ ଅଭିବୃଦ୍ଧି ଅଧିକ ସୁଦୃଢ଼ ହେବା ସହ ରାଜ୍ୟର ହଜାର ହଜାର ଉଚ୍ଚଶିକ୍ଷିତ ଓ କୁଶଳୀ ଯୁବକ-ଯୁବତୀଙ୍କ ପାଇଁ ସିଧାସଳଖ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଐତିହାସିକ ସହଯୋଗିତା ଅନୁଯାୟୀ, ଏଚସିଏଲଟେକ୍ ଓଡ଼ିଶାରେ ନିଜର ଏକ



ଡେଭେଲପମେଂଟ ସେଂଟର' ପ୍ରତିଷ୍ଠା କରିବାକୁ ଯାଉଛି, ଯାହା ରାଜ୍ୟର ଆଇଟି ଇକୋସିଷ୍ଟମକୁ ବିଶ୍ୱସ୍ତରରେ ଏକ ନୂଆ ପରିଚୟ ଦେବ । ଏହି ସଂସ୍ଥାର ନାମ ହେଉଛି ଏଚସିଏଲଟେକ୍ ଗ୍ଲୋବାଲ ଡେଲିଭରି ସେଂଟର . ଏଥିସହିତ ଏଚସିଏଲଟେକ୍ ଏବଂ 'ସର୍ଭମ ଏଆଇ ର ମିଳିତ ସହଯୋଗରେ ଓଡ଼ିଶାରେ ଏକ 'ଏଆଇ-ଅପ୍ଟିମାଇଜ୍ ଡାଟା ସେଂଟର' ମଧ୍ୟ ପ୍ରତିଷ୍ଠା କରାଯିବ । ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଶାରେ ଏକ ସୋଭରେନ୍ ବା ସମ୍ପୂର୍ଣ୍ଣ ସ୍ୱଦେଶୀ ଏଆଇ ପାର୍କ ପ୍ରତିଷ୍ଠା କରାଯିବ । ଏହି ଡାଟା ସେଂଟର ଉକ୍ତ ଏଆଇ ପାର୍କ ମଧ୍ୟରେ ପ୍ରତିଷ୍ଠିତ ହେବ । ଏଚସିଏଲ ଡେଭଲପମେଂଟ ସେଂଟର ପାଇଁ ପ୍ରାୟ ୭୩୦ କୋଟି ଟଙ୍କାର ପୁଞ୍ଜିନିବେଶ ହେଉଛି, ଯାହା ରାଜ୍ୟର ଡିଜିଟାଲ୍ ଇକୋସିଷ୍ଟମକୁ ବହୁତ ମଜବୁତ କରିବ । ଏହି ଗ୍ଲୋବାଲ୍ ଡେଲିଭରି ସେଂଟର ମାଧ୍ୟମରେ ଆମ ଓଡ଼ିଶାର ୬,୦୦୦ ରୁ ଅଧିକ ଉଚ୍ଚ ଶିକ୍ଷିତ ଏବଂ କୁଶଳୀ ଯୁବକ-ଯୁବତୀଙ୍କୁ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ । ସୂଚନାଯୋଗ୍ୟ ଯେ, ଏହି ଦୁଇଟି ପ୍ରକଳ୍ପରେ ଆସନ୍ତା ୫ ବର୍ଷରେ ପ୍ରାୟ ୧୫ ହଜାର କୋଟି ଟଙ୍କା ବିନିଯୋଗ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଡିଜିଟାଲ୍ ଇଣ୍ଡିଆ' ଦୂରଦୃଷ୍ଟି ଯୋଗୁଁ ଆଜି ଭାରତ ଟେକ୍-ରେଡି ହୋଇପାରିଛି ଏବଂ ଓଡ଼ିଶା ଏହି ନବସୃଜନର ଅଗ୍ରଣୀ ନେତୃତ୍ୱ ନେଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଆମେ ବିଦେଶୀ ଏଆଇ ଉପରେ ନିର୍ଭର କରୁଥିଲୁ, କିନ୍ତୁ ଆଜି ଆମର ସ୍ୱଦେଶୀ ଏଆଇ 'ସର୍ଭମ', ବିଶ୍ୱର ଯେକୌଣସି ଟେକ୍ନୋଲୋଜି ସହ ସମକକ୍ଷ ହୋଇପାରିଛି । ଆଗାମୀ ଦିନରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର କରାଯିବ । ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର କେବଳ ଖଣିଜ-କୈନ୍ଦ୍ରିକ ଶିଳ୍ପରେ ସୀମିତ ନରହି ସେମିକଣ୍ଡକ୍ଟର, ଏଆଇ, ଟେକ୍ସଟାଇଲ, ଫାର୍ମା ଓ ଆଇଟି ଭଳି ନୂତନ କ୍ଷେତ୍ରଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି ।

# ସୋନମ ଜୀଙ୍କ ଅନଶନ ଭଙ୍ଗ

## ଡାକ୍ତରଙ୍କ ପରାମର୍ଶ ମାନିବା ସହ ତାଙ୍କ ସୁସ୍ଥତା ପାଇଁ କାମନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସୋନମ ଜୀଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତାଙ୍କର ଦିନଚର୍ଯ୍ୟା ବଜାୟ ରଖିବା ଏବଂ ଯଥାଶୀଘ୍ର ତାଙ୍କର ସ୍ୱାଭାବିକ ଓଜନ ଫେରି ପାଇବାକୁ ଅନୁରୋଧ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଯେ ସୋନମ ଜୀ ସୁସ୍ଥ ରୁହନ୍ତୁ ବୋଲି ସେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି । ସୂଚନାଯୋଗ୍ୟଯେ ପରିବେଶବିତ୍ ତଥା ସାମାଜିକ କାର୍ଯ୍ୟକର୍ତା ସୋନମ ୱାଙ୍ଗଚୁକ୍ ଶୁକ୍ରବାର ସକାଳେ ତାଙ୍କର ୨୬ ଦିନିଆ ଅନଶନ ସମାପ୍ତ କରିଛନ୍ତି । ସେ କହିଛନ୍ତି ଯେ ସରକାର ଏବଂ ବିଭିନ୍ନ ରାଜନୈତିକ ଦଳର ୬୫ ଜଣ ସାଂସଦଙ୍କ ଠାରୁ ଲିଖିତ ଆଶ୍ୱାସନା ପାଇବା ପରେ ସେ ଏହି ନିଷ୍ପତି ନେଇଛନ୍ତି । ସରକାର ସଂସଦରେ ନିଟ୍. ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ବ୍ୟବସ୍ଥାରେ ଉତରଦାୟିତ୍ୱ ଏବଂ ଶିକ୍ଷା ସଂସ୍କାର, ନିକଟରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ନିକଟ ସମ୍ପର୍କୀୟଙ୍କୁ ଉପଯୁକ୍ତ କ୍ଷତିପୂରଣ ଏବଂ ଶାନ୍ତିପୂର୍ଣ୍ଣ



ଭାବରେ ବିକ୍ଷୋଭ କରିଥିବା ଛାତ୍ର ଏବଂ ଯୁବକମାନଙ୍କ ବିରୋଧରେ କୌଣସି ମାମଲା ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଉପରେ କୌଣସି ଲିଖିତ ଆଶ୍ୱାସନା ଦିଆଯାଇ ନାହିଁ । ଏହି ପ୍ରସଙ୍ଗରେ ସୋନମ ୱାଙ୍ଗଚୁକ୍ କହିଛନ୍ତି ଯେ ଯଦି ସରକାର ଏହି ଦାବି ଉପରେ ନିଷ୍ପତି ନ ନିଅନ୍ତି, ତେବେ ଏହା ଛାତ୍ରଛାତ୍ରୀଙ୍କ ନୁହେଁ ବରଂ ସରକାରଙ୍କ କ୍ଷତି ହେବ । ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା ଉପରେ ଜନ୍ତର ମନ୍ତରରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ର ଆନ୍ଦୋଳନକୁ ସମର୍ଥନ କରି ସୋନମ୍ ୱାଙ୍ଗଚୁକ୍ ଜୁନ୍ ୨୮ ରେ ମୃତ୍ୟୁ ପର୍ଯ୍ୟନ୍ତ ଉପବାସ ଆରମ୍ଭ କରିଥିଲେ । ଉପବାସ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତାଙ୍କୁ ପ୍ରଥମେ ସଫଦରଜଙ୍ଗ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ପରେ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଗୁରୁଗ୍ରାମ ସ୍ଥିତ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ।

# ମଣିପୁର ହିଂସା ମାମଲାରେ ଶୁଣାଣି କରିବାକୁ ଫାଷ୍ଟଟ୍ରାକ୍ କୋର୍ଟକୁ ପରାମର୍ଶ : ସୁପ୍ରିମ କୋର୍ଟ

ନୂଆଦିଲ୍ଲୀ,: ସର୍ବୋଚ୍ଚ ନ୍ୟାୟାଳୟ ମଣିପୁର ହିଂସା ସହ ଜଡ଼ିତ ମାମଲାଗୁଡ଼ିକର ଶୁଣାଣିକୁ ଦ୍ରୁତ କରିବା ପାଇଁ ଫାଷ୍ଟ ଟ୍ରାକ୍ କୋର୍ଟରେ ପ୍ରତିଦିନ ଶୁଣାଣି କରିବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ବେଂଚ ତଦନ୍ତକାରୀ ସଂସ୍ଥାମାନଙ୍କୁ ଲମ୍ବିତ ତଦନ୍ତ ଯଥାଶୀଘ୍ର ଶେଷ କରିବାକୁ ଏବଂ ପୀଡ଼ିତମାନଙ୍କୁ ଏକ ସପ୍ତାହ ମଧ୍ୟରେ ଚାର୍ଜଶିଟ୍ର ପ୍ରତି ଉପଲବ୍ଧ କରାଇବାକୁ ଆଦେଶ ଦେଇଛନ୍ତି । କୋର୍ଟ ଏହି ମାମଲାରେ ସଦ୍ୟତମ ସ୍ଥିତି ରିପୋର୍ଟ ତଲବ କରିଛନ୍ତି । ଶୁଣାଣି ସମୟରେ କୋର୍ଟ ଦେଖିଥିଲେ ଯେ ଅନେକ ପୀଡ଼ିତ ଓ ସେମାନଙ୍କ ପରିବାରବର୍ଗଙ୍କୁ ସିବିଆଇ ଓ ଏସଆଇଟି ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟ୍ର ପ୍ରତି ମିଳିନାହିଁ । ଏହାପରେ କୋର୍ଟ ପୀଡ଼ିତମାନଙ୍କ ପକ୍ଷରୁ ଉପସ୍ଥିତ ରାଜ୍ୟ ବିଧିକ ସହାୟତା



ପ୍ରାଧିକରଣର ଆଇନଜୀବୀମାନଙ୍କୁ ଚାର୍ଜଶିଟ୍ର ପ୍ରତି ପାଇବା ପାଇଁ ଗୁୱାହାଟୀ ଉଚ୍ଚ ନ୍ୟାୟାଳୟ ଓ ମଣିପୁର ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ କାର୍ଯ୍ୟାଳୟ ସହ ସମ୍ପର୍କ କରିବାକୁ ଅନୁମତି ଦେଇଥିଲେ । କୋର୍ଟ ତଦନ୍ତକାରୀ ସଂସ୍ଥାମାନଙ୍କୁ କହିଥିଲେ ଯେ ସେମାନେ ଏକ ସପ୍ତାହ ମଧ୍ୟରେ ପୀଡ଼ିତମାନଙ୍କୁ ଚାର୍ଜଶିଟ୍ର ପ୍ରତି ଉପଲବ୍ଧ କରାନ୍ତୁ ।

# ପିଆଇବି ଏବଂ ସିବିସି ଭୁବନେଶ୍ୱର ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳିତ

## ଯୁଦ୍ଧ ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଭଳି ରଣନୀତିକ ଯୋଗାଯୋଗ ଏବଂ ସଠିକ୍ ସୂଚନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ : ଏଡିଜି ଅଖିଳ ମିଶ୍ର

ଭୁବନେଶ୍ୱର, : ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ, ଆଂଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଆଜି କାର୍ଗିଲ ବିଜୟ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଦେଶର ସ୍ୱାଧୀନତା, ସାର୍ବଭୌମତ୍ୱ ଓ ଅଖଣ୍ଡତା ରକ୍ଷା ପାଇଁ କାର୍ଗିଲ ଯୁଦ୍ଧରେ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ସହିଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କର ସାହସ, ତ୍ୟାଗ ଓ ଦେଶପ୍ରେମକୁ ସ୍ମରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି)ର ଓଡ଼ିଶା ଓ ଝାଡ଼ଖଣ୍ଡ କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଶ୍ରୀ ଅଖିଳ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଡ. ଫନୀ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ବ୍ରିଗେଡିୟର (ଡ.) ସର୍ବେଶ୍ୱର ଶତପଥୀ ଏବଂ ମୁଖ୍ୟବକ୍ତା ଭାବେ ରାଜା ମଧୁସୂଦନ ଦେବ ଡିଗ୍ରୀ



କଲେଜର ଅଧକ୍ଷ ଡ. ପ୍ରଶାନ୍ତ କୁମାର ରାଉତ ଯୋଗ ଦେଇଥିଲେ । ଏଡିଜି ଶ୍ରୀ ମିଶ୍ର ନିଜ ଅଭିଭାଷଣରେ କହିଥିଲେ ଯେ, କାର୍ଗିଲ ଯୁଦ୍ଧ ଏବଂ ଯେକୌଣସି ଯୁଦ୍ଧ ପରିସ୍ଥିତିରେ ଯୋଗାଯୋଗ ବ୍ୟବସ୍ଥାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ଭାରତୀୟ ସୂଚନା ସେବାର ଅଧିକାରୀ ଭାବେ ପ୍ରତିରକ୍ଷା କ୍ଷେତ୍ର ସହ ନିଜର ଅଭିଜ୍ଞତା ବାଂଟି ସେ କହିଥିଲେ ଯେ, ଯୁଦ୍ଧ ସମୟରେ କେବଳ ସଠିକ୍ ସୂଚନା ପ୍ରଦାନ ନୁହେଁ, ବରଂ ବିଭ୍ରାନ୍ତିକର ସୂଚନାର ମୁକାବିଲା କରିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ସେ ଯୁଦ୍ଧକାଳୀନ ଯୋଗାଯୋଗର ପାଂଚଟି ପ୍ରମୁଖ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସେଗୁଡ଼ିକ ହେଲା - ବିଭ୍ରାନ୍ତିକର ସୂଚନାର ମୁକାବିଲା ପାଇଁ ରଣନୀତିକ ଯୋଗାଯୋଗ, ଜନସମ୍ପର୍କ ଓ ପ୍ରଚାର ପରିଚାଳନା, ଯୁଦ୍ଧର ସକାରାତ୍ମକ ବୃତାନ୍ତ ଗଠନ, ସମ୍ବାଦ ପରିଚାଳନା ଏବଂ ଜନ କୂଟନୀତି । ବିଶିଷ୍ଟ ଅତିଥି ବ୍ରିଗେଡିୟର (ଡ଼.) ସର୍ବେଶ୍ୱର ଶତପଥୀ କାର୍ଗିଲ ଯୁଦ୍ଧ ସମୟରେ ଜାମ୍ମୁରେ ସିଆରପିଏଫ୍ରେ କାର୍ଯ୍ୟରତ ଥିବା ମୁଖ୍ୟ ବକ୍ତା ଡ. ପ୍ରଶାନ୍ତ କୁମାର ରାଉତ କହିଥିଲେ ଯେ, କାର୍ଗିଲ ବିଜୟ ଦିବସ କେବଳ ଏକ ଉତ୍ସବ ନୁହେଁ, ବରଂ ଭାରତୀୟ ସେନାର ବୀରତ୍ୱ, ତ୍ୟାଗ ଓ ରାଷ୍ଟ୍ରପ୍ରେମକୁ ନୂତନ ପିଢ଼ି ନିକଟରେ ପହଂଚାଇବାର ଏକ ସୁଯୋଗ । କାର୍ଗିଲ ଯୁଦ୍ଧରେ କ୍ୟାପଟେନ୍ ବିକ୍ରମ ବତ୍ରାଙ୍କ ସମେତ ବୀର ଯବାନମାନଙ୍କ ସାହସ ଓ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରି ସେ କହିଥିଲେ ଯେ, ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ସେମାନଙ୍କ ଅବଦାନ ସଦା ସ୍ମରଣୀୟ । ଯୁବପିଢ଼ି ଦେଶର ଇତିହାସ ଓ ବୀର ସହିଦମାନଙ୍କ ବଳିଦାନରୁ ପ୍ରେରଣା ନେଇ ରାଷ୍ଟ୍ର ନିର୍ମାଣରେ ସାମିଲ ହେବାକୁ ସେ ଆହ୍ୱାନ ଜଣାଇଥିଲେ । କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ସହ କାର୍ଗିଲ ବିଜୟ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ପିଆଇବି ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ଶ୍ରୀ ମହେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ସିବିସି ଭୁବନେଶ୍ୱରର ବରିଷ୍ଠ କଳାକାରମାନେ ଦେଶାତ୍ମବୋଧକ ସାଂସ୍କୃତିକ ନାଟକ ପରିବେଷଣ କରି ଦର୍ଶକମାନଙ୍କ ମଧ୍ୟରେ ଦେଶପ୍ରେମର ଭାବନା ସଂଚାର କରିଥିଲେ । ଏହି ଅବସରରେ ସିବିସି ଏବଂ ପିଆଇବି ଭୁବନେଶ୍ୱରର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



# ମାଉସୀମା ମନ୍ଦିରରେ ନୀତିକାନ୍ତି ସାରି ଶ୍ରୀମନ୍ଦିରକୁ ବାହୁଡ଼ିଲେ ଶ୍ରୀଜୀଉ



ବାଲେଶ୍ୱର(ନି.ପ୍ର.) : ମାଉସୀମା ମନ୍ଦିରରେ ଦୀର୍ଘ ୯ଦିନ ଶ୍ରୀଜୀଉମାନେ ସମପସ୍ତ ନୀତିକାନ୍ତ ସାରି ୨୪ ତାରିଖ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି । ହେଲେ ଶ୍ରଦ୍ଧାଳୁମାନେ ସେମାନଙ୍କର ଭଗବାନ ଶ୍ରୀ ଶ୍ରୀ ମହାପ୍ରଭୁଙ୍କୁ ମାଉସୀମା ମନ୍ଦିରକୁ କିପରି ଶ୍ରୀମନ୍ଦିର ଅଭିମୁଖେ ରଥାରୂଢ଼ କରି ଟାଣିଟାଣି ଆଣିବେ ଏବଂ ମନ୍ଦିରରେ ଦର୍ଶନ ପାଇବେ ସେଥିପାଇଁ ଆତ୍ମବିଭୋର ହୋଇଯାଇଥିଲେ । ଖବରନେବାରୁ ଜଣାଯାଇଛି ଶ୍ରୀ ଜୀଉମାନେ ମାଉସୀମା ମନ୍ଦିରରେ ପୋଡ଼ପିଡ଼ା, ଆରିସା, ଗଜା, ଖଜା ଓ ସମସ୍ତ



ପ୍ରକାର ଫଳ ସାମଗ୍ରୀ, ମିଷ୍ଟାନ୍ନ ସେବନ କରିବା ପରେ ବିଭିନ୍ନ ରୂପ ଯଥା ବାମନ, ପର୍ଶୁରାମ, ରାମ, ବଳରାମ, ନୃସିଂହ, ମତ୍ସ୍ୟ, ବରାହ, ରୂପ ଧାରଣ କରି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି । ପ୍ରକାଶଯେ, ଭାବର ଠାକୁର କାନ୍ଧରେ ଫେରିଲେ ଶ୍ରୀମନ୍ଦିରକୁ ।

## ପୋଡ଼ପିଠା, ଆରିସା ଖାଇ ଶ୍ରୀ ଜୀଉ ଫେରିଲେ ଶ୍ରୀମନ୍ଦିରକୁ

ତାଙ୍କର ଲୀଳା ବଡ଼ ବିଚିତ୍ର । ସାରା ବିଶ୍ୱ ମହାମାନ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁ ପୁରୀ ଶ୍ରୀକ୍ଷେତ୍ରରେ ପ୍ରତ୍ୟେକ ବର୍ଷ ୧୦ରୁ ୧୨ଲକ୍ଷ ଶ୍ରଦ୍ଧାଳୁ ଯୋଗ ଦିଅନ୍ତି, ବିଶ୍ୱର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଓ ବାହୁଡ଼ାଯାତ୍ରାରେ । ହେଲେ ଆଜି ସବୁକିଛି ଓଲଟପାଲଟ ହୋଇଯାଇଛି । କାରଣ ସାରା ବିଶ୍ୱରେ କରୋନା ଭୂତାଣୁ ମହାମାରୀର ରୂପ ନେଇ ପାଖାପାଖି ୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇ ସାରିଥିଲା ବେଳେ ମହାପ୍ରଭୁ ମଧ୍ୟ ସବୁକୁ ଆଖି ଆଗରେ ରଖି ଆଜି ସୁନ୍ଦର ଭାବେ ଅନୁକୂଳ ପାଗ, ବର୍ଷା ସତ୍ତ୍ୱେ ମାତ୍ର ୫୦୦ ଶ୍ରଦ୍ଧାଳୁଙ୍କ ମାଧ୍ୟମରେ ପହଣ୍ଡି ଠାରୁ ଆରମ୍ଭ କରି ମାଉସୀ ମା ମନ୍ଦିରରୁ ରଥାରୂଢ଼ ହୋଇ ଫେରିଛନ୍ତି ଶ୍ରୀମନ୍ଦିରକୁ । ସେ ହେଲେ ଭାବର ଠାକୁର । କାରଣ ସାରା ବିଶ୍ୱରେ କୋଟି କୋଟି ଶ୍ରଦ୍ଧାଳୁଙ୍କୁ ଆଜିଭଳି ଏକ ମହତ୍ ଦିବସରେ ଦର୍ଶନ ଦେଇଛନ୍ତି ରଥାରୂଢ଼ ହୋଇ ବୈଦ୍ୟୁତିକ ଗଣମାଧ୍ୟମରେ । କାରଣ ପୋଲିସ ଜନସାଧାରଣଙ୍କର ଆସ୍ଥା ଭାଜପ ହୋଇଥିଲେ ମଧ୍ୟ ସେମାନେ ଆଜି ଅନେକ ଡ୍ୟୁଟିରେ ଥାଇ ମଧ୍ୟ ମହାପ୍ରଭୁଙ୍କ ରଥ ଦଉଡ଼ି ଧରିଛନ୍ତି, ମହାପ୍ରଭୁଙ୍କୁ ଟାଣିଛନ୍ତି, ଏ କିଛି କମ୍ ବଡ଼ କଥା ନୁହେଁ । ସେମାନେ ମଧ୍ୟ ଆଜି ଭଳି ଦିନରେ ଧୋତି ପିନ୍ଧି ମହାପ୍ରଭୁଙ୍କ ସେବା ପାଇଛନ୍ତି । ଏହାର ପ୍ରଭାବ ମଧ୍ୟ ବାଲେଶ୍ୱର



ଜିଲ୍ଲାରେ ଅନୁଭୂତ ହୋଇଛି । ଭାବର ଠାକୁର ସେ । ଯେଉଁ ରଥରେ ସେ ବସି ଯାଇଥାନ୍ତେ, ରଥ ଚାଲିଲାନି ସତ, ହେଲେ ତାଙ୍କର ବିଚିତ୍ର ଲୀଳା ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଥିଲା । ଅନେକ ସ୍ଥାନରେ ମାଉସୀମା ମନ୍ଦିର ଯିବା ସମୟରେ ମାସ୍କ ପରିଧାନ କରିବା, ସାନିଟାଇଜ କରାଯିବା, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଥିଲା । ଏହି ବାହୁଡ଼ା ଯାତ୍ରା ଜିଲ୍ଲାର ଇମାମୀ, ସାରଗାଁ, ଶାସଙ୍ଗ, ସୀମାନ୍ତ, ଜାନୁଗଂଜ ଗୋଲେଇ, ପୁରାତନ ସଦରଥାନାଛକ, ଖନ୍ତାପଡ଼ା ଜୁଣିଆ, ନୀଳଗିରି, ବାଲିଆପାଳ ଶ୍ରୀକ୍ଷେତ୍ର, ଜଳେଶ୍ୱର, ଭୋଗରାଇ, ରେମୁଣା, ଇମାମୀ ପେପରମିଲ୍, ଝାଡ଼େଶ୍ୱରମନ୍ଦିର, ରେମୁଣା ବାହାନଗା, ସୋର, ସିମୁଳିଆ ଇତ୍ୟାଦି ବ୍ଲକ ଅଂଚଳରେ ଶ୍ରୀ ଶ୍ରୀ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ମନ୍ଦିରରେ ନିରାଡ଼ମ୍ବର ଓ ନୀତିକାନ୍ତିରେ ଶେଷ ହୋଇଛି ।ଟାଉନଥାନା ବାଣ୍ଡିଆ ଜଗନ୍ନାଥ ମନ୍ଦିରର ରଜା ଭାବେ ବିଜୟ ଦାସ କାର୍ଯ୍ୟ ତୁଲାଇଥିଲେ ।

## ପଶ୍ଚିମବଙ୍ଗର ଖଡ଼ଗପୁର ସ୍ଥିତ ଜଗନ୍ନାଥ ମନ୍ଦିରରେ ଛେରା ପହଁରା କଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ବାଲେଶ୍ୱର(ନି.ପ୍ର.)ଆଜି ପଶ୍ଚିମବଙ୍ଗର ଖଡ଼ଗପୁର ଠାରେ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପବିତ୍ର ପହଣ୍ଡି ବିଜେରେ ସାମିଲ ହୋଇଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ପବିତ୍ର ବାହୁଡ଼ା ଯାତ୍ରା ଅବସର ରେ ଛେରା ପହଁରା କରିଥଲେ ସାଂସଦ ଶ୍ରୀଯୁକ୍ତ ଷଡଙ୍ଗୀ । ଏହାସହ ସେଠାରେ ବସବାସ



କରୁଥିବା ହଜାର ହଜାର ଓଡ଼ିଆଙ୍କ ସହ ସାକ୍ଷାତ୍ କରି ସେମାନଙ୍କ ସହ ଭାବ ବିନିମୟ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ମଧ କରିଥଲେ ।

## ଆର୍ଥିକ ସାକ୍ଷରତାରେ ସଶକ୍ତ ହେବେ ଗ୍ରାମୀଣ ମହିଳା

ବାଲେଶ୍ୱର,(ନି.ପ୍ର.): ଗ୍ରାମୀଣ ମହିଳାଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଚାନ୍ଦିପୁର ପାନ୍ଥନିବାସ ପରିସରରେ ଏକ ଦୁଇ ଦିବସୀୟ ଆର୍ଥିକ ସାକ୍ଷରତା ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି ।ତାଲିମଦାତା ମାନଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ 'ଯୁବ ବିକାଶ'ର ପ୍ରତିଷ୍ଠାତା ଚେୟାରମ୍ୟାନ ଗୋବିନ୍ଦ ବଲ୍ଲଭ ଦଳାଇ ।ଏହି ତାଲିମ କାର୍ଯ୍ୟକ୍ରମରେ ୩୦ ଜଣ ଗ୍ରାମୀଣ ଅଗ୍ରଣୀ ସ୍ୱେଚ୍ଛାସେବୀ ମହିଳା ଏବଂ ୫ ଜଣ ଗୋଷ୍ଠୀ ତାଲିମଦାତା ଅଂଶଗ୍ରହଣ କରିଥିଲେ । ଆଗାମୀ ଦିନରେ ସେମାନେ ନିଜ ଗାଁର ମହିଳାମାନଙ୍କୁ ଆର୍ଥିକ ସାକ୍ଷରତା ବିଷୟରେ ସଚେତନ କରାଇବାରେ ଅଗ୍ରଣୀ ଭୂମିକା ନେବେ ।ଉଦଘାଟନୀ ସମାରୋହରେ ଏସ୍.ଏମ୍.ଏଫ୍.ଜି.ର ସିଏସଆର ମୁଖ୍ୟ ଅମୋଲ ଭାଲେରାଓ, 'ଯୁବ ବିକାଶ'ର ଉପ ସଭାପତି ଅଭ୍ରଦୀପ ଦାସ ଏବଂ କଲିକତାରୁ ଆସିଥିବା 'ସିନି'ର ସିନିୟର ପ୍ରୋଗ୍ରାମ ମ୍ୟାନେଜର ବିନୟ ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ତାଲିମ ମାଧ୍ୟମରେ ଅଂଶଗ୍ରହଣକାରୀଙ୍କୁ ଆର୍ଥିକ ସାକ୍ଷରତାର



ଆବଶ୍ୟକତା ସହ ସଂଚୟ, ବୀମା, ନିବେଶ ଏବଂ ଡିଜିଟାଲ ଆର୍ଥିକ କାରବାରର ସରଳ ଉପାୟ ସମ୍ପର୍କରେ ବିଶେଷ ଜ୍ଞାନ ଓ କୌଶଳ ପ୍ରଦାନ କରାଯାଇଥିଲା । କିପରି ଛୋଟ ସଂଚୟରୁ ବଡ ଲାଭ ମିଳିପାରିବ ଏବଂ ଡିଜିଟାଲ ମାଧ୍ୟମରେ ସୁରକ୍ଷିତ ଭାବେ ଟଙ୍କା କାରବାର କରା ଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା ।ଏହି ଅବସରରେ 'ସିନି'ର ଆର୍ଥିକ ସାକ୍ଷରତା ପ୍ରକଳ୍ପ ମୁଖ୍ୟ ଅସିତ ଦଳାଇ, 'ବଣଧୂଳିର ଫୁଲ' ଟ୍ରଷ୍ଟର ପ୍ରତିଷ୍ଠାତା ଅଧ୍ୟକ୍ଷ ବିଜୟ ଆଚାର୍ଯ୍ୟ, ପରିବେଶ ଫାଉଣ୍ଡେସନର ଜ୍ଞାନ ରଞ୍ଜନ ମହାପାତ୍ର, ଗୌରୀଶଙ୍କର ରାଜ, ସଂଯୁକ୍ତା ବେହେରା, ରାଖାଲ ମାଇତି, ସୁଜୟ, ଚୁମୁକି ମାଝୀ, ଯୁବ ବିକାଶର ଶୁଭସ୍ମିତା ମହାନ୍ତି, ବିନତି ପରିଡା, ସୁଧୀର ଭକ୍ତା, ଦୀନବନ୍ଧୁ ରାଉତ, ଜିତେନ୍ଦ୍ର ମହାନ୍ତ, ଜଗଦୀଶ ପରିଡ଼ା, ପ୍ରେରଣା ଫାଉଣ୍ଡେସନର ଶୁଭେନ୍ଦୁ ଗିରି ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜକମାନେ ଆଶାବ୍ୟକ୍ତ କରିଛନ୍ତି ଯେ ଏଭଳି ତାଲିମ ମାଧ୍ୟମରେ ଗ୍ରାମାଂଚଳର ମହିଳାମାନେ ଆର୍ଥିକ ନିଷ୍ପତି ନେବାରେ ସକ୍ଷମ ହେବେ ଏବଂ ପରିବାର ଓ ସମାଜର ଆର୍ଥିକ ବିକାଶରେ ସହାୟକ ହେବେ ।

## 'ତାଳ ଦରବାର' ଫେଷ୍ଟିଭାଲରେ ଉନ୍ମୋଚିତ ହେଲା ୱେବସାଇଟ ଓ ମୁଖପତ୍ର 'ଅଭିବ୍ୟକ୍ତି'

ବାଲେଶ୍ୱର, (ନି.ପ୍ର): ବାଲେଶ୍ୱରର ପ୍ରସିଦ୍ଧ ସାଂସ୍କୃତିକ ଅନୁଷ୍ଠାନ 'ତାଳ ଦରବାର'ର ଚତୁର୍ଥ ବାର୍ଷିକ ଉତ୍ସବ 'ତାଳ ଦରବାର ଫେଷ୍ଟିଭାଲ-୨୦୨୬' ଗାନ୍ଧୀ ସ୍ମୃତି ଭବନ ଠାରେ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ସଙ୍ଗୀତ, ସଂସ୍କୃତି ଓ ସର୍ଜନଶୀଳତାର ସମନ୍ୱୟରେ ଆୟୋଜିତ ଏହି ଉତ୍ସବ



ଉପସ୍ଥିତ ସମସ୍ତଙ୍କ ମନରେ ସ୍ମରଣୀୟ ଛାପ ଛାଡ଼ିଥିଲା ।ଏଥିରେ ବାଲେଶ୍ୱର ପୌରପରିଷଦର ଅଧକ୍ଷା ଶ୍ରୀମତୀ ସବିତା ସାହୁ ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ଯୋଗ ଦେଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ସ୍ୱତନ୍ତ୍ର ଅତିଥି, ଅନୁଷ୍ଠାନର ଉପଦେଷ୍ଟା କବି ପ୍ରଶାନ୍ତ କୁମାର ଦାସ ମୁଖ୍ୟବକ୍ତା ଏବଂ ସଭାପତି ଶ୍ରୀ ସଂଗ୍ରାମ ଦାସ ସଭାପତିତ୍ୱ କରିଥିଲେ । ଏହି ଦିନ ଅନୁଷ୍ଠାନର ପ୍ରତିଷ୍ଠାତା ତବଲା ଗୁରୁ ଅଜିତାନ୍ଦ ଦେବ ଗୋସ୍ୱାମୀଙ୍କ ଜନ୍ମଦିନ ଥିବାରୁ ସମସ୍ତେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।କାର୍ଯ୍ୟକ୍ରମର ପ୍ରାରମ୍ଭରେ 'ତାଳ ଦରବାର' ଶୀର୍ଷକ ସଙ୍ଗୀତ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ ହୋଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ପରେ 'ସ୍ୱର ସଙ୍ଗତି' ବା ସିମ୍ଫୋନି ପରିବେଷଣ ସମଗ୍ର ପ୍ରେକ୍ଷାଳୟକୁ ଭାବବିହ୍ୱଳ କରିଦେଇଥିଲା ।ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା 'ତାଳ ଦରବାର'ର ଅଧିକୃତ ୱେବସାଇଟ ଏବଂ ଅନୁଷ୍ଠାନର ପ୍ରଥମ ମୁଖପତ୍ର 'ଅଭିବ୍ୟକ୍ତି' ଉନ୍ମୋଚିତ ହୋଇଥିଲା । ଅତିଥିମାନେ କହିଥିଲେ ଯେ, ୱେବସାଇଟ ମାଧ୍ୟମରେ 'ତାଳ ଦରବାର'ର କାର୍ଯ୍ୟକଳାପ ଏବେ ବିଶ୍ୱସ୍ତରରେ ପହଂଚିପାରିବ । ଏହା ଶାସ୍ତ୍ରୀୟ ସଙ୍ଗୀତ ଓ ତାଳର ପ୍ରଚାର ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ।ମୁଖ୍ୟ ଅତିଥି ଶ୍ରୀମତୀ ସାହୁ ଅନୁଷ୍ଠାନର ଆୟୋଜନ ଓ ପରିକଳ୍ପନାକୁ ପ୍ରଶଂସା କରି କହିଲେ ଯେ, 'ତାଳ ଦରବାର' କେବଳ ଏକ ସଙ୍ଗୀତ ବିଦ୍ୟାଳୟ ନୁହେଁ, ଏହା ଯୁବପିଢ଼ିଙ୍କ ମଧରେ ଭାରତୀୟ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରୁଥିବା ଏକ ସାଂସ୍କୃତିକ ଆନ୍ଦୋଳନ । ଏହି ଅବସରରେ ସଦାନନ୍ଦ ଦାସ, ମଞ୍ଜୁଲତା ମହାନ୍ତି, ସୌରଭ କୁମାର ଗିରି, ସଙ୍ଗୀତା ମହାନ୍ତି, ମାଲା ନାଥ, ଜୟମାଳା ଚୌଧୁରୀ, ନିତ୍ୟାନନ୍ଦ ସାହୁ, ସଙ୍ଗ୍ରାମ କେଶରୀ ମହାନ୍ତି, ସୁମନା ପରିଡା ଓ ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି ପ୍ରମୁଖଙ୍କୁ ମାନପତ୍ର, ଉପଢ୍ୌକନ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ବ୍ୟତୀତ ଉତ୍ସବରେ ପୂର୍ବରୁ ହୋଇଥିବା ଭଜନ, ଶାସ୍ତ୍ରୀୟ ସଙ୍ଗୀତ, ତବଲା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନପତ୍ର ଓ ସ୍ମାରକ ପ୍ରଦାନ କରାଯାଇଥିଲା । ସମାପନ ଅଭିଭାଷଣରେ ଗୁରୁ ଅଜିତାନନ୍ଦ ଦେବ ଗୋସ୍ୱାମୀ ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଜଣାଇବା ସହ ଜୁଲାଇ ୨୩ ତାରିଖକୁ 'ତାଳ ଦିବସ' ଭାବେ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ସୁଚାରୁ ରୂପେ କାର୍ଯ୍ୟକ୍ରମ ଆୟୋଜନ ଓ ଉଚ୍ଚକୋଟୀର ସଙ୍ଗୀତ ପରିବେଷଣ ଯୋଗୁଁ 'ତାଳ ଦରବାର' ଫେଷ୍ଟିଭାଲ-୨୦୨୬ ବାଲେଶ୍ୱର ସାଂସ୍କୃତିକ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ବୋଲି ମତ ପ୍ରକାଶ ପାଇଥିଲା ।

## ବ୍ୟାସକବିନଗରରେ ବାହୁଡ଼ାଯାତ୍ରା ଅନୁଷ୍ଠିତ

ବାଲେଶ୍ୱର, (ନି.ପ୍ର.): ସହଦେବଖୁ□ାସ୍ଥିତ ଗୋଶାଳାପଦାର ଶ୍ରୀମନ୍ଦିରରୁ ପବିତ୍ର ରଥଯାତ୍ରା ଉତ୍ସବ ଅବସରରେ ଚତୁର୍ଥା ବିଗ୍ରହ ରଥାରୂଢ଼ ହୋଇ ବ୍ୟାସକବି ନଗର (ଚାନ୍ଦମାରୀ ପଡ଼ିଆ) ର ଶ୍ରୀଶ୍ରୀ ବିଶ୍ୱେଶ୍ୱର ମନ୍ଦିର ସ୍ଥିତ ମାଉସୀମା' ମନ୍ଦିରକୁ ବିଜେ କରିଥିଲେ । ନବଦିନବ୍ୟାପୀ ସମସ୍ତ ରୀତିନୀତି ଓ ଅନ୍ନପ୍ରସାଦ ସେବନରେ ଶହଶହ ଶ୍ରଦ୍ଧାଳୁ ଯୋଗ ଦେଉଥିଲେ । ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବ୍ୟାସକବି ନଗର ବିକାଶ ପରିଷଦ ଓ ରୟାଲ୍ କ୍ଲବ୍‌ର ସଦସ୍ୟମାନଙ୍କ ସମେତ ସ୍ଥାନୀୟ ବାସିନ୍ଦାମାନେ ସହଯୋଗ କରିଥିଲେ । ଶୁକ୍ରବାର ଅପରାହ୍ନରେ ବାହୁଡ଼ାଯାତ୍ରାରେ ଶହଶହ ଶ୍ରଦ୍ଧାଳୁ ରଥ ଦଉଡ଼ି ଟାଣି ରଥାରୂଢ଼ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଭାଇଭଉଣୀ ଓ ସୁଦର୍ଶନଙ୍କୁ ଗୋଶାଳାସ୍ଥିତ ଶ୍ରୀମନ୍ଦିର ଅଭିମୁଖେ ନେଇଥିଲେ । ଘ□ଘ□ା ଓ କୀ□ନ ଦଳ ସହ 'ଜୟ ଜଗନ୍ନାଥ' ଧ୍ୱନୀରେ ସମଗ୍ର ଅ□ଳ ପ୍ରକମ୍ପିତ ହୋଇଥିଲା । ଗତ ନଅ ଦିନ ବ୍ୟାପୀ ସ୍ଥାନୀୟ ଅ□ଳରେ ଏକ ଭାବମୟ ଆଧାତ୍ମିକ ପରିବେଶ ସୃଷ୍ଟି



ହୋଇଥିଲା । ଏହି ଉତ୍ସବ ଶାନ୍ତି ଶୃଙ୍ଖାରେ ସମାପନ ପାଇଁ ସହଯୋଗ କରିଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ପରିଷଦର ସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ଅଦ୍ୱୈତ ପ୍ରସାଦ ମହାନ୍ତି, କୋଷାଧକ୍ଷ ରଜତ୍ କୁମାର ପରିଡ଼ାଙ୍କ ସମେତ ଇଂ. ଡମ୍ବରୁଧର ପ୍ରଧାନ, ଭଗବାନ ମହନୀ, ଗଣେଶ୍ୱର ସାହୁ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଧନ୍ୟବାଦ ଦେଇଛନ୍ତି ।

# ସଦର ଭାଜପା ପକ୍ଷରୁ ରାହୁଲ ଗାନ୍ଧୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୁଦ୍ଧରେ ବିକ୍ଷୋଭ

ବାଲେଶ୍ୱର(ନି.ପ୍ର.)ନିଟ୍ ପ୍ରଶ୍ନ ପତ୍ର ମାମଲାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ବିଜେଡି ଓ କଂଗ୍ରେସ ଦଳର ହୀନ ରାଜନୀତିକୁ ବିରୋଧ କରିଛି ଭାରତୀୟ ଜନତା ପାର୍ଟି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସଦରନିର୍ବାଚନମଣ୍ଡଳୀ ବିଜେପି ପକ୍ଷରୁ ସ୍ଥାନୀୟ ଫାଣ୍ଡିଛକ ଠାରେ ବିରୋଧ ପ୍ରଦର୍ଶନ କରାଯାଇଛି । ସଦର ବିଧାୟକ ମାନସ କୁମାର ଦତ ଏହି ପ୍ରଦର୍ଶନରେ ଯୋଗଦେଇ ବିଜେପିକୁ ବିରୋଧ କରିବାକୁ ଯାଇ ଦିଲ୍ଲୀର ଜନ୍ତରମନ୍ତର ଠାରେ ଛାତ୍ର ଆନ୍ଦୋଳନ ନାମରେ ଦେଶ ବିରୋଧି କାର୍ଯ୍ୟକଳାପକୁ ତୀବ୍ର ସମାଲୋଚନା କରିଥିଲେ । ଏହିଭଳି ଛାତ୍ର ଆନ୍ଦୋଳନକୁ ବିରୋଧି ଦଳମାନେ ସମର୍ଥନ ଜଣାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ । ନିଟ୍ ପ୍ରଶ୍ନ ପତ୍ର ଲିକ୍ ଆଳରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ମାଗୁଥିବା ଓଡିଶା ବିଧାନସଭାର ବିରୋଧି ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ ମାତ୍ର ହତାଶାର ପରିଚୟ ଦେଇଛନ୍ତି ବୋଲି ବିଧାୟକ ଶ୍ରୀ ଦତ କହିଛନ୍ତି । ବିଜେଡି ଶାସନ କାଳରେ ୨୦୧୭ ମସିହାରେ ମ୍ୟାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା କି, ନର୍ସିଂ ପ୍ରଶ୍ନପତ୍ର ଲିକ୍ ଘଟଣାରେ ମୁଖ୍ୟମନ୍ତ୍ରୀ ଭାବେ ନବୀନ ବାବି କେଉଁ ମନ୍ତ୍ରୀଙ୍କ ଇସ୍ତଫା ମାଗିଥିଲେ । ଏସଆଇ ପରୀକ୍ଷା କେଳେଙ୍କାରୀ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଓଡିଶା ସବଅର୍ଡିନେଟ ଷ୍ଟାଫ୍





ସିଲେକ୍?ସନ ମାଧ୍ୟମରେ ଅମିନ ଓ ଆରଆଇ ପରୀକ୍ଷା କେଳେଙ୍କାରୀ ଯୋଗୁଁ ଆନ୍ଦୋଳନକାରୀ ଆଶାୟୀଙ୍କୁ ପିଟିମାରି, ସେମାନଙ୍କୁ ଫ୍ୱାଟରଗନ ଦ୍ୱାରା ଧରାଶାରୀ କରାଯାଇଥିଲା । ସେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ନୈତିକତା କୁଆଡେ ଯାଇଥିଲା ବୋଲି ବିଧାୟକ ଶ୍ରୀ ଦତ ପ୍ରଶ୍ନ ଉଠାଇଛନ୍ତି । ଶାସନ କ୍ଷମତାରୁ ବିତାଡିତ ହେବା ପରେ ରଙ୍ଗ ବଦଳୁଥିବା ଏଣ୍ଡୁଓ ରାଜନୀତି ମାଧ୍ୟମରେ ଗଣତନ୍ତ୍ରକୁ ହତ୍ୟା ପାଇଁ ନବୀନ ବାବୁଙ୍କ ଅପଚେଷ୍ଟା କଦାଚିତ ସଫଳ ହେବ ନାହିଁ ବୋଲି ଶ୍ରୀ ଦତ ଦମ୍ଭର ସହ ପ୍ରକାଶ କରିଛନ୍ତି । ସେହିପରି ଦିଲ୍ଲୀର ଜନ୍ତରମନ୍ତର ଠାରେ ଦେଶ ଓ ଧର୍ମ ବିରୋଧୀ ସ୍ଲୋଗାନ ଦେଇ ଶାସନ ବ୍ୟବସ୍ଥାକୁ ବିରୋଧ କରୁଥିବା ଆନ୍ଦୋଳନକାରୀଙ୍କୁ ଦୃଢ ହସ୍ତରେ ଦମନ ପାଇଁ ସେ ଦାବି ଜଣାଇଛନ୍ତି । ରାଜନୀତିରେ ନିଜ ଭାବମୂର୍ତ୍ତିକୁ ଚିକ୍?କଣ କରିବାକୁ ଯାଇ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କ ଆବାସକୁ ଅବରୋଧ ସହ ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ହସ୍ତକ୍ଷେପ ଭଳି ଜଘନ୍ୟ ଅପରାଧ କରିଚାଲିଛନ୍ତି । ଗୋଟିଏ ମୁଦ୍ରାର ଦୁଇ ପାଶ୍ୱର୍ ଭଳି ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକ ଏକ ଓ ଅଭିନ୍ନ ଭାବେ ପରିଚୟ ଦେଉଛନ୍ତି । ଦେଶରେ ୫୦ବର୍ଷ ଧରି ଶାସନ ଦାୟିତ୍ୱରେ ଥିବା କଂଗ୍ରେସ ଓ ଓଡିଶାରେ ୨୫ବର୍ଷ ଶାସନରେ ରହି ବିଜେଡି ଦଳ ଛାତ୍ରଛାତ୍ରୀଙ୍କ ପାଇଁ ସକାରାତ୍ମକ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ ବି କୌଣସି ପରିସ୍ଥିତିରେ ଦେଶବାସୀଙ୍କ ନିକଟରେ ଉତରଦାୟିତ୍ୱ ରହିନାହାନ୍ତି । ତେଣୁ ବିଜେଡି ଓ କଂଗ୍ରେସ ଭଳି ଦଳଙ୍କ ସାମ୍ପ୍ରତିକ ହୀନ ରାଜନୀତିର କଡା ଜବାବ ଭାରତୀୟ ଜନତା ପାର୍ଟି ଦେବ ବୋଲି ବିଧାୟକ ଶ୍ରୀ ଦତ ପ୍ରକାଶ କରିଛନ୍ତି । ରବି ନାରାୟଣ ମହାପାତ୍ର, ସିପ୍ରା ବାଜପେୟୀ, ପର୍ଶୁରାମ ବେହେରା, ସୁଷମା ରାଣୀ ବିଶ୍ୱାଳ, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ସତ୍ୟ ଶିବ ସୁନ୍ଦର ଦାଶ, ରୋକାଲିନ ପାଣି, ସସ୍ମିତା ନାଥ, ନିରୂପମା ଦାଶ, ନିତ୍ୟ ଗୋପାଳ ସିଂ, ଚିତରଞ୍ଜନ ପଣ୍ଡା, ଭାଗବତ ସାହୁ, ମୁନା ମହନ୍ତ, ପବନ କମିଲା, ପ୍ରତାପ ପ୍ରଧାନ, ଧୀରଜ ମହାନ୍ତି, କାହ୍ନୁ ମହାଲିକ, ରାଜେନ୍ଦ୍ର ଚାଟାର୍ଜି, ସୁଧାଂଶୁ ପଣ୍ଡା, ସୌଭାଗ୍ୟ ମାନସ ନାୟକ, ସର୍ବେଶ୍ୱର ମହାନ୍ତି, ରବି ପ୍ରଧାନ, କେଶବ ଆଚାର୍ଯ୍ୟ, କାର୍ତିକ ରାଉତ, ହରେନ୍ଦ୍ର ପ୍ରଧାନ, ମନୋରଞ୍ଜନ ନନ୍ଦୀ, ମନ୍ମୟ ଦାସ, ଉମେଶ ବେହେରା, ବିଜୟ ପୃଷ୍ଟି, ଜିତେନ୍ଦ୍ର ପରମାଣିକ, ଜୟନ୍ତ ସେଠି, ସସ୍ମିତା ଦାଶ, ସସ୍ମିତା ଶୁକ୍ଳ, ଶ୍ରୀୟା ଦାସ, ପ୍ରମୁଖ ଏହି ବିରୋଧ ପ୍ରଦର୍ଶନରେ ସାମିଲ ହୋଇ ବିଜେଡି ଓ କଂଗ୍ରେସ ଦଳ ସମେତ ଦିଲ୍ଲୀର ଅନୈତିକ ଆନ୍ଦୋଳନ ଉପରେ ବର୍ଷିଥିଲେ । ଶେଷରେ ବିଜେପି କର୍ମୀମାନେ ଲୋକସଭାରେ ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତଳିକା ଦାହ କରିଥିଲେ ।



# ମହାପ୍ରଭୁଙ୍କ ଲାଗି ୧୮୦ଫୁଟର ତୁଳସୀ ମାଳ



କଟକ(ନିପ୍ର): ପବିତ୍ର ବାହୁଡ଼ାରେ ପୁରୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ହୋଇ ରଥାରୂଢ଼ ହେବା ପରେ ତୁଳସୀ ଓ ଫୁଲ ମାଳ ସବୁ ରଥରେ ଲାଗି ହେବେ । ଇତ୍ୟ ଅବସରରେ କଟକ ସହରରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବକ ପ୍ରିୟରଞ୍ଜନ ରଥ ପବିତ୍ର ବାହୁଡ଼ା ଯାତ୍ରା ପାଇଁ ୧୮୦ ଫୁଟର ତୁଳସୀ ମାଳ, ୧୬୦ ଫୁଟର ପଦ୍ମ ମାଳ, ୧୫୦ ଫୁଟର ଗେଣ୍ଡୁ ମାଳ ନେଇ ସକାଳୁ କଟକରୁ ପୁରୀ ଅଭିମୁଖେ ଗଲେ । କିଛି ବର୍ଷ ହେବ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିମନ୍ତେ ରଥଯାତ୍ରା ଓ ବାହୁଡ଼ା ଯାତ୍ରାରେ କଟକ ସହରର ମହାପ୍ରଭୁଙ୍କ ଭକ୍ତଙ୍କ ଠାରୁ ତୁଳସୀ, ପଦ୍ମ, ଗେଣ୍ଡୁ ଫୁଲ ସଂଗ୍ରହ କରି ବାରଙ୍ଗ ଫଂଚୁପାଳରେ ମାଳ ହୋଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାଉଅଛି । ଏହି ଫୁଲ ଓ ତୁଳସୀ ସଂଗ୍ରହରେ ପ୍ରିୟରଞ୍ଜନ ରଥଙ୍କୁ ଜ୍ଞାନ ରଞ୍ଜନ ଦାସ ସହଯୋଗ କରିଥିଲେ

# ମହାପ୍ରଭୁଙ୍କ ଆଗରେ କୁନି ପ୍ରତିଭାଙ୍କ ଓଡ଼ଶୀ ନୃତ୍ୟରେ ବିଭୋର ହେଲେ ଭକ୍ତ ଓ ଭଗବାନ

ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ ଶୁକ୍ରବାର ଅପରାହ୍ନ ସାଢେ ପାଂଚଟା ସମୟରେ ତିନି ଠାକୁର ଜନ୍ମ ବେଦୀରୁ ରତ୍ନ ବେଦୀକୁ ଫେରିଛନ୍ତି । ଏହି ଅବସରରେ ମହାପ୍ରଭୁଙ୍କ ମାଉସି ମାଆ ମନ୍ଦିର ରଥ ଖଳାରେ ରଥା ରୁଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଅଗରେ ରେ କୁନି କୁନି ପ୍ରତିଭା ଙ୍କ ଓଡଶୀ ନୃତ୍ୟରେ ଭକ୍ତଙ୍କ ମନ ମୋହିଥିଲେ । ମହାପ୍ରଭୁ ବଡ଼ ଠାକୁର ବଡ଼ ଭାଇ ଓ ଭଉଣୀ ଙ୍କ ସହିତ ଜନ୍ମ ବେଦୀରେ ଦୀର୍ଘ ୯ ଦିନ ଲୀଳାଖେଳା ସାରି ବାହୁଡ଼ିଛନ୍ତି ବଡ଼ ଦେଉଳକୁ । ମାଉସୀ ମାଆ ମନ୍ଦିରରେ ଶ୍ରୀ ଜୀଉ ମାନଙ୍କର ସମସ୍ତ ରୀତିନୀତି ଶେଷ ହେବା ପରେ ତିନି ଠାକୁରଙ୍କୁ ଗୋଟି ପହଣ୍ଡିରେ ରଥାରୂଢ଼ କରାଯାଇ ଥିଲା । ପ୍ରଥମେ ଚକ୍ରରାଜ ସୁଦର୍ଶନ ପରେ ବଡ଼ଭାଇ



ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶେଷରେ ବଡ ଠାକୁର ଜଗନ୍ନାଥଙ୍କୁ ଗୋଟି ପହଣ୍ଡିରେ ରଥାରୂଢ କରାଯାଇଥିଲା । ଏହା କୁ ଦେଖିବା ପାଇଁ ହଜାର ହଜାର ଭକ୍ତ ମାଉସୀ ମନ୍ଦିର ରେ ଭିଡ଼ କରିବା ସହିତ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ କରିଥିଲେ । ଏହି ରଥାରୋଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଆଗରେ କୁନି ପ୍ରତିଭାଙ୍କ ଓଡ଼ଶୀ ନୃତ୍ୟ ଖୁବ ଆକର୍ଷଣୀୟ ଥିଲା । ଯାହାକି ବଡ଼ ଦେଉଳର ପ୍ରଚଳିତ ହୋଇ ଆସୁଥିବା ଦେବଦାସୀ ନୃତ୍ୟ କଥା ମନେ ପକାଇ ଦେଉଥିଲା । ମନ୍ଦିର ମୁଖ୍ୟ ପୂଜକ ବିଷ୍ଣୁ ଦାସ ପାଠୀ ତିନି ରଥରେ ଛେରା ପହଁରା କରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା । ପାଗ ପ୍ରତିକୂଳ ଥିଲେ ମଧ ବାଲିଆପାଳ ମାଉସୀ ମାଆ ମନ୍ଦିର ଠାରୁ ବାଲିଆପାଳ ବଡଦାଣ୍ଡ ଲୋକାରଣ୍ୟ ଦେଖିବାକୁ ମିଳିଥିଲା । ଜନ ସମୁଦ୍ର ମଧରେ ମହା ପ୍ରଭୁଙ୍କ ତିନି ରଥ ରାତ୍ରି ୮ଟାରେ ଶ୍ରଦ୍ଧାକ୍ଷେତ୍ର ସିମୁଳିଆ ବଜାରସ୍ଥିତ ରଥ ଖଳାରେ ପହଂଚିବା ପରେ ତିନି ଠାକୁରଙ୍କୁ ମନ୍ଦିରରେ ପ୍ରବେଶ କରାଯାଇଥିଲା । ମାତା ସୁଭଦ୍ରାଙ୍କ ରଥକୁ କେବଳ ମହିଳା ମାନେହିଁ ଟାଣିଥିଲେ । ବାହୁଡା ଯାତ୍ରାରେ ମନ୍ଦିର ପରିଚାଳନା କମିଟି ସଭାପତି ବ୍ରଜ କିଶୋର ଭୂୟାଁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ସଦସ୍ୟ ମଧୁ ସୁଦନ ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ, ପୂର୍ବତନ ସରପଂ ମଧୁସୂଦନ ବାରିକ, ମୁରଲୀ ମୋହନ ସାହୁ, ପ୍ରିୟନାଥ ସେଠୀ, ସୁଶାନ୍ତ ମହାପାତ୍ର, ସୁଶାନ୍ତ ଦାସ, ସତ୍ୟକାମ ମହାନ୍ତି ଙ୍କ ସହିତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ବାଲିଆପାଳ ଆଇ ଆଇ ସାଲ ଖାନ ମୁର୍ମୁ, ଏସ ଆଇ ଶୁଭସ୍ମିତା ପାଲ ଙ୍କ ସହିତ ବହୁ ଜିଲ୍ଲା ସ୍ତରୀୟ ପୋଲସ ବିଭାଗର ଉଚ୍ଚ ପଦସ୍ଥ ପଦାଧିକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

# ଯାତ୍ରୀମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରାଯାଇ ନିର୍ଦ୍ଧାରିତ ପ୍ରକଳ୍ପର ନକ୍ସା ଓ ସ୍ଥାନ ପରିବର୍ତ୍ତନ !

ଜଳେଶ୍ୱର(ନିପ୍ର): ଦକ୍ଷିଣ ପୂର୍ବ ରେଳପଥର ଓଡ଼ିଶାର ପ୍ରବେଶ ଦ୍ୱାର ଷ୍ଟେସନ ରୂପେ ଜଳେଶ୍ୱରକୁ ବୁଝାଏ । ବାଲେଶ୍ୱର ଜିଲ୍ଲାର ଦ୍ୱିତୀୟ ବୃହତମ ଷ୍ଟେସନ ପ୍ରତି ଏବେ ରେଳ କର୍ତ୍ତୃପକ୍ଷଙ୍କ ଅବହେଳା ଦିନକୁ ଦିନ ସ୍ପଷ୍ଟ ବାରି ହେଉଛି । ବାଲେଶ୍ୱର ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଗତ ୭/୧/୨୨ ତାରିଖରେ ଅପ୍ ଲାଇନ୍ ପାର୍ଶ୍ୱରେ ଏକ ନୂତନ ଷ୍ଟେସନ ବିଲ୍ଡିଙ୍ଗ ନିର୍ମାଣ ପାଇଁ ଶ୍ରୀ ବୈଷ୍ଣବ ସେଦିନ ସନ୍ଧ୍ୟା ୬ ଘଟିକା ସମୟରେ ଜଳେଶ୍ୱରରେ ପହଂଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପରେ ସେଠାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଦକ୍ଷିଣ ପୂର୍ବ ରେଳବାଇର ଜି.ଏମ୍ ଅର୍ଚ୍ଚନା ଯୋଶୀ ଓ ଖଡଗପୁର ଡିଭିଜନର ଡି.ଆର.ଏମ୍ ମନୋରଞ୍ଜନ ପ୍ରଧାନ ଓ ଅନ୍ୟ ଲୋକ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଏସ. ଇ . ଅ । ର / କ ନ / ଅର୍ଗାନାଇଜେସନ୍/ଏଚ.କ୍ୟୁ/ ଟେଣ୍ଡର/୪୧୩୪/୭୧୦୫ ତାରିଖ ୨୧/୧୧/୨୦୧୯ ଅନୁଯାୟୀ ପ୍ରାୟ ୮କୋଟି ଟଙ୍କା ମୂଲ୍ୟରେ ଏକ ନୂତନ ବିଲ୍ଡିଙ୍ଗ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ତଦନୁଯାୟୀ ୨ଟି ଲିଫ୍ଟ ନିର୍ମାଣ, ଫୁଟ ଓଭରବ୍ରିଜକୁ ଅପର ପାର୍ଶ୍ୱକୁ ସମ୍ପ୍ରସାରଣ କରିବା, ପ୍ଲାଟ ଫର୍ମ ଗୁଡ଼ିକ ଉଚ୍ଚତା କରିବା ସହିତ ସମ୍ପ୍ରସାରଣ କରିବା ଓ ସି.ସି.ଟି.ଭି କ୍ୟାମେରା ବ୍ୟବସ୍ଥା ସହିତ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପାର୍ସେଲ ଅଫିସ, କ୍ଲୋକ ରୁମ୍, ଷ୍ଟୋର, ପେ ଏଣ୍ଡ ୟୁଜ ଟଏଲେଟ୍, ପ୍ୟାନେଲ ରୁମ୍ ପ୍ରଭୃତି କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଆୟୋଜିତ ଉତ୍ସବରେ ଘୋଷଣା କରଯାଇଥିଲା । ପରବର୍ତ୍ତୀ ସମୟରେ ରେଳ ବିଭାଗର ଉଚ୍ଚ ଅଧିକାରୀ ମାନେ ଜଳେଶ୍ୱରକୁ ଆସି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ । ମାତ୍ର ଏବେ ଦୀର୍ଘ ୪ ବର୍ଷ ବିତି ଯାଇଥିଲେ ମଧ ଅପ୍ ଲାଇନ୍ ନିକଟରେ ତୃତୀୟ ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ ଆଳ ଦେଖାଇ ଉକ୍ତ ନକ୍ସାକୁ ପରିବର୍ତ୍ତନ କରାଯାଇ ନିର୍ଦ୍ଧାରିତ ସ୍ଥାନ ବଦଳରେ ନୂତନ ବିଲ୍ଡିଙ୍ଗ ନିର୍ମାଣ କାର୍ଯ୍ୟକୁ ପୁରୁଣା ଷ୍ଟେସନ ନିକଟରେ ଥିବା ସ୍ୱଳ୍ପ ସ୍ଥାନରେ ଆରମ୍ଭ କରାଯାଇଥିଲା । କେନ୍ଦ୍ର ରେଳ ମନ୍ତ୍ରୀଙ୍କ ଦ୍ୱାରା ଶୁଭ ଦିଆ ଯାଇଥିବା ଭିତି ପ୍ରସ୍ତର କାର୍ଯ୍ୟକୁ କାହାର ଚକ୍ରାନ୍ତ ବଳରେ ପୁରୁଣା ଷ୍ଟେସନ ନିକଟରେ ଦୀର୍ଘ ୪ ବର୍ଷ ଧରି କରାଯିବା ଘଟଣା ଜଳେଶ୍ୱର ବାସୀଙ୍କୁ ଦୁଃଖିତ ଓ ମର୍ମାହତ କରିଛି । ଯେଉଁ ଲକ୍ଷ୍ୟ ନେଇ ଜଳେଶ୍ୱର ଷ୍ଟେସନର ଅପର ପାର୍ଶ୍ୱରେ ପ୍ରାୟ ୫୦,୦୦୦ ଜନସାଧାରଣଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହି ପ୍ରକଳ୍ପର ଭିତପ୍ରସ୍ତର କରିଥିଲେ । ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଶିଳାନ୍ୟାସ ଫଳକ ମଧ ଏବେ ଷ୍ଟେସନ ନିକଟରେ ଦେଖା ଯାଉନାହିଁ । ଏହି ଅଭିଯୋଗ ସମ୍ପର୍କରେ ଜଳେଶ୍ୱର ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂଙ୍କୁ ଯୋଗାଯୋଗ କରିବାରୁ ସେ ଏପରି କୌଣସି ପ୍ରକଳ୍ପ ସମ୍ପର୍କରେ ଜାଣି ନାହାନ୍ତି କିମ୍ବା ତାଙ୍କ କାର୍ଯ୍ୟାଳୟରେ ମଧ କୌଣସି ରେକର୍ଡ ଉପଲବ୍ଧ ନାହିଁ ବୋଲି କହିଥିଲେ । ମାତ୍ର ରେଳ ମନ୍ତ୍ରୀଙ୍କ ଦ୍ୱାରା ଦିଆ ଯାଇଥିବା ଭିତି ପ୍ରସ୍ତର କାର୍ଯ୍ୟକୁ ଯଦି ଏପରି ଅବହେଳା କରାଯାଏ, ତେବେ ଅନ୍ୟ କାର୍ଯ୍ୟ କିପରି ହେଉଥିବ ତାହା ସହଜରେ ଅନୁମେୟ ବୋଲି ଚର୍ଚ୍ଚା ହେଉଛି । ତେଣୁ ଏହି ଅଭିଯୋଗ ସମ୍ପର୍କରେ ରେଳ ମନ୍ତ୍ରୀ ଓ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ଜନସାଧରଣଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିବା ସଙ୍ଗେ ଅପ ଲାଇନ୍ ନିକଟରେ ଏକ ବୁକିଂ କାଉଂଟର ଓ ଫୁଟ୍ ଓଭରବ୍ରିଜ୍ ସମ୍ପ୍ରସାରଣ କରିବା ପାଇଁ ଜଳେଶ୍ୱର ରେଳ ୟୁଜର୍ସ କମିଟି ସଭାପତି ସୁକୁମାର ରଣା, ଉପ ସଭାପତି ଅମର ନାଥ ଘୋଷାଲ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପାତ୍ର, ସହ ସମ୍ପାଦକ ବିଷ୍ଣୁପଦ ସେନାପତି, କୋଷାଧ୍ୟକ୍ଷ ଲୋକନାଥ ଧର, ସଭ୍ୟ ଅଶୋକ କୁମାର ମହାନ୍ତି, ପ୍ରତାପ ଚନ୍ଦ୍ର ନନ୍ଦୀ, ମନ୍ମଥ ରଣା, ସଭ୍ୟା ଆରତୀ ଦାସ ଏବଂ ଜଳେଶ୍ୱର ଡେଭଲେପମେଂଟ କମିଟି ସଭାପତି ଇ. ରତ୍ନାକର ରାୟଙ୍କ ସମେତ ଅନେକ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମାନେ ଦାବୀ କରିଛନ୍ତି ।

# ଓଡ଼ଗାଁ କେନାଲ ଛକ ରାସ୍ତା; ୩୦ ଗାଁବାସୀଙ୍କ ଦୁର୍ଦ୍ଦଶା, ପର୍ଯ୍ୟଟନ ଉପରେ ବି ପ୍ରଭାବ

ଓଡ଼ଗାଁ(ନିପ୍ର): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର କେନାଲ ଛକଠାରୁ ବୁଢାବୁଢିଆଣୀ ଡ୍ୟାମ ଆଡ଼କୁ ଯାଇଥିବା ସଡ଼କ ଦୀର୍ଘ ଦୁଇ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ିରହିଛି । କେନାଲ ଛକରୁ ମାତ୍ର ୫୦୦ ମିଟର ରାସ୍ତା ଖାଲଖମାରେ ଭରି ଯାଇଥିବା ବେଳେ ଏହାର ମରାମତି ପାଇଁ ଏପର୍ଯ୍ୟନ୍ତ ମାଟି ମୁଠେ ମଧ ପଡ଼ିନାହିଁ । ଫଳରେ ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରୁଥିବା ହଜାର ହଜାର ଲୋକ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତାଟି ପ୍ରାୟ ୩୦ଟି ଗ୍ରାମର ପ୍ରବେଶ ପଥ ହୋଇଥିବାରୁ ଏହାର ଗୁରୁତ୍ୱ ବହୁତ ଅଧିକ । ସ୍ଥାନୀୟ ଲୋକଙ୍କ ସହ ପ୍ରତିଦିନ ଅନେକ ପର୍ଯ୍ୟଟକ ମଧ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । କାରଣ ଏହି ସଡ଼କ ଦେଇ ଜିଲ୍ଲାର ଦୁଇଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ବୁଢା ବୁଢିଆଣୀ ଡ୍ୟାମ ଏବଂ ବରକନ୍ୟା ଜଳପ୍ରପାତକୁ ସଂଯୋଗ କରାଯାଇଛି । ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ପର୍ଯ୍ୟଟକମାନେ ମଧ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅଂଚଳର ପର୍ଯ୍ୟଟନ ବିକାଶ ଉପରେ ମଧ ପ୍ରତିକୂଳ ପ୍ରଭାବ ପଡୁଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ରାସ୍ତା ଦେଇ ବିଭିନ୍ନ ସମୟରେ ଜନପ୍ରତିନିଧି, ମନ୍ତ୍ରୀ ଓ ସରକାରୀ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ ରାସ୍ତାର ଦୁରବସ୍ଥା ପ୍ରତି କାହାରି ଦୃଷ୍ଟି ପଡୁନାହିଁ । ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନ ଥିବାରୁ ଅଂଚଳବାସୀଙ୍କ ମଧରେ ଅସନ୍ତୋଷ ବଢ଼ିଛି । ବର୍ଷା ଋତୁରେ ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ ହୋଇପଡୁଥିବାରୁ ଦୁର୍ଘଟଣାର ଆଶଙ୍କା ମଧ ବଢ଼ିଯାଇଛି । ଏପରି ପରିସ୍ଥିତିରେ ଯଥାଶୀଘ୍ର କେନାଲ ଛକରୁ ଆରମ୍ଭ ହୋଇଥିବା ଏହି ମୁଖ୍ୟ ପ୍ରବେଶ ପଥର ପୁନଃନିର୍ମାଣ ଓ ସ୍ଥାୟୀ ମରାମତି କରାଯାଉ ବୋଲି ୩୦ଟି ଗାଁର ଅଂଚଳବାସୀ ପ୍ରଶାସନ ଓ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି । ବିଳମ୍ବ ହେଲେ ଆଗାମୀ ଦିନରେ ଜନଆନ୍ଦୋଳନ ଗଢ଼ିଉଠିବାର ସମ୍ଭାବନା ଥିବା ନେଇ ମଧ ସ୍ଥାନୀୟ ଲୋକ ସତର୍କ କରାଇଛନ୍ତି ।


## ଖଡ଼ଗପୁର ଡିଭିଜନରେ ଏସି ୱେଟିଂ ହଲ୍, ବିବିଧ ଷ୍ଟାଟିକ୍ ସେବା ଏବଂ ପେ ଏବଂ ବ୍ୟବହାର ଶୌଚାଳୟ ଚୁକ୍ତିନାମା ପାଇଁ ଇ-ନିଲାମ ନୋଟିସ୍

**ଇ-ନିଲାମ ନୋଟିସ୍ ନମ୍ବର କେଜିପି/ପିଏନ୍ୟୁ-ଏମ୍ଏସ୍ଏସ୍/୨୦୨୬/୮ ତାରିଖ ୨୩.୦୭.୨୦୨୬**

ଭାରତୀୟ ସଂଘର ସଭାପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନର ବରିଷ୍ଠ ବାଣିଜ୍ୟିକ ପରିଚାଳକ, ଦୀଘାରେ କ୍ଲକ୍ ରୁମ୍ ପରିଚାଳନା ସହିତ ଇଉ ପେଡ୍ ଲାଉଞ୍ଜ ଏବଂ ଏସ୍ ଏଣ୍ଡ ଟି ସର୍ଭର ରୁମ୍ ଏବଂ ଶାଲିମାର ରେଳ ଷ୍ଟେସନର ବିଦ୍ୟମାନ ଏସି ୱେଟିଂ ହଲ୍ ମଧ୍ୟରେ ଭୂତଳ ମହଲାରେ ଇଉ ୱେଟିଂ ହଲ୍ ପାଇଁ ୫ (ପାଂଚ) ବର୍ଷ ପାଇଁ ଇ-ନିଲାମ ଆମନ୍ତ୍ରଣ କରୁଛନ୍ତି । ନିଲାମ କ୍ୟାଟାଲଗ୍ ନମ୍ବର: ପିଏନ୍ୟୁ-କେଜିପି-ଏସିଡବ୍ଲୁଆରଏଲ୍-୪, ନିଲାମ ତାରିଖ-୧୦.୦୮.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ଯଥାକ୍ରମେ ୧୧:୦୦ ଏବଂ ୧୧:୪୦ ଘଂଟା । ଦୀଘା ରେଳ ଷ୍ଟେସନ କୋଠା ସଂଲଗ୍ନ ଡିଜିଟାଲ୍ ଲକରଗୁଡ଼ିକର ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ୩ (ତିନି) ବର୍ଷ ପାଇଁ ଚୁକ୍ତି । ନିଲାମ ତାଲିକା ନମ୍ବର: ଏମ୍ଏସ୍ଏସ୍-କେଜିପି-ଡିଜିଏଲଓସିକେ୪, ନିଲାମ ତାରିଖ-୧୦.୦୮.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ଯଥାକ୍ରମେ ୧୩:୩୦ ଏବଂ ୧୪:୦୦ ଘଂଟା । ବାରିପଦାର ନୂତନ ଷ୍ଟେସନ କୋଠାରେ ଅବସ୍ଥିତ ସାଧାରଣ ପେ ଆଣ୍ଡ ୟୁଜ୍ ଟଏଲେଟ୍ ୟୁନିଟ୍ ?ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଚୁକ୍ତିନାମା, ଉତର ପାର୍ଶ୍ୱ ପୁରୁଣା ବୁକିଂ ଅଫିସ୍ ନିକଟରେ ଏବଂ ସାନ୍ତ୍ରାଗାଛିରେ ଉତର ପାର୍ଶ୍ୱ ପାର୍କିଂ ନିକଟରେ, ଶାଲିମାରର ଗଙ୍ଗା ସୀମା ଆଡ଼କୁ ଚର ନମ୍ବର ୦୧, ସାନ୍ତ୍ରାଗାଛିରେ ଏଫ୍ଓବି ଲ୍ୟାଣ୍ଡିଂ ଏବଂ ସବୱେ ମଧ୍ୟରେ ନୂତନ ଷ୍ଟେସନ କୋଠାରେ (ହାୱଡ଼ା ସୀମା ଆଡ଼କୁ), ସାନ୍ତ୍ରାଗାଛିରେ ପ୍ଲାଟଫର୍ମ ୬/୭ ଉପରେ ପେ ଆଣ୍ଡ ୟୁଜ୍ ଟଏଲେଟ୍ ବ୍ଲକ-୧ (ଓଏଚ୍ଇ ମାଷ୍ଟ ନମ୍ବର ୭/୩୮ଇ ନିକଟରେ) ଏବଂ ବ୍ଲକ-୨ (ଓଏଚ୍ଇ ମାଷ୍ଟ ନମ୍ବର ୭/୩୪ଇ ନିକଟରେ), ଖଡ଼ଗପୁରରେ ଦକ୍ଷିଣ ପାର୍ଶ୍ୱ ବୁକିଂ ଅଫିସ୍ ନିକଟରେ ଏବଂ ଘାଟସିଲା ରେଳ ଷ୍ଟେସନର ପ୍ଲାଟଫର୍ମ ୧ (ଟାଟା ଏଣ୍ଡ) ୩ (ତିନି) ବର୍ଷ ପାଇଁ । ନିଲାମ ତାଲିକା ନମ୍ବର: ପିଏନ୍ୟୁଟିଓଆଇ-କେଜିପି୨୬-୬, ନିଲାମ ତାରିଖ-୧୧.୦୮.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ଯଥାକ୍ରମେ ୧୧:୦୦ ଏବଂ ୧୨:୩୦ ଘଂଟା । ଶାଲିମାର ରେଳ ଷ୍ଟେସନରେ ୦୩ ବର୍ଷ ପାଇଁ ୦୨ଟି ବ୍ୟାଟେରୀ ଚାଳିତ କାର୍ଟର ଯୋଗାଣ ଏବଂ ପରିଚାଳନା । ନିଲାମ ତାଲିକା ନମ୍ବର: ଏମ୍ଏସ୍ଏସ୍-କେଜିପି-ବିଓସି-୧, ନିଲାମ ତାରିଖ ୧୧.୦୬.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ୧୪:୦୦ ଏବଂ ୧୪:୩୦ ଘଂଟା । ୩ (ତିନି) ବର୍ଷ ପାଇଁ ସାନ୍ତ୍ରାଗାଛି ନୂତନ ଷ୍ଟେସନ ବିଲଡିଂର ୧ ମହଲା, ଶାଲିମାର ଷ୍ଟେସନ ବିଲଡିଂର ଭୂତଳ ମହଲା ଏବଂ ଖଡଗପୁର ରେଳ ଷ୍ଟେସନର ପିଏଫ୍ ନମ୍ବର ୩/୪ ରେ ସେଲୁନ ସେବାର ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତି । ନିଲାମ ତାଲିକା ନମ୍ବର: ଏମ୍ଏସ୍ଏସ୍-କେଜିପି-ସାଲୋନ-୯, ନିଲାମ ତାରିଖ ୧୨.୦୮.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ୧୧:୦୦ ଏବଂ ୧୧:୫୦ ଘଂଟା । ୩ (ତିନି) ବର୍ଷ ପାଇଁ ପାଂସକୁରାର ଚର-୩/୪ ଏବଂ ମେଚେଡା ରେଳ ଷ୍ଟେସନର ପିଏଫ୍-୩/୪ ରେ ଆରାମ ଚେୟାର/ଗୁଡ଼ିକର ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତି । ନିଲାମ ତାଲିକା ନମ୍ବର: ଏମ୍ଏସ୍ଏସ୍-କେଜିପି-ଏମ୍ଓବିଏଲ୍-୮, ନିଲାମ ତାରିଖ -୧୩.୦୮.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ଯଥାକ୍ରମେ ୧୧:୦୦ ଏବଂ ୧୧:୪୦ ଘଂଟା । ଦୀଘା ରେଳ ଷ୍ଟେସନ କୋଠା ସଂଲଗ୍ନ ମେଚେଡାର ପିଏଫ୍-୧/୨, ଜଳେଶ୍ୱରର ଚର-୨/୩, ସାନ୍ତରାଗାଛିର ନୂତନ ଷ୍ଟେସନ କୋଠାର ଭୂତଳ ମହଲା, ପାଂସକୁରାର ପିଏଫ୍-୫/୬ ଏବଂ ଶାଲିମାର ଷ୍ଟେସନ କୋଠାର ଭୂତଳ ମହଲାରେ ୩ (ତିନି) ବର୍ଷ ପାଇଁ ମୋବାଇଲ୍ ଏବଂ ଆସେସୋରିଜ୍ କିଓସ୍କ ସ୍ଥାପନ ଏବଂ ପରିଚାଳନା ପାଇଁ ଚୁକ୍ତି । ନିଲାମ ତାଲିକା ନମ୍ବର: ଗଝଝ-କଏଚ-ଗଡଈଖ-୮, ନିଲାମ ତାରିଖ-୧୪.୦୮.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ଯଥାକ୍ରମେ ୧୧:୦୦ ଏବଂ ୧୨:୨୦ ଘଂଟା । ୩ (ତିନି) ବର୍ଷ ପାଇଁ ପାଂସକୁରାର ପିଏଫ୍-୫/୬ ଏବଂ ମେଚେଡା ରେଳ ଷ୍ଟେସନର ଚର-୩/୪ ରେ ପୂଜା ସମାଗ୍ରୀ କିଓସ୍କ ସ୍ଥାପନ ଏବଂ ପରିଚାଳନା ପାଇଁ ଚୁକ୍ତି । ନିଲାମ ତାଲିକା ନମ୍ବର: ଏମ୍ଏସ୍ଏସ୍-କେଜିପି-ପୋଜା-୮, ନିଲାମ ତାରିଖ ୧୭.୦୮.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ଯଥାକ୍ରମେ ୧୧:୦୦ ଏବଂ ୧୧:୪୦ ଘଂଟା । ସାନ୍ତ୍ରାଗାଛି ନୂତନ ଷ୍ଟେସନ କୋଠାର ଭୂମି ମହଲାରେ ପ୍ରମୋସନାଲ୍ କିଓସ୍କ ସ୍ଥାପନ ଏବଂ ପରିଚାଳନା ପାଇଁ ଚୁକ୍ତି, ପାଂସକୁରା ରେଳ ଷ୍ଟେସନର ଚର-୩/୪ ଏବଂ ଶାଲିମାର ଷ୍ଟେସନ କୋଠାର ଭୂମି ମହଲାରେ ୩ (ତିନି) ବର୍ଷ ପାଇଁ । ନିଲାମ ତାଲିକା ନମ୍ବର: ଏମ୍ଏସ୍ଏସ୍-କେଜିପି-ପ୍ରୋମ-୮, ନିଲାମ ତାରିଖ ୧୮.୦୮.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ଯଥାକ୍ରମେ ୧୧:୦୦ ଏବଂ ୧୧:୫୦ ଘଂଟା । ଶାଲିମାର ଏବଂ ସାନ୍ତ୍ରାଗାଛି ରେଳ ଷ୍ଟେସନରେ ଜରୁରୀକାଳୀନ ଚିକିତ୍ସା କକ୍ଷ (ଇଏମ୍ଆର) ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତି ୩ (ତିନି) ବର୍ଷ ପାଇଁ । ନିଲାମ ତାଲିକା ସଂଖ୍ୟା: ଏମ୍ଏସ୍ଏସ୍-କେଜିପି-ଇଏମ୍ଆର-୩, ନିଲାମ ତାରିଖ-୧୯.୦୮.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ଯଥାକ୍ରମେ ୧୧:୦୦ ଏବଂ ୧୧:୪୦ ଘଂଟା । ଯାହା https://www.ireps.gov.in/ ୱେବସାଇଟରେ ସୂଚିତ କରାଯାଇଛି । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏହା ଉପରେ ଧ୍ୟାନ ଦିଅନ୍ତୁ ଏବଂ ଇ-ନିଲାମ ନୋଟିସ ବିଷୟରେ ବିବରଣୀ ଏବଂ ସମ୍ବନ୍ଧୀୟ ସୂଚନା ପାଇଁ ଉପରେ ଉଲ୍ଲେଖିତ ୱେବସାଇଟ୍ ଦେଖନ୍ତୁ । ଯଦି କୌଣସି ପ୍ରଶ୍ନ/ସ୍ପଷ୍ଟୀକରଣ ଥାଏ, ଦୟାକରି ନିମ୍ନସ୍ୱାକ୍ଷରିତଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-518) **ବରିଷ୍ଠ ବିଭାଗୀୟ ବାଣିଜ୍ୟିକ ପରିଚାଳକ/ଖଡ଼ଗପୁର**

**ଦକ୍ଷିଣପୂର୍ବ ରେଳପଥ**
*ସହର୍ଷେ ସମସ୍ତଙ୍କ ସେବାରେ*


## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସୋର(ନିପ୍ର): ସୋର ପୌରପାଳିକା ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପୌରପାଳିକା ପାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ବିଶେଷଜ୍ଞ ଡ଼ାକ୍ତର ଭାବେ ମେଡ଼ିସିନରେ ସୁବାଷ ଦାସ, ଅସ୍ଥିଶଲ୍ୟ ବିଭାଗରେ ଶୁଭମ ଚୌଧୁରୀ, ଚକ୍ଷୁ ବିଭାଗରେ ସୁଜିକ୍ତ ନାରାୟଣ ମହାପାତ୍ର ଓ ମାନସିକ ବିକାରଗ୍ରସ୍ତ ବିଭାଗରେ ବ୍ରଜକିଶୋର ଗିରିଙ୍କ ଦ୍ୱାରା ଭିନ୍ନକ୍ଷମ ମାନଙ୍କର ଶାରିରୀକ ପରୀକ୍ଷା କରାଯାଇଜ ଥିଲା । ମୋଟ ୧୦୬ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ଚକ୍ଷୁ ବିଭାଗର ୧୭ଜଣ, ମାନସିକ ବିକାରଗ୍ରସ୍ତ ୧୨ଜଣ ଓ ଅସ୍ଥିଶଲ୍ୟ ବିଭାଗର ୭୭ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡିଛି ।

# ଭଏସ ଅଫ୍ ମେଡିଆର ସମ୍ବର୍ଦ୍ଧନା ଉତ୍ସବ

କଟକ(ନିପ୍ର): ଅନ୍ତଃରାଷ୍ଟ୍ରୀୟ ସାମ୍ବାଦିକ ସଙ୍ଘ ଭଏସ ଅଫ ମେଡ଼ିଆର ଓଡିଶା ପ୍ରଦେଶ ଶାଖା ସଙ୍ଘର ସଭାପତି ଡ଼. ପ୍ରଭାତ କୁମାର ମିଶ୍ରଙ୍କୁ ସଙ୍ଘ ମୁଖ୍ୟାଳୟ ତରଫରୁ ରାଷ୍ଟ୍ରୀୟ ପୂର୍ବାଂଚଳ ସଭାପତି ରୂପେ ଚୟନ କରାଯାଇଛି । ପୂର୍ବରୁ ଓଡିଶା ପ୍ରଦେଶ ର ନେତୃତ୍ୱ ନେଉଥିବା ବେଳେ ବର୍ତ୍ତମାନର କାର୍ଯ୍ୟଭାର ଅନୁଯାୟୀ ଓଡିଶା ସମେତ ଅନ୍ୟ ସାତୋଟି ପ୍ରଦେଶ ବା ରାଜ୍ୟ ର ନେତୃତ୍ୱର ଦାୟିତ୍ୱ ଶ୍ରୀ ମିଶ୍ରଙ୍କୁ ଦିଆ ଯାଇଛି । ଏହି ପରିପ୍ରେକ୍ଷୀରେ କଟକସ୍ଥିତ ଦୟାନିଧି ସାରସତ୍ୱ ଭବନ ପରିସରରେ କଟକ ଜିଲ୍ଲା



ଭଏସ୍ ଓଫ୍ ମିଡ଼ିଆର ଏକ ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ଆଲୋଚନା ଏବଂ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇ, ଶ୍ରୀ ମିଶ୍ରଙ୍କୁ ଅଭିନନ୍ଦନର ବାର୍ତ୍ତା ସହ ସମ୍ବର୍ଦ୍ଧିତ କରାଯାଇଛି । ଏହି ବୈଠକରେ ରାଜ୍ୟ ତଥା ପୂର୍ବାଂଚଳ ର ସଭାପତି ଡ଼. ପ୍ରଭାତ କୁମାର ମିଶ୍ର ଙ୍କ ସହ ଇଞ୍ଜିନିୟର ଗିରିଜା ଶଙ୍କର ପତି, ରାଜ୍ୟ ସଂଯୋଜକ ପୁର୍ଣ୍ଣେନ୍ଦୁ ନାୟକ, ଜିଲ୍ଲା ସଭାପତି ଅନିଲ ଦାସ, ରାଷ୍ଟ୍ରୀୟ କିସାନ ସଙ୍ଘର ସାଧାରଣ ସମ୍ପାଦକ ଦେବୀପ୍ରସାଦ ପତି, ଜିଲ୍ଲା ସମ୍ପାଦକ ସୁଶାନ୍ତ କୁମାର ନାୟକ, ପରିବେଶବିତ୍ ଧନେଶ୍ୱର ବିଧାର, ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ବିଭିନ୍ନ ଅଂଚଳରୁ ସାମ୍ବାଦିକ ମାନେ ଯୋଗ ଦେଇ ଥିଲେ । ଜିଲ୍ଲା ସଙ୍ଘ ତରଫରୁ ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧରେ ମାନସ ରଞ୍ଜନ ସାହୁ, ସହଦେବ ମାଝୀ, କାଳନ୍ଦୀ ବ୍ରହ୍ମା, ଦାମୋଦର ବେଉରା, ସଞ୍ଜୟ , ସନ୍ତୋଷ, ଅମନ୍ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଶ୍ରୀ ଜଗନ୍ନାଥ ମନ୍ଦିର ର ବାହୁଡ଼ା ଯାତ୍ରା

ସୋର(ନିପ୍ର): ସୋର ବ୍ଲକ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିର ର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ମହା ସମାରୋହରେ ସମ୍ପନ୍ନ ହୋଇ ଯାଇଛି, ସକାଳୁ ଜୀଉମାନଙ୍କ ନୀତି କାନ୍ତି ସରିଲା ପରେ, ଚିତୋଳ ଭାଗବତ ଗାଦି ମନ୍ଦିରରୁ ବିରାଟ ପଟୁଆର ରେ ଆଜ୍ଞାମାଳ ଓ ତୁଳସୀଭାର ଆସି ମାଉସୀ ମା ମନ୍ଦିର ଅନନ୍ତପୁର ମା ତାରିଣୀ ମନ୍ଦିର ରେ ପହଂଚିଥିଲା, ପରେ ଜୀଉ ମାନଙ୍କୁ ଗୋଟି ପହଣ୍ଡି ରେ ରଥାରୁଢ଼ କରାଗଲା ଏବଂ ବରିଷ୍ଠ ସେବାୟତ ବିଜୟକୁମାର କର ରଥରେ ଛେରାପହଁରା କରି ଥିଲେ, ଅପରାହ୍ନ ୪ ଟା ରେ ଶଙ୍ଖ, ଘଂଟ ଘଂଟା ସଂକୀର୍ତ୍ତନ, ବାଜା ଜୟ ଜଗନ୍ନାଥ ଧ୍ୱନି ମଧ୍ୟ ରେ ରଥଟଣା ଆରମ୍ଭ ହୋଇ ଥିଲା, ବାଟରେ ମା' ମଙ୍ଗଳା ମନ୍ଦିର ନିକଟରେ ରଥ ଅଟିକିଥିଲା, ସେଠାରେ ପୂଜା ଅର୍ଚ୍ଚନା ପରେ ରଥ ଟଣା ହୋଇଥିଲା । ରଥରୁ ଧାରା ବିବରଣୀ ନକୁଳ ଚରଣ କର ପ୍ରଦାନ କରିଥିଲେ ସନ୍ଧ୍ୟା ସୁଦ୍ଧା ରଥ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଂଚିଥିଲା ସୁନା ବେଶ, ଅଧରପଣା ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମାନେ ରଥ ଉପରେ ଶ୍ରୀ ଜୀଉ ମାନଙ୍କୁ ଦର୍ଶନ କରିପାରିବେ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନବଦିନାତ୍ମକ ଯାତ୍ରାଟି ପ୍ରଶାସନ, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ସେବାୟତ, ତାରିଣୀ ମନ୍ଦିର କମିଟି ଜନସାଧାରଣ ଓ ସ୍ୱେଚ୍ଛାସେବୀ ମାନଙ୍କ ପୂର୍ଣ୍ଣ ସହଯୋଗରେ ସମ୍ପୂର୍ଣ୍ଣ ହୋଇଥିଲା ।

# ଲଗାଣ ବର୍ଷା ଫଳରେ ରାସ୍ତା ମଝିରେ ପଡ଼ିଛି ଗଛ: ଧାନ ତଳି ବୁଡିଲା

ସୋର(ନିପ୍ର): ଲଗାଣ ବର୍ଷାରେ ସୋର ଅଂଚଳର ସବିରା, ତଳନଗର ପଂଚାୟତ ସହିତ ସୋରର ବିଭିନ୍ନ ଅଂଚଳ ଜଳମଗ୍ନ ହୋଇଛି । କେତେକ ସ୍ଥାନରେ ରାସ୍ତାରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ଓ ଅଧିକାଂଶ ଧାନ ତଳି ବୁଡି ଯାଇଛି । ସୋର ବ୍ଲକ ରେ ସାବିରା ପଂଚାୟତର ସବିରାରୁ ସୋର ଯିବା ମୁଖ୍ୟ ରାସ୍ତା କୋହ୍ଲା ଛକ ଠାରେ ଏକ ବିରାଟ ପୁରୁଣା ବରଗଛ ରାସ୍ତା ମଝିରେ ପଡ଼ିଥିବା ଦେଖିବାକୁ ମିଳିଛି ତେଣୁ ଯିବାଆସିବା ପାଇଁ ଅସୁବିଧାରେ ଜନସାଧାରଣ ସମ୍ମୁଖୀନ ହେଉଛନ୍ତି । ଖବର ପାଇ ସୋର ଦମକଳ ବାହିନୀ ଘଟଣାସ୍ଥଳେର ପହଂଚି ଉକ୍ତ ଗଛକୁ କାଟି ରାସ୍ତାରୁ ବାହାର କରିଥିବା ଦେଖିବାକୁ ମିଳିଛି । ଏହା ସହିତ ଲଗାଣ ବର୍ଷାରେ ଏହି ଅଂଚଳରେ ଚାଷୀମାନେ ପକାଇ ଥିବା ଧାନ ତଳି ଗୁଡ଼ିକ ବୁଡି ଯିବାରୁ ପଚି ଯିବାର ଆଶଙ୍କା କରା ଯାଇଛି । ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଆସନ୍ତା ୨୪ ଘଂଟା ପର୍ଯ୍ୟନ୍ତ ସକ୍ରିୟ ରହିବ, ଯାହାର ପ୍ରଭାବରେ ଗତରାତିରୁ ବର୍ଷା ଲାଗି ରହିଥବା ବେଳେ ଆହୁରି ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଉପଯୁକ୍ତ ପଦେକ୍ଷପ ନେବା ସହିତ ଚାଷୀମାନଙ୍କୁ ଧାନ ତଳି ଯୋଗାଇବା ପାଇଁ କୃଷି ବିଭାଗ ପ୍ରସ୍ତୁତ ରହିବା ପାଇଁ ଚାଷୀମାନେ ମତ ଦେଇଛନ୍ତି ।











ସମୟ କଥା କହିପାରି ନ ଥାଏ ଏହା ସତ୍ୟ, କିନ୍ତୁ ଠିକ୍ ସମୟ କିଏ ପର କିଏ ଆପଣାର ତାହା ସୂଚନା ଦେଇଥାଏ ।

# ଆଜିକାଲି



ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।
ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହ କିଂ କରିଷ୍ୟତି ॥
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ସମସ୍ତ ପ୍ରାଣୀ ନିଜ ସ୍ୱଭାବର ପରବଶ ହୋଇ କର୍ମ କରନ୍ତି। ଜ୍ଞାନବାନ୍ ବ୍ୟକ୍ତି ମଧ୍ୟ ନିଜ ଅନୁସାରେ ଚେଷ୍ଟା କରନ୍ତି । ଏଣୁ ଏଥିରେ କାହାର ଜିଦ୍ ବା କ'ଣ କରିପାରିବ ?

## ଛାତ୍ରଙ୍କ ଭବିଷ୍ୟତକୁ ଲକ୍ଷ୍ୟ ରଖି ସର୍ବୋଚ୍ଚ ପ୍ରାଥମିକତା

ଶିକ୍ଷା ହେଉଛି ସଂସ୍କୃତିର ମୁଖ୍ୟ ଉପାଦାନ । ଯାହାକି ଶିକ୍ଷାର୍ଥୀମାନଙ୍କୁ ଜ୍ଞାନର ବ୍ୟକ୍ତିତ୍ୱ, ନମ୍ର, ସମ୍ବେଦନଶୀଳ ଓ ଦାୟିତ୍ୱବାନ ମଣିଷ ରୂପେ ପରିଣତ କରାଏ । ଶିକ୍ଷା ହେଉଛି ଶ୍ରେଷ୍ଠ ସଶକ୍ତିକରଣ ଏବଂ ରାଷ୍ଟ୍ର ନିର୍ମାଣର ଅନ୍ୟତମ ଧ୍ୱଜା । ଶିକ୍ଷାର ମୂଳପିଣ୍ଡରେ ଥାଏ ପିଲାମାନଙ୍କର ଆଗ୍ରହ ଓ ଶିକ୍ଷକଙ୍କ ପାରଦର୍ଶିତା ଓ ନିଷ୍ଠା । ଶିକ୍ଷକମାନେ ଶିକ୍ଷା ପ୍ରଦାନ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ଜୀବନକୁ ମୂଲ୍ୟଯୁକ୍ତ ଓ ଅର୍ଥପୂର୍ଣ୍ଣ କରିଥାଆନ୍ତି। ଶିକ୍ଷା ଯେ କେବଳ ଜବରଦସ୍ତ ଭାବେ ଘୋଷି ମୁଣ୍ଡକୁ ଜାମ୍ କରିବା ଅର୍ଥ ନୁହେଁ ବରଂ ଛାତ୍ରଛାତ୍ରୀ ମାନଙ୍କ ସୃଜନଶକ୍ତି, କଳ୍ପନା ଶକ୍ତି, ଆତ୍ମବିଶ୍ୱାସକୁ ବୃଦ୍ଧି କରିବାକୁ ବୁଝାଇଥାଏ । କେବଳ ସେତିକି ନୁହେଁ ପାଠ ପଢ଼ିବା ଦ୍ୱାରା ଜ୍ଞାନ ବୃଦ୍ଧି ହୋଇଥାଏ ତତ୍‌ସହିତ ନିଜେ ଏବଂ ପରିବାରକୁ ପ୍ରତିପୋଷଣ କରିବାର ପଥ ଦେଖାଇଥାଏ । ଶିକ୍ଷା ହେଉଛି ପବିତ୍ରତା । ପୂର୍ବରୁ ଶିକ୍ଷା ବା ବିଦ୍ୟାକୁ ସର୍ବୋଚ୍ଚ ପାହ୍ୟା ଦିଆଯାଇଥିବା ବେଳେ ବର୍ତ୍ତମାନ ଶିକ୍ଷାକୁ ନେଇ ଯେଉଁଭଳି ଭାବେ ବ୍ୟବସାୟ କରାଯାଉଛି ତାହା ପିଲାମାନଙ୍କ ଭବିଷ୍ୟତକୁ ସତରେ ଅନ୍ଧକାରକୁ ଠେଲି ଦେବା ଭଳି ମନେ ହେଉଛି । କହିବା ବାହୁଲ୍ୟ ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେବା ଲଜ୍ୟାକର ବିଷୟ । କେବଳ ନିଟ୍ ନୁହେଁ ଅନ୍ୟାନ୍ୟ ପରୀକ୍ଷା ମାନଙ୍କରେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟହେବା ଦେଖାଦେଇଛି । ଯଦ୍ୱାରା ପିଲାମାନଙ୍କ ଭବିଷ୍ୟତକୁ ଆମେ କେଉଁଭଳି ଭାବେ ପରିଚାଳିତ କରୁଛୁ ତାହା ନିଜକୁ ନିଜେ ଭାବିଲେ ହୁଏତ ଠିକ୍ ଭୁଲର ବିଚାର କରିପାରିବା । ଏସବୁକୁ ଲକ୍ଷ୍ୟ କରି କେନ୍ଦ୍ର ସରକାର ଦେଶର ଛାତ୍ରଛାତ୍ରୀଙ୍କ କଲ୍ୟାଣ ଓ ଭବିଷ୍ୟତକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସଂପୃକ୍ତ ଲୋକଙ୍କୁ ଦଣ୍ଡ ଦେବା ପାଇଁ ସରକାର ଫାଷ୍ଟଟ୍ରାକ କୋର୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତି ନେଇଛନ୍ତି । ଛାତ୍ରଛାତ୍ରୀ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ନେଇଥିବା ଏଭଳି ନିଷ୍ପତି ସତରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପ୍ରଶ୍ନପତ୍ର ପ୍ରଘଟ ହେବା ଯୋଗୁଁ ଛାତ୍ରଛାତ୍ରୀମାନେ ଦୁଃଖରେ ମ୍ରିୟମାଣ ହେବା ସହ ନିଜକୁ ନିଜେ ନିୟନ୍ତ୍ର ବାହାରେ ହୋଇ ଯାଆନ୍ତି ଏଏବଂ କେହିକେହି ଏହାକୁ ଶକ୍ତଧକ୍କା ଭାବି ଆତ୍ମହତ୍ୟା ଭଳି ପଦକ୍ଷେପ ଗ୍ରହଣ କରିଥାଆନ୍ତି । ଯାହାକି ପରିତାପର ବିଷୟ । ତେବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇ ଯେପରି ଭୁଲ୍‌ର ପୁନରାବୃତି ନ କରନ୍ତି ସେଥିପ୍ରତି ଧ୍ୟାନ ଦିଆଗଲେ ହୁଏତ ପିଲାମାନଙ୍କର ଭବିଷ୍ୟତ ଏବଂ ଜୀବନ ନିଶ୍ଚିତ ଭାବେ ସୁରକ୍ଷିତ ରହିପାରିବ ଏଥିରେ ଦ୍ୱିମତ ହେବାର ନାହିଁ ।

## ହରିଶୟନ ଏକାଦଶୀ (ପୁରୁଷୋତମୀ ଏକାଦଶୀ)

◆ ଅଜୟ କୁମାର ବେହେରା



ଆଷାଢ଼ ଶୁକ୍ଳ ପକ୍ଷ ଏକାଦଶୀକୁ ଦେବଶୟନୀ ଏକାଦଶୀ କୁହାଯାଏ । ଏହାକୁ ମଧ କେହି କେହି 'ପଦ୍ମାନାଭା' କହନ୍ତି । ଏହି ଦିନଠାରୁ ଚତୁର୍ମାସ୍ୟା ଆରମ୍ଭ ହୋଇ ଯାଇଥାଏ । ଏହି ଦିନଠାରୁ ଚାରିମାସ ପର୍ଯ୍ୟନ୍ତ ଭଗବାନ ବିଷ୍ଣୁ କ୍ଷୀର - ସାଗରରେ ଶୟନ କରନ୍ତି । ପୁରାଣ ମତରେ ଭଗବାନ ବିଷ୍ଣୁ ଆଷା ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଚାରିମାସ ନିଦ୍ରା ଯାନ୍ତି । ସୂର୍ଯ୍ୟ କର୍କଟ ରାଶିରେ ଥିବାବେଳେ ଏହି ଶୟନ ଆରମ୍ଭ ହୋଇ ସୂର୍ଯ୍ୟ ତୁଳା ରାଶିରେ ଥିବାବେଳେ ଶୟନ ଆରମ୍ଭ ହୋଇ ସୂର୍ଯ୍ୟ ତୁଳା ରାଶିରେ ଥିବାବେଳେ ଶୟନ ଶେଷ ହୁଏ । ଯେଉଁମାନେ ଚତୁର୍ମାସ୍ୟା ବ୍ରତ କରନ୍ତି ସେମାନେ ହରିଶୟନୀ ଏକାଦଶୀ ଦିନ ସଂକଳ୍ପ କରନ୍ତି । ତେଣୁ ଏକାଦଶୀ ଦିନ ଉପବାସ କରି ବିଷ୍ଣୁଙ୍କ ସୁନା, ରୂପା, ପିତଳ ବା ତମ୍ବା ମୂର୍ତ୍ତି କରି ଷୋଡ଼ଶୋପଚାରରେ ପୂଜା କରିବା ଉଚିତ । ଭଗବାନଙ୍କୁ ପୀତାମ୍ବର ବସ୍ତ୍ର ପରିଧାନ କରାଇବା ସହ ବିଭିନ୍ନ ଅଳଙ୍କାର ବିଭୂଷିତ କରିବା ଆବଶ୍ୟକ । ଏହାପରେ ଧଳା ଗଦି ଓ ତକିଆ ଥିବା ପଲଙ୍କରେ ପ୍ରଭୁଙ୍କ ଶୟନ କରାଇବା ଉଚିତ । ଏହି ଚାରିମାସ ତପସ୍ୱୀମାନେ ଭ୍ରମଣ ନକରି ଗୋଟିଏ ସ୍ଥାନରେ ବସି ତପସ୍ୟା କରିଥାନ୍ତି । ଏହ ବ୍ରତ ନିଷ୍ଠାର ସହ ପାଳନ କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ । ଏହି ବ୍ରତ ପାଳନ କଲେ ତ୍ରିଦେବଙ୍କ ଆଶୀର୍ବାଦ ମିଳିଥାଏ । ବିଷ୍ଣୁ ପ୍ରତ୍ୟକ୍ଷ ରୂପରେ ମଙ୍ଗଳ କରନ୍ତି । ସକଳ ପାପରୁ ମୁକ୍ତି ମିଳେ । କାମନା ପୂରଣ ହୁଏ । ଦେହାନ୍ତେ ସ୍ୱର୍ଗଲୋକରେ ସ୍ଥାନ ମିଳେ । ଭଗବାନ ବିଷ୍ଣୁ ବିପ୍ର ବାମନ ରୂପ ଧାରଣ କରି ମର୍ତ୍ତ୍ୟରେ ଅବତରଣ କରିଥାନ୍ତି । ସେତେବେଳେ ଦାନବ ବଳୀ ଯଜ୍ଞ, ତପ କରି ସକଳ ଦେବଦେବୀଙ୍କୁ ନିଜ ବଶରେ ରଖିଥାଏ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ବଳୀର ଅତ୍ୟାଚାରରେ ଅତିଷ୍ଠ ହୋଇ ଯାଇଥିଲେ । ତେଣୁ ଏହି ତିନିଭୁବନର ସୁରକ୍ଷା ପାଇଁ ଭଗବାନ ବିଷ୍ଣୁଙ୍କୁ ବାମନ ରୂପ ଧାରଣ କରିବାକୁ ପଡ଼ିଥିଲା ଯାହାଙ୍କର ପାଦ ହେଲା ଭୁଲୋକ, ଜାନୁ ଭୁବଲୋକ, କଟି ସ୍ୱର୍ଗଲୋକ, ଉଦର ମର୍ତ୍ତ୍ୟଲୋକ, ହୃଦୟ ଜନଲୋକ, କଣ୍ଠ ତପଲୋକ, ମୁଖ ସତ୍ୟଲୋକ, ମୁଖ ସତ୍ୟଲୋକ ଏବଂ ମସ୍ତକ ହେଲା ଉର୍ଦ୍ଧ୍ୱ ଲୋକ । ଦେବୀଦେବୀଙ୍କ ଆକୁଳ ନିବେଦନ ଶୁଣି ବାମନରୂପୀ ବିଷ୍ଣୁ ଦାନବୀର ବଳୀଙ୍କୁ ତିନିପାଦ ଭୂମି ଦକ୍ଷିଣା ମାଗିଥିଲେ । ଏକପାଦ ଭୂମି ଦକ୍ଷିଣା ମାଗିଥିଲେ । ଏକପାଦ ଭୂମି ମର୍ତ୍ତ୍ୟ, ଦ୍ୱିତୀୟ ପାଦ ସ୍ୱର୍ଗକୁ ବ୍ୟାପୀଯିବାରୁ ତୃତୀୟ ପାଦ ବଳୀର ଶିରରେ ରଖି ଭଗବାନ ବିଷ୍ଣୁ ବଳୀକୁ ପାତାଳପୁରକୁ ପଠାଇ ଦେଇଥିଲେ । ବଳୀ ପାତାଳ ପୁରରେ ରହି 'ରକ୍ଷାକର, ରକ୍ଷାକର' ଚିତ୍କାର କରିବାରୁ କାମିକା ଏକାଦଶୀ କରିବାକୁ ଶୂନ୍ୟବାଣୀ ହେଲା । ଏହାପରେ ବଳୀ କାମିକା ଏକାଦଶୀ ଭକ୍ତି ଓ ନିଷ୍ଠାର ସହ ପାଳନ କରି ମୁକ୍ତି ପାଇ ବୈକୁଣ୍ଠବାସୀ ହୋଇଥିଲେ । ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ ହରିଶୟନ ଏକାଦଶୀ (ପୁରୁଷୋତମୀ ଏକାଦଶୀ) ଏକ ପବିତ୍ର ଦିନ । ଏହି ଦିବସରେ ସେବା ଓ ଦାନ ଧର୍ମ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ପୁରୀ ଶ୍ରୀମନ୍ଦିରରେ ବିଶେଷ ନୀତିକାନ୍ତି ରହିଥାଏ । ଓଡ଼ିଶାର ଭାଗବତ ଗାଦି ଘର, ଶ୍ରୀଜଗନ୍ନାଥ ମନ୍ଦିର ବା ବିଭିନ୍ନ ମଠ ମନ୍ଦିରରେ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ସମବେତ ହୋଇ ପୂଜାର୍ଚ୍ଚନା ଓ ଦାନଧର୍ମ କରି ନିଷ୍ଠା ଓ କାଷ୍ଠାର ସହିତ ଏହି ଦିବସଟିକୁ ପାଳନ କରି ଶ୍ରୀବିଷ୍ଣୁଙ୍କୁ ପ୍ରାର୍ଥନା କରିଥାନ୍ତି ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, : ମୋ-୯୪୩୭୦୩୧୨୫୩*

## ହରିଶୟନ ଏକାଦଶୀ

◆ ଅଭୟ କୁମାର ଦାସ



ଆଷାଢ଼ ଶୁକ୍ଳ ପକ୍ଷ ଏକାଦଶୀକୁ ଦେବଶୟନୀ ଏକାଦଶୀ କୁହାଯାଏ । ଏହାକୁ ମଧ କେହି କେହି 'ପଦ୍ମାନାଭା' କହନ୍ତି । ଏହି ଦିନଠାରୁ ଚତୁର୍ମାସ୍ୟା ଆରମ୍ଭ ହୋଇଯାଇଥାଏ । ଏହି ଦିନଠାରୁ ଚାରିମାସ ପର୍ଯ୍ୟନ୍ତ ଭଗବାନ ବିଷ୍ଣୁ କ୍ଷୀର - ସାଗରରେ ଶୟନ କରନ୍ତି । ପୁରାଣ ମତରେ ଭଗବାନ ବିଷ୍ଣୁ ଆଷା ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଚାରିମାସ ନିଦ୍ରା ଯାନ୍ତି । ସୂର୍ଯ୍ୟ କର୍କଟ ରାଶିରେ ଥିବାବେଳେ ଏହି ଶୟନ ଆରମ୍ଭ ହୋଇ ସୂର୍ଯ୍ୟ ତୁଳା ରାଶିରେ ଥିବାବେଳେ ଶୟନ ଆରମ୍ଭ ହୋଇ ସୂର୍ଯ୍ୟ ତୁଳା ରାଶିରେ ଥିବାବେଳେ ଶୟନ ଶେଷ ହୁଏ । ଯେଉଁମାନେ ଚତୁର୍ମାସ୍ୟା ବ୍ରତ କରନ୍ତି ସେମାନେ ହରିଶୟନୀ ଏକାଦଶୀ ଦିନ ସଂକଳ୍ପ କରନ୍ତି । ତେଣୁ ଏକାଦଶୀ ଦିନ ଉପବାସ କରି ବିଷ୍ଣୁଙ୍କ ସୁନା, ରୂପା, ପିତଳ ବା ତମ୍ବା ମୂର୍ତ୍ତି କରି ଷୋଡ଼ଶୋପଚାରରେ ପୂଜା କରିବା ଉଚିତ । ଭଗବାନଙ୍କୁ ପୀତାମ୍ବର ବସ୍ତ୍ର ପରିଧାନ କରାଇବା ସହ ବିଭିନ୍ନ ଅଳଙ୍କାର ବିଭୂଷିତ କରିବା ଆବଶ୍ୟକ । ଏହାପରେ ଧଳା ଗଦି ଓ ତକିଆ ଥିବା ପଲଙ୍କରେ ପ୍ରଭୁଙ୍କ ଶୟନ କରାଇବା ଉଚିତ । ଏହି ଚାରିମାସ ତପସ୍ୱୀମାନେ ଭ୍ରମଣ ନକରି ଗୋଟିଏ ସ୍ଥାନରେ ବସି ତପସ୍ୟା କରିଥାନ୍ତି । ଏହି ବ୍ରତ ନିଷ୍ଠାର ସହ ପାଳନ କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ । ଏହି ବ୍ରତ ପାଳନ କଲେ ତ୍ରିଦେବଙ୍କ ଆଶୀର୍ବାଦ ମିଳିଥାଏ । ବିଷ୍ଣୁ ପ୍ରତ୍ୟକ୍ଷ ରୂପରେ ମଙ୍ଗଳ କରନ୍ତି । ସକଳ ପାପରୁ ମୁକ୍ତି ମିଳେ । କାମନା ପୂରଣ ହୁଏ । ଦେହାନ୍ତେ ସ୍ୱର୍ଗଲୋକରେ ସ୍ଥାନ ମିଳେ । ଭଗବାନ ବିଷ୍ଣୁ ବିପ୍ର ବାମନ ରୂପ ଧାରଣ କରି ମର୍ତ୍ତ୍ୟରେ ଅବତରଣ କରିଥାନ୍ତି । ସେତେବେଳେ ଦାନବ ବଳୀ ଯଜ୍ଞ, ତପ କରି ସକଳ ଦେବ ଦେବୀଙ୍କୁ ନିଜ ବଶରେ ରଖିଥାଏ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ବଳୀର ଅତ୍ୟାଚାରରେ ଅତିଷ୍ଠ ହୋଇ ଯାଇଥିଲେ । ତେଣୁ ଏହି ତିନିଭୁବନର ସୁରକ୍ଷା ପାଇଁ ଭଗବାନ ବିଷ୍ଣୁଙ୍କୁ ବାମନ ରୂପ ଧାରଣ କରିବାକୁ ପଡ଼ିଥିଲା । ଯାହାଙ୍କର ପାଦ ହେଲା ଭୁଲୋକ, ଜାନୁ ଭୁବଲୋକ, କଟି ସ୍ୱର୍ଗଲୋକ, ଉଦର ମର୍ତ୍ତ୍ୟଲୋକ, ହୃଦୟ ଜନଲୋକ, କଣ୍ଠ ତପଲୋକ, ମୁଖ ସତ୍ୟଲୋକ, ମୁଖ ସତ୍ୟଲୋକ ଏବଂ ମସ୍ତକ ହେଲା ଉର୍ଦ୍ଧ୍ୱ ଲୋକ । ଦେବୀ ଦେବୀଙ୍କ ଆକୁଳ ନିବେଦନ ଶୁଣି ବାମନରୂପୀ ବିଷ୍ଣୁ ଦାନବୀର ବଳୀଙ୍କୁ ତିନିପାଦ ଭୂମି ଦକ୍ଷିଣା ମାଗିଥିଲେ । ଏକପାଦ ଭୂମି ଦକ୍ଷିଣା ମାଗିଥିଲେ । ଏକପାଦ ଭୂମି ମର୍ତ୍ତ୍ୟ, ଦ୍ୱିତୀୟ ପାଦ ସ୍ୱର୍ଗକୁ ବ୍ୟାପୀଯିବାରୁ ତୃତୀୟ ପାଦ ବଳୀର ଶିରରେ ରଖି ଭଗବାନ ବିଷ୍ଣୁ ବଳୀକୁ ପାତାଳପୁରକୁ ପଠାଇ ଦେଇଥିଲେ । ବଳୀ ପାତାଳ ପୁରରେ ରହି 'ରକ୍ଷାକର, ରକ୍ଷାକର' ଚିତ୍କାର କରିବାରୁ କାମିକା ଏକାଦଶୀ କରିବାକୁ ଶୂନ୍ୟବାଣୀ ହେଲା । ଏହାପରେ ବଳୀ କାମିକା ଏକାଦଶୀ ଭକ୍ତି ଓ ନିଷ୍ଠାର ସହ ପାଳନ କରି ମୁକ୍ତି ପାଇ ବୈକୁଣ୍ଠବାସୀ ହୋଇଥିଲେ

*ଗୋତରା, ମାହାଙ୍ଗା, କଟକ, : ମୋ-୯୪୩୭୧୪୨୭୧୭*

## ସିଂହଦ୍ୱାର ଠାରେ ଚୁଡ଼ାଘଷା ଭୋଗ



ହରିଶୟନ ଏକାଦଶୀ ଅବସରରେ ରଥାରୂଢ଼ ଠାକୁରମାନଙ୍କୁ ଚୁଡ଼ାଘଷା ଭୋଗ ଅର୍ପଣ କରାଯାଉଛି । ଚୁଡ଼ାଘଷା ପ୍ରସ୍ତୁତ ପରେ ଅରୁଣସ୍ତମ୍ଭ ନିକଟରେ ସେବକମାନେ ଚୁଡ଼ାଘଷା, ନଡ଼ିଆ, ଫଳମୂଳ ସବୁ ଭୋଗ ଲଗାଉଛନ୍ତି । ଏହି ପରମ୍ପରା ଅତି ପୁରୁଣା । ସହରୀବାସିନ୍ଦା ଓ ପଂଚକୋଶୀ ଯାତ୍ରୀମାନେ ମୁଖ୍ୟତଃ ଏହି ପରମ୍ପରା ପାଳି ଆସୁଛନ୍ତି । ଗାଁ ଗହଳିର ଭକ୍ତମାନେ ନିଜ ନିଜ ବାଡ଼ିରେ ହୋଇଥିବା ଫଳମୂଳ ଏହି ଦିନ ଠାକୁରଙ୍କୁ ଭେଟି ଦିଅନ୍ତି । କେହି କେହି ଘରେ ପ୍ରସ୍ତୁତ କରି ଆଣିଥିବାବେଳେ ଅନେକ ବଡ଼ଦାଣ୍ଡରେ ବସିଥିବା ଭାଇନାମାନଙ୍କ ହାତରେ ଚୁଡ଼ାଘଷା ଭୋଗ ପ୍ରସ୍ତୁତ କରାଉଛନ୍ତି । ଚୁଡ଼ାଗୁଣ୍ଡ, ନଡ଼ିଆ, ଚିନି ବା ଗୁଡ଼, ଖସିମିଶି, ଗୋଲମରିଚ, ଅଳେଇଚ, ଘିଅ ଆଦି ମିଶାଇ ବାଉଁଶ ତାଟରେ ଭଲ କରି ଘଷି ଦିଆଯାଉଛି । ଏହାପରେ ତାଳପତ୍ର ଭୋଗେଇ ବା ପିତଳ ପାତ୍ରରେ ଠାକୁରଙ୍କୁ ଅର୍ପଣ କରାଯାଉଛି ।



## ମହାପ୍ରଭୁଙ୍କ ସୁନାବେଶ

କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତମ କ୍ଷେତ୍ର ଯେଭଳି ଶ୍ରେଷ୍ଠ ସମସ୍ତ ଦେବତା ମାନଙ୍କ ମଧ୍ୟରେ ଶ୍ରୀ ପୁରୁଷୋତମ (ଜଗନ୍ନାଥ) ହେଉଛନ୍ତି ସେହିଭଳି ଶ୍ରେଷ୍ଠ ବା ରାଜା । ଯେପରି - ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତମ । ସର୍ବେଷାଂ ଚୈବ ବେଦାନାଂ ରାଜା ଶ୍ରୀ ପୁରୁଷୋତମ । (କପିଳ ସଂହିତା ) ପ୍ରତିବର୍ଷ ମହାପ୍ରଭୁଙ୍କର ଏହି ରାଜବେଶ ବା ସୁନାବେଶ ପ୍ରାୟ ପାଂଚଥର ଅନୁଷ୍ଠିତ ହୋଇଥାଏ । ଏହା ସାଧାରଣତଃ ବିଜୟା ଦଶମୀ (ଦଶହରା ), ପୌଷ ପୂର୍ଣ୍ଣମୀ (ପୁଷ୍ୟାଭିଷେକ), ଦୋଳ ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଆଷାଢ଼ ଶୁକ୍ଳ ଏକାଦଶୀ (ରଥ ଉପରେ) ଦିନ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଏହି ପବିତ୍ର ସୁନାବେଶର ଉତ୍ପତି ସଂପର୍କରେ ଜଣାଯାଏ ଯେ, ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗବଂଶର ରାଜା ତୃତୀୟ ଅନଙ୍ଗଭୀମ ଦେବ ପୁରୁଷୋତମ ଜଗନ୍ନାଥଙ୍କୁ ଉତ୍କଳର ସମ୍ରାଟ ତଥା ରାଷ୍ଟ୍ରଦେବତା ବୋଲି ଘୋଷଣା କରିଥିଲେ । ଏପରିକି ରାଜା କପିଳନ୍ଦ୍ରେଦେବ ନିଜକୁ ଜଗନ୍ନାଥଙ୍କ ରାଉତ ଓ ପୁତ୍ରବୋଲି ଏକ ଶିଳାଲିପିରେ ଉଲ୍ଲେଖ କରିବା ସହିତ ପ୍ରଚୁର ପରିମାଣରେ ସ୍ୱର୍ଣ୍ଣ, ରୌପ୍ୟ, ମଣି, ମୁଛା ହୀରା, ନୀଳା ଇତ୍ୟାଦି ମୂଲ୍ୟବାନ ରତ୍ନ , ଅଳଙ୍କାର ଶ୍ରୀ ଜୀଉମାନଙ୍କୁ ଅର୍ପଣ କରିଥିବାରୁ ସେ ସମୟରେ ରୀତି, ନୀତି ଓ ପରଂପରାକୁ ନେଇ ସୁନାବେଶର ସୃଷ୍ଟି ହୋଇଥିବା ଅଧିକ ସମ୍ଭବ ମନେହୁଏ । କେତେକ ଗବେଷକଙ୍କ ମତରେ ଜଗତର ନାଥ ଜଗନ୍ନାଥ ହେଉଛନ୍ତି ପୁରୁଷୋତମ, ସେ ଦେବାଧିଦେବ ଓ ରାଜାଧିରାଜ । ତାଙ୍କର ପାରଂପରିକ ନୀତି, ଯାନିଯାତ୍ରା, ଉତ୍ସବ, ସେବାପୂଜାରେ ରାଜକୀୟ ଠାଣି ପ୍ରତିଫଳିତ ହୋଇଛି । ତେଣୁ ଉତ୍କଳର ଯଥାର୍ଥ ସମ୍ରାଟ ଭାବେ ତଥା ଏ ଜାତିର ଅଧୀଶ୍ୱର ଓ ସକଳ ଐଶ୍ୱର୍ଯ୍ୟର ଅଧିକାରୀ ଭାବରେ ଶ୍ରୀ ମହାପ୍ରଭୁଙ୍କ ସୁନାବେଶ ଅତ୍ୟନ୍ତ ପ୍ରାଚୀନ କାଳରୁ ରହିଆସିଅଛି । ଅପର ପକ୍ଷରେ ଶ୍ରୀ ଜଗନ୍ନାଥ ହେଉଛନ୍ତି ଐଶ୍ୱର୍ଯ୍ୟ ମାଧୁର୍ଯ୍ୟର ମିଳିତ ବିଗ୍ରହ । ସୁନାବେଶର ଐଶ୍ୱର୍ଯ୍ୟ ଭାବ ପ୍ରକାଶିତ ହୋଇଥାଏ । ଗବେଷକମାନେ ସୁନା ବେଶର ଉତ୍ପତି ୧୨୩୨ ଖ୍ରୀଷ୍ଟାବ୍ଦ ବୋଲି ନିରୁପଣ କରିଛନ୍ତି ।

ଦକ୍ଷିଣ ଭାରତ ବିଜୟ କରି ୧୪୬୦ ସାଲର ରାଜା କପିଳେନ୍ଦ୍ର ଦେବ ୧୬ଟି ହସ୍ତୀରେ ବୋଝେଇ ବିପୁଳ ଧନରତ୍ନ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁମାନଙ୍କୁ ଉତ୍ସର୍ଗ କରିଥିଲେ । ସେତେବେଳେ ବଡ଼ ଚଢ଼ଉ ସେବକ ଗଜପତି ମହାରାଜାଙ୍କୁ ପ୍ରସ୍ତାବ ଦେଇଥିଲେ ଦେଉଳ ଭିତରେ (ରତ୍ନସିଂହାସନ) ହେଉଥିବା ମହାପ୍ରଭୁଙ୍କ ବେଶକୁ ସମସ୍ତ ବର୍ଗ ଦର୍ଶନ କରିପାରୁ ନାହାନ୍ତି । ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଶୁକ୍ଳ ଏକାଦଶୀ ତିଥିରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କୁ ସୁନାବେଶ କରାଯାଉ । ଏହି ପ୍ରସ୍ତାବ କ୍ରମେ ରାଜା କପିଳେନ୍ଦ୍ର ଦେବ ସୁନାବେଶ ପାଇଁ ସେହି ବର୍ଷ ୧୩୮ ପ୍ରକାର ରତ୍ନ ଖଚିତ ସ୍ୱର୍ଣ୍ଣାଳଙ୍କାର ପ୍ରସ୍ତୁତ କରିବା ସହ ରଥ ଉପରେ ସୁନାବେଶ ପ୍ରଚଳନ କରିଥିଲେ । ୫୫୬ ବର୍ଷ ଧରି ରଥ ଉପରେ ହେଉଥିବା ଏହି ଦୁର୍ମୂଲ୍ୟ ତଥା ଦୁର୍ଲଭ ଅଳଙ୍କର ଗୁଡ଼ିକର ମୂଲ୍ୟାଙ୍କନ କରିବା ଅସମ୍ଭବ ବ୍ୟାପାର ହୋଇ ରହିଛି । ମଣି, ମୁକ୍ତା, ହୀରା, ନୀଳା ଆଦି ରତ୍ନ ଖଚିତ ସ୍ୱର୍ଣ୍ଣ ତଥା ରୌପ୍ୟ ଅଳଙ୍କାରଗୁଡ଼ିକ ମୂଲ୍ୟାଙ୍କନ ବର୍ତ୍ତମାନ ସୁଦ୍ଧା ହୋଇପରି ନାହିଁ ଏବଂ ଏଥିପାଇଁ ହୋଇଥିବା ଏକାଧିକ ଦ୍ରୁମ ବିଫଳ ହୋଇଛି ବୋଲି ଗବେଷକମାନେ କହିଛନ୍ତି । ମୁଖ୍ୟତଃ ବିରଳ କିସମର ରତ୍ନ ପଥରଗୁଡ଼ିକର କଠିନତା ପରୀକ୍ଷା ନ ହେବା ଯାଏ ମୂଲ୍ୟାଙ୍କନ ହୋଇପାରିବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି । ସୁନାବେଶ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକ ସଂର୍ପରେ ପୁରାତନ ରେକର୍ଡ଼ରୁ କିଛି (ସଂପୂର୍ଣ୍ଣ ନୁହେଁ) ସୂଚନା ମିଳୁଛି । ଏହି ସୂଚନା ମୁତାବକ ଶ୍ରୀ ବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳ, କଦମ୍ବମାଳି, ତିଳକ, ଚନ୍ଦ୍ରିକ, ଅଳକା, ଝୋବାକର୍ଣ୍ଣି, ହଳ ମୂଷଳ, ବାହାଡ଼ାମାଳି, ବାଘନଖ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି, ଦେବୀ ସୁଭଦ୍ରାଙ୍କୁ କିରୀଟ, ଓଡ଼ିଆଣୀ କାନ, ସୂର୍ଯ୍ୟଚନ୍ଦ୍ର, ଘାଗଡ଼ାମାଳି, କଦମ୍ବ ମାଳି, ଆୟୁଧ ସେବତୀ ମାଳି ଏବଂ ଶ୍ରୀଜଗନ୍ନାଥଙ୍କୁ କିରୀଟ, ଶ୍ରୀଭୂଜ, ଶ୍ରୀ ପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କାନ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକର୍ଣ୍ଣି, ସ୍ୱର୍ଣ୍ଣଚକ୍ର, ରୌପ୍ୟଶଙ୍ଖ, ହରିଡ଼ା କଦମ୍ବ ମାଳି, ତାବିଜ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି ଆଦି ରତ୍ନ ଖଚିତ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉଥିଲା । ସୁରକ୍ଷା ଦୃଷ୍ଟିରୁ ରଥ ଉପରେ ହେଉଥିବା ସୁନାବେଶରେ କେତେକ ଦୁର୍ଲଭ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉ ନଥିଲା । ରାଜା କପିଳେନ୍ଦ୍ର ଦେବଙ୍କ ଆଦେଶରେ ପ୍ରସ୍ତୁତ ପ୍ରତ୍ୟେକ ଅଳଙ୍କାର ପଛରେ ଏକ ନିର୍ଦ୍ଦିଷ୍ଟ ଇତିହାସ ଲୁଚି ରହିଛି । ଏହି ଅବ୍ୟକ୍ତ ଇତିହାସର ମୂଲ୍ୟାଙ୍କନ ମଧ୍ୟ ଦୂରୁହ ବ୍ୟାପାର । ରଥ ପର କେବଳ ଲାଗି ହେଉଥିବାର ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକର ମୂଲ୍ୟକୁ ନେଇ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । କିଏ କହୁଛି ୫୦୦ କୋଟି ତ ଅନ୍ୟ କିଏ କହୁଛି ଏକ ହଜାର କୋଟି ଟଙ୍କା ହେବ । କିନ୍ତୁ ମହାପ୍ରଭୁଙ୍କ ଏହି ବିରଳ ଅଳଙ୍କାରର ପ୍ରକୃତ ମୂଲ୍ୟାଙ୍କନ ଅସମ୍ଭବ ଏଥିରେ ସନ୍ଦେହ ନାହିଁ । ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଗବେଷଣା ପ୍ରସ୍ତୁତ ତଥ୍ୟାନୁସାରେ ଗଜପତି କପିଳେନ୍ଦ୍ର ଦେବ ତାଙ୍କର ବିଜ ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ ଗୋଟି ହାତୀରେ ବୋଝାଇ ଆଣିଥିବା ଦେବ ତାଙ୍କର ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ଗୋଟି ହାତୀରେ ବୋଝାଇ ଆଣିଥିବା ସ୍ୱର୍ଣ୍ଣରତ୍ନରେ ସ୍ୱର୍ଣ୍ଣମୁକୁଟ, ସ୍ୱର୍ଣ୍ଣଶ୍ରୀପୟର, ପଦକ ମାା, କୁଣ୍ଡଳ ନଳୀଭୁଜ, ତିଳକ, 'ବଡ଼ ତଢ଼ଉ' ନାମକ କଣ୍ଠମାଳା ଆଦି ନିର୍ମାଣ କରାଇ ଗୁଣ୍ଡିଚା ଘରୁ ରଥ ଫେରିବା ପରେ ଜୀଉମାନଙ୍କୁ ପ୍ରଥମେ ଏହିବେଶ କରାଇ ଥିଲେ । ଅତୀତରେ ଏହା 'ବଡ଼ଚଢ଼ଉ ବେଶ' ନାମରେ ମଧ ପରିଚିତ ଥିଲା । ମୟୂରଭଞ୍ଜ, ପାରଳା ଖେମୁଣ୍ଡି ପ୍ରଭୃତି ସ୍ୱନାମଧନ୍ୟ ରାଜା ମାନେ ଏହି ରାଜ୍ୟ ବିଜୟର ସ୍ମାରକ ବେଶ ଦେଖିବାକୁ ଆସୁଥିଲେ ଏବଂ ପ୍ରଭୁଙ୍କୁ ଉତ୍କଳର ସମ୍ରାଟ ବା ରାଜାଧିରାଜ ରୂପେ ବନ୍ଦାପନା କରୁଥିଲେ । ଏବେଶର ବନ୍ଦନା ତଥା ପୁଷ୍ପାଞ୍ଜଳୀ ମନ୍ତ୍ରଟି ବେଶ ତାତ୍ପର୍ଯ୍ୟପୂର୍ଣ୍ଣ । *"ସ୍ୱରାଟରାଟ ଶ୍ରୀ ଜଗନ୍ନାଥ ତ୍ରିକଳିଙ୍ଗ ପତିର୍ଷତିଃ, ରାଜାଧିରାଜ ଶ୍ରୀ ଦେବଃ ଦେହି ଶ୍ରୀ ବିଜୟ ସଦା ।"*

## ଯୁଗେ ଯୁଗେ ସୁନାବେଶ

◆ ଶ୍ୟାମ ସୁନ୍ଦର ସାମଲ



ଶିଳାଲେଖରେ ଉଲ୍ଲେଖ ରହିଛି ରାଜା ଅନଙ୍ଗ ଭୀମ ଦେବ (୧୨୧୧-୧୨୩୮) ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ରୂପେ ଘୋଷଣା କରିଥିଲେ । ରାଜା ମହାରାଜାମାନେ ପ୍ରଭୁଙ୍କ ଆଦେଶ ବାହକ ସେବକ ରୂପେ ସେବା କରୁଥିଲେ । କିଛି ରାଜା ରାଜାଭିଷେକ ବି କରି ନଥିଲେ । କିଛି ଗବେଷକଙ୍କ ମତରେ ରାଜା ଅନଙ୍ଗଭୀମ ଦେବ ପବିତ୍ର ଆଷାଢ଼ ଏକାଦଶୀ ତିଥିରେ ସୁନାବେଶ କରାଇଥିଲେ । ଅନ୍ୟକିଛି ଗବେଷକଙ୍କ ମତରେ ରଥ ଉପରେ ସୁନାବେଶ ବଡ଼ତଢ଼ାଉଙ୍କ ପରାମର୍ଶରେ ରାଜା କରାଇ ଥିଲେ । ବଡ଼ତଢ଼ାଉ ବେଶ ସଂପର୍କରେ ମିଳୁଥିବା ସୂଚନା ମୁତାବକ ରାଜା କପିଳେନ୍ଦ୍ର ଦେବ ୧୪୬୦ରେ ଦକ୍ଷିଣ ବିଜୟରୁ ଫେରିବା ବେଳେ ୧୬ଟି ହାତୀ ପିଠିରେ ବୋଝେଇ ସୁନା ଅଳଙ୍କାର ଆଣିଥିଲେ । ଏହାକୁ ମହାପ୍ରଭୁଙ୍କ ସମର୍ପଣ କରିଥିବା ନେଇ ଜୟ ବିଜୟ ଦ୍ୱାରସ୍ଥିତ ଶିଳାଲେଖରେ ସୂଚନା ରହିଛି । ଅଳଙ୍କାର ସଂପର୍କରେ ରାଜା ବଡ଼ତଢ଼ଉଙ୍କ ପରାମର୍ଶ ନେଇଥିଲେ । ରତ୍ନବେଦୀରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁବର୍ଗର ଭକ୍ତ ଦର୍ଶନ କରି ପାରୁନାହାନ୍ତି । ତେଣୁ ରଥ ଉପରେ ସବୁବର୍ଗର ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରାଇବାକୁ ବଡ଼ତଢ଼ାଉ ରାଜାଙ୍କୁ ଅନୁରୋଧ କରିଥିଲେ । ଦକ୍ଷିଣାଭୂମି ଯାତ୍ରାରେ ତିନିରଥ ସିଂହଦ୍ୱାର ପହଂଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନା ବେଶ କରିବାକୁ ରାଜା ଅନୁମତି ଦେଇଥିଲେ । ବହୁବର୍ଷ ଧରି ରଥ ଉପରେ ସୁନାବେଶରେ ମହାପ୍ରଭୁଙ୍କୁ ୧୩୮ ପ୍ରକାର ରତ୍ନ ଖଚିତ ସ୍ୱର୍ଣ୍ଣାଳଙ୍କାର ଲାଗି ହେଉଥିଲା । ଏବେ ଏହି ସଂଖ୍ୟାରେ ଅନେକ ପରିବର୍ତ୍ତନ ହୋଇଛି । ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ରଥ ଉପରେ ସୁନାବେଶ ପାଇଁ ଭଣ୍ଡାର ଗୃହରୁ ପାଳିଆ ଭଣ୍ଡାର ମେକାପ, ପାଳିଆ ଖୁଂଟିଆ ସେବକ ମାଜିଷ୍ଟ୍ରେଟ୍, ପୁଲିସ ଓ ଶ୍ରୀମନ୍ଦିର ଅଫିସରଙ୍କ ଉପସ୍ଥିତିରେ ବେଶ ଅଳଙ୍କାର ଗଣତି କରି ଆଣୁଛନ୍ତି । ତିନି ରଥରେ ରଥାରୂଢ଼ ଦାରୁ ଦେବତାଙ୍କୁ ପାଳିଆ ପୁଷ୍ପଳକ, ଦଇତାପତି, ଖୁଂଟିଆ ମେକାପ, ତଳୁଛଳ, ଭିତରଛ ପ୍ରମୁଖ ସୁନାବେଶ ଆଭୂଷଣ ଲାଗି କରୁଛନ୍ତି । ରଥ ଉପରେ ବଡ଼ଚଢ଼ାଉ ବେଶ ଲାଗି : ବଡ଼ ଠାକୁରଙ୍କ ବେଶରେ ସୁବର୍ଣ୍ଣ ଦୁଇ ଶ୍ରୀପୟର, ଦୁଇ ଶ୍ରୀଭୁଜ, କିରୀଟ, ଓଡ଼ିଆଣି, କୁଣ୍ଡଳ, ଚନ୍ଦ୍ର ସୂର୍ଯ୍ୟ, ଆଡ଼କାନୀ, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳତା, ଝୋବା, କର୍ଣ୍ଣି, ହଳ ମୂଷଳ, ବାହାଡ଼ା ମାଳି, ବାଘନଖି ମାଳି, ସେବତି ମାଳି, ତ୍ରିଖଣ୍ଡିକା କମର ପଟି ଆଦି ଲାଗି ହୋଇଥିଲା । କିରୀଟ, ଓଡ଼ିଆଣି, କାନ, ସୂର୍ଯ୍ୟଚନ୍ଦ୍ର, ଘାଗଡ଼ା ମାଳି, କଦମ୍ବ ମାଳି, ତଡ଼ଗୀ ସେବତି ମାଳି ଆଦି ସୁବର୍ଣ୍ଣ ବେଶ ସରଞ୍ଜାମ ଦେବୀ ସୁଭଦ୍ରାଙ୍କୁ ଲାଗି ହୋଇଥିଲା । ନନ୍ଦିଘୋଷ ରଥାରୂଢ଼ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କିରୀଟ, ଶ୍ରୀଭୁଜ, ଶ୍ରୀପୟର, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, କାନ, ଆଡ଼କାନୀ, ଘାଗଡ଼ାମାଳୀ, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଯୋବାକର୍ଣ୍ଣି, ସ୍ୱର୍ଣ୍ଣଚକ୍ର, ରୌପ୍ୟ ଶଙ୍ଖ, ହରିଡ଼ା କଦମ୍ବ ମାଳି, ବାହାଡ଼ା ମାଳି, ତାବିକଜ ମାଳି, ସେବତି ମାଳି, ତ୍ରିଖଣ୍ଡିକା, କମରପଟି ଆଦି ସ୍ୱର୍ଣ୍ଣାଳଙ୍କାର ଆଭୂଷଣରେ ମଣ୍ଡନ କରାଯାଇଥିଲା ।

*ପୂର୍ବତନ କେନ୍ଦ୍ରାଂଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ : ୯୭୭୮୬୩୫୯୨୬*











# କୁଡ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ




ସୋର : (ସପ୍ର)- ସୋର ବ୍ଲକ କୁଡ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ କରୁଣାକର ସାହୁ ଏହାକୁ ଉଦ୍‌ଘାଟନ କରି ଶୃଂଖଳିତ ଅଧ୍ୟୟନ ଏବଂ ଅଧ୍ୟବସାୟ କରିବା ସହିତ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପ୍ରାରମ୍ଭିକ ସ୍ତରରୁ ଉଦ୍ୟମ କରିବା ପାଇଁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ପ୍ରଦୀପ କିଶୋର ପଣ୍ଡା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶାବଳୀ ଛାତ୍ରୀ ମାନଙ୍କୁ ଅବଗତ କରାଇ ଥିଲେ । ଅଧ୍ୟାପକ ସୁଧାଂଶୁ ଶେଖର ଦ୍ୱିବେଦୀ ପରିଚୟ ପ୍ରଦାନ କରିଥିଲେ । ଦ୍ୱିତୀୟ ବର୍ଷର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରି ଥିଲେ । ଅଧ୍ୟାପକ ଓ ଅଧ୍ୟପିକା ମାନେ ଛାତ୍ରୀ ମାନଙ୍କୁ ଭଲ ମଣିଷ ହୋଇ ରାଷ୍ଟ୍ର ନିର୍ମାଣରେ ସହାୟକ ହେବାପାଇଁ ପ୍ରେରଣାପୂର୍ଣ୍ଣ ବାର୍ତ୍ତା ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଅଧ୍ୟାପିକା ଇତିଶ୍ରୀ ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ଆଜିର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଥିରେ +୨ କଳା ବିଭାଗର ମୋଟ ୧୨୭ ଜଣ ଛାତ୍ରୀ ଓ ବିଜ୍ଞାନ ବିଭାଗର ୬୧ ଜଣ ଛାତ୍ରୀ ଯୋଗଦାନ କରିଥିଲେ । ନବାଗତ ଛାତ୍ରୀ ମାନଙ୍କୁ ପୁଷ୍ପ ଓ କଲମ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା ।

# ସାର ଅଭାବ ଓ କଳାବଜାରୀ : ହୋଇପାରେ ଋଷ ସମସ୍ୟା

ଜୟପୁର : (ହି.ସ.)- କୋରାପୁଟ ଜିଲ୍ଲାରେ ବର୍ଷାର ଆଗମନ ସହ ଚାଷ କାର୍ଯ୍ୟ ଜୋରଦାର ଭାବେ ଆରମ୍ଭ ହୋଇଛି । କୋରାପୁଟ ଜିଲାର ଦୁଇ- ତିନୋଟି ପର୍ଯ୍ୟାୟରେ ହୋଇଥିବା ଲଗାଣ ବର୍ଷା ପରେ ଚାଷୀ ଧାନ ତଳି ପ୍ରସ୍ତୁତି, ବିହନ ବୁଣା, ଜମି ଚାଷ ଏବଂ ରୋପଣ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି । ହେଲେ ଏହି ସମୟରେ ସବୁଠାରୁ ବଡ଼ ଚିନ୍ତାର ବିଷୟ ପାଲଟିଛି ରାସାୟନିକ ସାଗର ଉପଲବ୍ଧତା । ବିଶେଷ କରି ୟୁରିଆ, ଡିଏସି, ଏନପିକେ, ଏମଓପି ଓ ଅନ୍ୟାନ୍ୟ ସାରର ଚାହିଦା ହଠାତ୍ ବଢ଼ିଯାଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି । କୋରାପୁଟ ଜିଲା ଏକ କୃଷି ପ୍ରଧାନ ଜିଲ୍ଲା ଓ ଏଠାରେ ଅଧିକାଂଶ ପରିବାର ଚାଷ ଉପରେ ନିର୍ଭରଶୀଳ । ବର୍ଷା ଠିକ୍ ସମୟରେ ହେଲେ ଚାଷୀ ତୁରନ୍ତ ସାର ସଂଗ୍ରହ କରି ଫସଲରେ ପ୍ରୟୋଗ କରିବାକୁ ଚାହାନ୍ତି ଓ କାରଣ ଚାଷର ପ୍ରତ୍ୟେକ ପର୍ଯ୍ୟାୟରେ ସାରର ଆବଶ୍ୟକତା ଭିନ୍ନ ଭିନ୍ନ ଥାଏ । ବିହନ ବୁଣିବା ବେଳେ ଡିଏପି ଓ ଏନପିକେର ଚାହିଦା ଅଧିକ ଥିବାବେଳେ ରୋପଣ ପରେ ଗଛର ବୃଦ୍ଧି ପାଇଁ ୟୁରିଆର ବ୍ୟବହାର ବଢ଼ିଥାଏ । ଯଦି ଠିକ୍ ସମୟରେ ସାର ମିଳି ନ ଥାଏ ତେବେ ଫସଲର ବୃଦ୍ଧି ବାଧାପ୍ରାପ୍ତ ହେବା ସହ ଉତ୍ପାଦନ ମଧ୍ୟ କମିଯିବାର ଆଶଙ୍କାରହିଥାଏ । ପ୍ରତିବର୍ଷ ଚାଷ ଋତୁ ଆସିଲେ ସାର ବଂଟନକୁ ନେଇ କୋରାପୁଟ ଜିଲ୍ଲାରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଦେଇଥାଏ । ଅନେକ ସମୟରେ ସମବାୟ ସମିତି ଓ ଅନୁମୋଦିତ ସାର ବିକ୍ରୟ କେନ୍ଦ୍ରରେ ଚାଷୀ ସାର ପାଇଁ ଲମ୍ବା ଧାଡ଼ି ଲଗାଇଥାନ୍ତି ଓ ଘଂଟା ଘଂଟା ଅପେକ୍ଷା କରିବା ପରେ ମଧ୍ୟ ଅନେକ ଚାଷୀ ପୂବ ବର୍ଷ ଖାଲି ହାତରେ ଫେରୁଥିବା ଦେଖିବାକୁ ମିଳିଥାଏ । ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ସାରକୁ ଲୁଚାଇ ରଖି ଅଧିକ ଦାମରେ ବିକ୍ରି କରୁଥିବା ଅଭିଯୋଗ ମଧ୍ୟ ଆସିଥାଏ । ଏହି କଳାବଜାରି ଯୋଗୁଁ ସରକାର ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ଦେଇ ସାର କିଣିବାକୁ ଚାଷୀ ବାଧ ହେଉଥିବାରୁ ସେମାନଙ୍କ ଆର୍ଥିକ ବୋଝ ବଢ଼ି ଯାଉଥିବା ଦେଖିବାକୁ ମିଳିଥାଏ । କୃଷି ବିଶେଷଜ୍ଞଙ୍କ ମତରେ, ବର୍ଷା ପରେ ପ୍ରଥମ ଏକରୁ ଦୁଇ ମାସ ସାରର ଚାହିଦା ସର୍ବାଧିକ ରହିଥାଏ । ଏହି ସମୟରେ ଯଦି ପର୍ଯ୍ୟାପ୍ତ ପରିମାଣର ସାର ଯୋଗଣ ନ ହୁଏ କିମ୍ବା ବଂଟନ ବ୍ୟବସ୍ଥାରେ ଅବ୍ୟବସ୍ଥା ଦେଖାଯାଏ ତେବେ ଚାଷୀ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି । ଠିକ୍ ସମୟରେ ସାର ପ୍ରୟୋଗ ନ ହେଲେ ଫସଲର ବୃଦ୍ଧି ଉପରେ ସିଧାସଳଖ ପ୍ରଭାବ ପଡ଼େ ଏବଂ ଅମଳ ହ୍ରାସ ପାଇଥାଏ । କୋରାପୁଟ ଜିଲା ଅନେକ ଅଂଚଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା ଅଧିକ ।ଏମାନେ ଋଣ କରି କିମ୍ବା ଧାର ଉପରେ ଚାଷ କରୁଥିବାରୁ ସାରର ଦର ବଢ଼ିଲେ କିମ୍ବା ସମୟରେ ନ ମିଳିଲେ ସେମାନଙ୍କ ଆର୍ଥିକ ସ୍ଥିତି ଆହୁରି ଦୁର୍ବଳ ହୋଇପଡ଼େ । ଅନେକ ଚାଷୀ ବାଧ ହୋଇ ବେସରକାରୀ ଦୋକାନରୁ ଅଧିକ ଦାମରେ ସାର କିଣିଥାନ୍ତି ଓ ଏହା ଚାଷ ଖର୍ଚ୍ଚ ବଢ଼ାଇବା ସହ ଲାଭର ପରିମାଣକୁ ମଧ୍ୟ କମାଇ ଦେଇଥାଏ ଓ ତେବେ ଜିଲ୍ଲାରେ ପୂର୍ବ ବର୍ଷ ହୋଇଥିବା ସାର ବଂଟନ ଅନିୟମିତତା ଓ କଳାବଜାର ଘଟଣା ଉପରେ ନଜର ପକାଇଲେ ଚଳିତ ବର୍ଷ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । କୃଷି ବିଭାଗ ସହ ମିଳିତ ଟିମ କୁନ୍ଦୁରା, କୋଟପାଡ ଜୟପୁରରେ ବିଭିନ୍ନ ସ୍ଥାନରେ ଚଢଉ କରି ଏମିତିରେ ଚାଷୀଙ୍କ ଦାବି ଅନୁସାରେ ସରକାର ପ୍ରତ୍ୟେକ ସମବାୟ ସମିତି ଓ ଅନୁମୋଦିତ ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସାରଉପଲବ୍ଧ କରାଇବା ସହ ବଂଟନ ବ୍ୟବସ୍ଥା ଉପରେ କଡ଼ା ନଜର ରଖିବା ଆବଶ୍ୟକ । ସେହିପରି ସାରର କୃତ୍ରିମ ଅଭାବ ସୃଷ୍ଟି କରି କଳାବଜାର କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଆବଶ୍ୟକତା ଅନୁଯାୟୀ ସନ୍ତୁଳିତ ସାର ବ୍ୟବହାର କରିବା, ମୃତ୍ତିକା ପରୀକ୍ଷା ଆଧାରରେ ସାର ପ୍ରୟୋଗ କରିବା ଏବଂ ଅନୁମୋଦିତ ବିକ୍ରେତାଙ୍କଠାରୁ ରସିଦ ସହ ସାର କିଣିବାକୁ ପରାମର୍ଶ ଦିଆଯାଇଛି । ଏହାଦ୍ୱାରା ଅନିୟମିତତା ରୋକାଯିବା ସହ ଚାଷୀଙ୍କ ସ୍ୱାର୍ଥ ମଧ୍ୟ ସୁରକ୍ଷିତ ରହିପାରିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବର୍ଷା ଅରମ୍ଭ ସହ କୋରାପୁଟ ଜିଲାର ବୈପାରିଗୁଡା, ଜୟପୁର, ବୋରିଗୁମ୍ମା, କୋଟପାଡ, କୁନ୍ଦୁରା ରେ ଚାଷ କାର୍ଯ୍ୟ ଗତି ଧରିଥିବା ବେଳେ ସାରର ନିରବଚ୍ଛିନ୍ନ ଯୋଗାଣ ଏବଂ କଳାବଜାରି ରୋକିବା ଏବେ ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି । ଏହାକୁ ଦୃଷ୍ଟି ରେ ରଖି କୃଷି ବିଭାଗ ତରଫରୁ ବୈପାରିଗୁଡା, ଜୟପୁର କୁନ୍ଦୁର, କୋଟପାଡରେ ଚଢାଉ କରି ସାର ଜବତ କରିବା ସହ ନୋଟିସ କରି ତାଗିଦ କରିଥିଲା । ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାଗଲେ ଚାଷୀ ନିର୍ବିଘ୍ନରେ ଚାଷ କାର୍ଯ୍ୟ ସମ୍ପନ୍ନ କରି ଭଲ ଅମଳ ଆଶା କରିପାରିବେ । ଅନ୍ୟଥା ସାର ଅଭାବ, କଳାବଜାର ଏବଂ ବଢୁଥିବା ଚାଷ ଖର୍ଚ୍ଚ ଚାଷୀଙ୍କ ସମସ୍ୟାକୁ ଆହୁରି ଗମ୍ଭୀର କରିଦେବ

# ରାସ୍ତା ଅବସ୍ଥା ଶୋଚନୀୟ : ତୁରନ୍ତ କାର୍ଯ୍ୟ ନହେଲେ ଧାରଣାରେ ବସିବେ ଗ୍ରାମବାସୀ

ସୋର : (ସପ୍ର)- ସୋର ବ୍ଲକ ମୁଳିସିଂ ପଂଚାୟତ ମାଙ୍ଗେଶ୍ୱରପୁରରୁ ପୋତାଗଡ଼ିଆ ପର୍ଯ୍ୟନ୍ତ ଯାଇଥିବା ଦୁଇ କି.ମି.ମାଟି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଏନେଇ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ଫଳପ୍ରଦ ନହେବାରୁ ଗତ ୨୦୨୫ ମସିହାରେ କିଛି ଯୁବକ ଦିଲ୍ଲୀରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ଭେଟି ସମସ୍ୟା ବାବଦରେ ଲିଖିତ ଅଭିଯୋଗ କରିଥିଲେ । ପରେ ସାଂସଦଙ୍କ ହସ୍ତକ୍ଷେପରେ ୬କୋଟି ୯୭ଲକ୍ଷରୁ ଅଧିକ ଟଙ୍କାର ବ୍ୟୟରେ ଏହି ରାସ୍ତାକାମ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ କରାଯିବା କଥା । ମାତ୍ର ଏପର୍ଯ୍ୟନ୍ତ କାମ ଆରମ୍ଭ ନହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଆଜି ଗ୍ରମାବାସୀଙ୍କ ପକ୍ଷରୁ ଆଗାମୀ ୭ଦିନ ମଧ୍ୟରେ ବିଭାଗ ପକ୍ଷରୁ ଶୀଘ୍ର ରାସ୍ତାକାମ ଆରମ୍ଭ କରିବା ସହିତ ରାସ୍ତାରେ ଯାତାୟତ ପାଇଁ ବ୍ୟବସ୍ଥା କରାନଗଲେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଗ୍ରାମବାସୀମାନେ ଚେତାବନୀ ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗକୁ ଚିଠିମାଧ୍ୟରେ ଅବଗତ କରାଇଥିବା ଜଣାପଡିଛି ।

# ମୟୂରଭଞ୍ଜରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ର ଅଗ୍ରଗତି ସମୀକ୍ଷା

## କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ ନପଡ଼ନ୍ତି ସେଥିପ୍ରତି ଗୁରୁତ୍ୱାରୋପ

ବାରିପଦା : ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଥିବା ଉଚ୍ଚ ଶିକ୍ଷା ବିଭାଗର କମିଶନର-ତଥା-ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ ମୟୂରଭଞ୍ଜ ଜିଲ୍ଲାର ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ମୟୂରଭଞ୍ଜ ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା କରିଥିଲେ । ବୈଠକରେ ଏସାଇଆର୍-୨୦୨୬ର ବିଭିନ୍ନ ପର୍ଯ୍ୟାୟର କାର୍ଯ୍ୟର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା କରାଯାଇ ଏହାକୁ ସଠିକ୍ ସମୟରେ ସ୍ୱଚ୍ଛ ଓ ନିର୍ଭୁଲ ଭାବେ ସମ୍ପନ୍ନ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ର୍ଗ୍ୟବେକ୍ଷକ ଶ୍ରୀ ଅଗ୍ରୱାଲ କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ ନପଡ଼ନ୍ତି ସେଥିପ୍ରତି ବିଶେଷ ଗୁରୁତ୍ୱାରୋପ କରିଥିଲେ । ନୋଟିସ ଜାରି ଓ ଶୁଣାଣି ପ୍ରକ୍ରିୟାକୁ ଅତ୍ୟନ୍ତ ସତର୍କତା, ସ୍ୱଚ୍ଛତା ଏବଂ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମ୍ପାଦନ କରିବାକୁ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ସଂଶୋଧିତ ଭୋଟର ତାଲିକା ଯେପରି ସଠିକ୍, ନିର୍ଭୁଲ ଓ ସର୍ବସମାବେଶୀ ହୁଏ, ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସମେତ ବାରିପଦା, ବଡ଼ସାହି, ବାଙ୍ଗିରିପୋଷି, ମୋରଡ଼ା ଏବଂ ରାଇରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ କେତେକ ସହକାରୀ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଉପସ୍ଥିତ ଥିଲେ ।

# ଶିଶୁ ଶ୍ରମିକ ଉଦ୍ଧାର ଓ ଥଇଥାନ ଦିଗରେ ସଚେତନ ଶିବିର ଅନୁଷ୍ଠିତ

ନୂଆପଡ଼ା :(ନି.ପ୍ର) ନୂଆପଡ଼ା ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀ କକ୍ଷ ଠାରେ ଶିଶୁ ଶ୍ରମିକ ଉଦ୍ଧାର ଓ ଥଇଥାନ ରେ ଶ୍ରମ ଏବଂ ପୋଲିସ ବିଭାଗଙ୍କ ମିଳିତ ଉଦ୍ୟମ କାର୍ଯ୍ୟାନୁଷ୍ଠାନ ବିଭିନ୍ନ ଦିଗ ଉପରେ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିର କୁ ପୋଲିସ ଆରକ୍ଷୀ ଅଧିକ୍ଷକ ଅମୃତ ପାଲ ସିଂ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଶ୍ରମ ଉପ କମିଶନ୍ ରବୀନ୍ଦ୍ର କୁମାର ବାର୍ଲା ଯୋଗ ଦେଇ ଶିଶୁ ଶ୍ରମିକ ପାଇଁ ଉଦ୍ଧିଷ୍ଟ ବିଭିନ୍ନ ଆଇନ ଏବଂ ଉଦ୍ଧାର ସହ ତାଙ୍କ ଉପଯୁକ୍ତ ଥଇଥାନ ପାଇଁ ଆହ୍ୱାନ କରିଥିଲେ । ସଭାକୁ ପୂର୍ବତନ ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ଡଃ.ଫଣିନ୍ଦମ ଦେଓ ଦେଇ ଯୋଗ ଦେଇ ଶିଶୁ ଶ୍ରମିକ ଉଦ୍ଧାର କରି ତାଙ୍କ ଉପଯୁକ୍ତ ଥଇଥାନ ଏ ଅନେକ ସଫଳତା ଏବଂ ଉଦ୍ଧାର ବେଳେ ସମ୍ମୁଖୀନ ହେଉଥିବା ଅନେକ ବାଧା କୁ ଏକ ଚେଲେଂ ଭାବି ଆଗକୁ ବଢ଼ିବା ଦ୍ୱାରା ସଫଳତା ହାସଲ କରିବେ ବୋଲି କହିଥିଲେ । ଶିଶୁଙ୍କ ପାଇଁ ସହାନୁଭୂତି ବଦଳରେ ସମାନୁଭୂତି ଦେଖେଇବାକୁ ଆହ୍ୱାନ କରିଥିଲେ ।

# ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

## ❋ ରିଜର୍ଭ ପୋଲିସ ପ୍ୟାରେଡ୍ ପଡ଼ିଆରେ ହେବ ଜିଲ୍ଲାସ୍ତରୀୟ ମୁଖ୍ୟ ସମାରୋହ

ବାରିପଦା : ଆଗାମୀ ୮୦ତମ ସ୍ୱାଧୀନତା ଦିବସର ଜିଲ୍ଲାସ୍ତରୀୟ ପାଳନକୁ ସୁଚାରୁ ଓ ସୁପରିଚାଳିତ ଭାବେ ଆୟୋଜନ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାଧୀନତା ଦିବସ ପାଳନ ସମ୍ପର୍କିତ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଓ ପ୍ରସ୍ତୁତି ଉପରେ ବିସ୍ତୃତ ସମୀକ୍ଷା କରାଯିବା ସହ ସମସ୍ତ ବିଭାଗକୁ ନିର୍ଦ୍ଧାରିତ ଦାୟିତ୍ୱ ସଫଳତାର ସହ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା । ଚଳିତ ବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସର ମୁଖ୍ୟ ସମାରୋହ ରିଜର୍ଭ ପୋଲିସ ପ୍ୟାରେଡ୍ ପଡ଼ିଆରେ ଅନୁଷ୍ଠିତ ହେବ । ସେହିଦିନ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ସଙ୍ଗୀତ ପରିବେଷଣ କରାଯାଇ ସହର ପରିକ୍ରମା କରାଯିବ । ସକାଳ ୯.୧୫ ଘଟିକାରେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବା ସହ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିବେ । ସ୍ୱାଧୀନତା ଦିବସ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ଓ ସୃଜନଶୀଳ ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉତ୍କଳ ବାଳାଶ୍ରମ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ ବିଭିନ୍ନ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହଯୋଗରେ ଫଳ ବଂଟନ କରାଯିବ । ସେହିପରି ସନ୍ଧ୍ୟାରେ ଶହୀଦ ସ୍ମୃତି ଭବନ ପରିସରରେ ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଗୌତମ କିସାନ, ଜିଲ୍ଲା ଭେକ୍ଟର ବାହିତ ରୋଗ ଅଧିକାରୀ ଡା. ବିଜୟ କୁମାର ଦାସ, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ପରିଡ଼ା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ବାରିପଦାର ପ୍ରକଳ୍ପ ପ୍ରଶାସକ ଶ୍ରୀ ପ୍ରଣୟ ରଞ୍ଜନ ବେହେରା, ରିଜର୍ଭ ଇନ୍ସପେକ୍ଟର ଶ୍ରୀ ଆଲୋକ କାନୁନଗୋ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ତାପସ କୁମାର ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ପୋଲିସ ପ୍ରଶାସନର ପ୍ରତିନିଧି, ଅଗ୍ନିଶମ ଅଧିକାରୀ, ଶିକ୍ଷାନୁଷ୍ଠାନର ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁଦୁଲି ବୈଠକକୁ ପରିଚାଳନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୈଠକ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ନୂଆପଡ଼ା : (ନି.ପ୍ର) ନୂଆପଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଏସ୍.ଡି.ଓ., ଆର ଆଣ୍ଡ ବି ସୁକାନ୍ତ ଗାର୍ଡିଆ ସମସ୍ତଙ୍କୁ ସ୍ୱାଗତ ଜଣାଇ ପୂର୍ବ ବୈଠକର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଓ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ସ୍କୁଲ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସହରାଂଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକାରୀ ଯାନ ବ୍ୟତୀତ ଅନ୍ୟ ସମସ୍ତ ଭାରୀ ଯାନ ଚଳାଚଳ ଉପରେ କଟକଣାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ନୂଆପଡ଼ା-ପଦମପୁର ରାସ୍ତାରେ ଶୀଘ୍ର ଇଂଟେଲିଜେଂଟ ଏନଫୋର୍ସମେଂଟ ମ୍ୟାନେଜମେଂଟ ସିଷ୍ଟମ୍‌କାର୍ଯ୍ୟକାରୀ ହେବ । ଏହି ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଅତ୍ୟଧିକ ବେଗ, ହେଲମେଟ ଏବଂ ସିଟ୍‌ବେଲ୍ଟ ବ୍ୟବହାର ନ କରିବା ସମେତ ବିଭିନ୍ନ ଟ୍ରାଫିକ ନିୟମ ଉଲ୍ଲଂଘନ ସ୍ୱୟଂଚାଳିତ ଭାବେ ଚିହ୍ନଟ କରାଯିବ । ଜିଲ୍ଲାପାଳ 'ନୋ ହେଲମେଟ-ନୋ ପେଟ୍ରୋଲ' ଅଭିଯାନକୁ ଅଧିକ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେବା ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିଜ ଅଧୀନସ୍ଥ କର୍ମଚାରୀମାନେ ହେଲମେଟ ପିନ୍ଧି କାର୍ଯ୍ୟାଳୟକୁ ଆସୁଥିବା ସୁନିଶ୍ଚିତ କରିବାକୁ କହିଥିଲେ । କଲେକ୍ଟରେଟର ସମସ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଏହାର ଅନୁପାଳନ ତଦାରଖ ଦାୟିତ୍ୱ ଉପ ଜିଲ୍ଲାପାଳ (ପ୍ରତିଷ୍ଠା)ଙ୍କୁ ଦିଆଯାଇଛି । ଜିଲ୍ଲାରେ ସ୍ଥାପିତ ୧୦ଟି ହେଲମେଟ ହବର କାର୍ଯ୍ୟକାରିତାର ସମୀକ୍ଷା କରି ଜିଲ୍ଲାପାଳ ସେଗୁଡ଼ିକର ନିୟମିତ ତଦାରଖ ଉପରେ ଗୁରୁତ୍ୱ ଦେଇଥିଲେ । ସିଡିଏମ୍ ଓ ପିଏଚ୍‌ଓଙ୍କୁ ସମସ୍ତ ହେଲମେଟ ହବ୍ ?ରେ ପ୍ରଥମିକ ଚିକିତ୍ସା ବାକ୍ସ ଉପଲବ୍ଧ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାସହ ସଡ଼କ ସୁରକ୍ଷା ସଙ୍କେତ ଫଳକର ଆବଶ୍ୟକତା ଥିବା ସ୍ଥାନଗୁଡ଼ିକୁ ପୁନଃ ସର୍ଭେ କରି ଆବଶ୍ୟକ ପଦକ୍ଷେପ ନେବାକୁ ଆରଟିଓ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆରଟିଓ ପକ୍ଷରୁ ଉପସ୍ଥାପିତ ଏନଫୋର୍ସମେଂଟ ତଥ୍ୟ ଅନୁଯାୟୀ, ଜୁନ୍-୨୦୨୬ ମାସରେ ମୋଟ ୯୬୫ଟି ଟ୍ରାଫିକ ନିୟମ ଉଲ୍ଲଂଘନ ମାମଲା ଚିହ୍ନଟ କରାଯାଇଥିଲା । ସେଥିମଧ୍ୟରେ ୩୦୯ଟି ହେଲମେଟ ବିନା ଗାଡ଼ି ଚଳାଇବା, ୧୫୦ଟି ଅତ୍ୟଧିକ ବେଗ, ୧୯ଟି ମଦ୍ୟପ ଅବସ୍ଥାରେ ଗାଡ଼ି ଚଳାଇବା ସମେତ ଅନ୍ୟାନ୍ୟ ମାମଲା ରହିଛି । ଏହି ସମୟ ମଧ୍ୟରେ ୪୭୮ଟି ଇ-ଚାଲାଣ ଫଇସଲା ହୋଇ ମୋଟ ୨୦ ଲକ୍ଷ ୭୫ ହଜାର ୮୦୮ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୧୬୦ଟି ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରା ଯାଇଥିବା ସୂଚନା ଦିଆ ଯାଇଥିଲା । ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ୩,୨୬୩ଟି ହେଲମେଟ ବିନା ଗାଡ଼ି ଚଳାଇବା ଏବଂ ୧୫୪ଟି ମଦ୍ୟପ ଅବସ୍ଥାରେ ଗାଡ଼ି ଚଳାଇବା ମାମଲାରେ ଚାଲାଣ କରା ଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ସିଡିଏମ୍ ଓ ପିଏଚ୍‌ଓ ଡା. ଦ୍ୱାରିକାନାଥ ଶତପଥୀ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା. ସୁଖେନ୍ଦୁ ରାୟ, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ମୋଟର ଯାନ ନିରୀକ୍ଷକ ଉପେନ୍ଦ୍ର ପୁସିକା, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ନୂଆପଡ଼ା, ଖରିଆର ଓ ଖରିଆର ରୋଡ଼ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବନ ମହୋତ୍ସବ ୨୦୨୬ 'ମା' ପାଇଁ ଗଛଟିଏ'



କଟକ : କଟକ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ "ମା' ପାଇଁ ଗଛଟିଏ" କାର୍ଯ୍ୟକ୍ରମ ବନ ମହୋତ୍ସବ-୨୦୨୬ ଅନୁଷ୍ଠିତ ହୋଇ ଯାଇଅଛି । ଚାନ୍ଦିନୀଚୌକ ମେଲଣ ପଡ଼ିଆଠାରେ କର୍ପୋରେଟର ଆରତୀ ସାହୁ ଓ ମୋନାଲିସା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଚାରା ରୋପଣର ମହନୀୟତା ସଂପର୍କରେ ଉପସ୍ଥିତ ହିତାଧିକାରୀମାନଙ୍କୁ ବକ୍ତାମାନେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଚାରାବ□ନ କରାଯାଇଥିଲା

# ସ୍କୁଲରେ ସୁରକ୍ଷା ଓ ନିରାପତା ଉପରେ ସଚେତନତା ବୈଠକ

ବାରିପଦା : ସ୍ଥାନୀୟ ଭଂଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅନୁଜା ମାଧୁରୀ ଦାସଙ୍କ ଅଧ୍ୟକ୍ଷତାରେ ଏକ ସୁରକ୍ଷା ଓ ନିରାପତା ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି. ବୈଠକରେ ବାରିପଦା ବ୍ଲକ ଓ ମୁନିସିପାଲିଟି ଅନ୍ତର୍ଗତ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ, ସିଆରସିସି ଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ସୁକୁମାର ରାଉତ ଉପସ୍ଥିତ ଥିଲେ. ବର୍ଷା ଋତୁରେ ବିଷାକ୍ତ ସାପ,



ଘଡଘଡି ଜନିତ ବିପଦର ସମ୍ଭାବନାକୁ ଆଖିଆଗରେ ରଖି ସମସ୍ତ ପ୍ରକାର ସୁରକ୍ଷା ଓ ନିରାପତା ପାଇଁ ଉଚିତ ପଦକ୍ଷେପ ନେବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ. ଏନେଇ ରହିଥିବା ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ ମଧ୍ୟ ସେ ସମସ୍ତଙ୍କୁ ଅବଗତ କରାଇଥିଲେ. ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତା ନିମନ୍ତେ, ବିଦ୍ୟାଳୟ ପରିବେଶକୁ ସ୍ୱଚ୍ଛ ରଖିବା ସହ ନିୟମିତ ଫିନାଇଲର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ. ତତସହିତ ମଧ୍ୟାହ୍ନ ଭୋଜନ ଓ ରୋଷେଇଘର ତଥା ଟୋୟଲେଟର ପରିଷ୍କାର ପରିଚ୍ଛନ୍ନତା ଉପରେ ସେକ୍ସନ ଅଫିସର ସତ୍ୟନାରାୟଣ ଦାସ ଆଲୋଚନା କରିଥିଲେ. ଜିଲ୍ଲା ସଂଘର ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ବ୍ଲକ ସଂଘର ଅଧ୍ୟକ୍ଷ ଗୌର ଗୋପାଳ ଲେଙ୍କା, ସଭାପତି ପ୍ରଦୀପ କୁମାର ନାଥଙ୍କ ସମେତ ସୁଶୀଳ ପଣ୍ଡା, ପୂଜାରାଣୀ ପଣ୍ଡା, କନକଲତା ମାଝୀ, ସତ୍ୟନାରାୟଣ ନାୟକ, ନାରାୟଣ କିଙ୍କର ଦତ, ସୌମ୍ୟ ଦାଶ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତ ରଖିଥିଲେ. ଶେଷରେ ବ୍ଲକ ସଙ୍ଘ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ.

# ସାଇବର ଅପରାଧ ଆଇନ୍ ଆଇନ ସଂପର୍କିତ କର୍ମଶାଳା

ଭଦ୍ରକ : ଭଦ୍ରକ ଜିଲ୍ଲା ପୋଲିସ ପକ୍ଷରୁ ଧାମନଗର ମହାବିଦ୍ୟାଳୟ ରେ ସାଇବର ଅପରାଧ ଆଇନ୍ ସମ୍ପର୍କରେ ଛାତ୍ର ଛାତ୍ରୀ ଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ସାଇବର ଥାନା ଅଧିକାରୀ, ଏସ ଡି ପି ଓ , ପ୍ରମୁଖ ଯୋଗ ଦେଇ ଅନ୍ ଲାଇନ୍ ବ୍ୟାଙ୍କିଙ୍ଗ ଠକେଇ, ୟୁ ପି ଆଇ, ଓଟିପି ଠକେଇ, ନକଲି ଚାକିରି, ଫିସିଂ, ଡିଜିଟାଲ ଆରେଷ୍ଟ, ଅଜଣା ଲିଙ୍କ ରେ କ୍ଲିକ୍ ନଅ କରିବା, ଗୋପନୀୟ ତଥ୍ୟ କାହାକୁ ନଅ ଜଣାଇବା, ଆଦି ସାଇବର ଅପରାଧ ର ବିଭିନ୍ନ ଦିଗ ଉପରେ ସଚେତନ ହେବାକୁ ଛାତ୍ର ଛାତ୍ରୀ ଙ୍କୁ ପରାମର୍ଶ ଦେବା ସହ ସାଇବର ଠକେଇ ଶିକାର ହେଲେ ତୁରନ୍ତ ୧୯୩୦ ହେଲ୍ପ ଲାଇନ ରେ ଅଭିଯୋଗ କରିବାକୁ ସୂଚନା ଦେଇ ଥିଲେ । ସାଇବର ସଚେତନତା ସଂପର୍କୀତ ପ୍ରଶ୍ନ ଉତରରେ ଭାଗ ନେଇ ଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ

ଖୋର୍ଦ୍ଧା(ନିପ୍ର): ଶୁକ୍ରବାର ଅପରାହ୍ନରେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ଙ୍କ ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଯାଇଅଛି କ୍ଷ ପ୍ରତ୍ୟୁଷରୁ ମହା ପ୍ରଭୁଙ୍କ ମାଉସୀ ମା ’ ଘର ଯାଗେଶ୍ୱରୀ ମନ୍ଦିର ରେ ନିର୍ଦ୍ଧାରିତ ରୀତିନୀତି ଅନୁଯାୟୀ ସେବାୟତ ମାନେ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ସେବା ସମ୍ପନ୍ନ କରିଥିଲେ କ୍ଷ ଅପରାହ୍ନ ୨ ରୁ ୪ ଘଟିକା ସମୟରେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ପହଣ୍ଡି ବିଜେ ହୋଇଥିଲା । ମହାପ୍ରଭୁଙ୍କ ଛେରା ପହଁରା ସାଂସଦ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପାଟଶାଣୀ ନିର୍ବାହ କରିଥିଲେ । ହରିବୋଲ ହୁଳହୁଳି, ମୃଦଙ୍ଗ, ଘଂଟ ଘଂଟା ନାଦରେ ପରିବେଶ ସମ୍ପୂର୍ଣ୍ଣ ଆଧାତ୍ମିକ ପୂର୍ଣ୍ଣ ହୋଇଥିଲା କ୍ଷ ପାଗ ଅନୁକୂଳ ଥିବାରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ହଜାର ହଜାର ଲୋକ ଏହି ବାହୁଡ଼ା ଯାତ୍ରାରେ




ଯୋଗଦେଇ ବିଭୁ କୃପା ଲାଭ କରିଥିଲେ । ପୋଲିସ୍ ପ୍ରଶାସନ ପକ୍ଷରୁ ଉପଖଣ୍ଡ ପୋଲିସ୍ ଅଧିକାରୀ ପଙ୍କଜ ମାଝୀ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ଆଇନ ଶୃଙ୍ଖଳା ପରିସ୍ଥିତି ପରିଚାଳନା କରିଥିଲେ । ଉପଜିଲ୍ଲାପାଳ ଏବଂ ଉପଖଣ୍ଡ ମାଜିଷ୍ଟ୍ରେଟ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ଙ୍କ ବାହୁଡ଼ା ଯାତ୍ରା ପାରମ୍ପରିକ ନୀତି ରୀତିରେ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା ସେବା, ଅଗ୍ନିଶମ ସେବା, ସୂଚନା କେନ୍ଦ୍ର ସେବା, ପାନୀୟ ଜଳ ଯୋଗାଣ ସେବା ସହ ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ପରିଚାଳନାରେ ଭ୍ରାମ୍ୟମାଣ ସୂଚନା କେନ୍ଦ୍ରରେ ରାଜ୍ୟ ସରକାରଙ୍କ ମୁଖପତ୍ର ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ବିକ୍ରୟ କରାଯିବା ସହ ରାଜ୍ୟ ସରକାରଙ୍କ ଅଗ୍ରଣୀ ଯୋଜନା ସମ୍ବନ୍ଧୀୟ ସୂଚନା ତଥା ଅଗ୍ରଣୀ ଯୋଜନାର ହିତାଧିକାରୀ ମାନଙ୍କ ସଫଳ କାହାଣୀ ପୁସ୍ତିକା ‘ପ୍ରଗତି ପ୍ରବାହ’ ବଂଟନ କରାଯାଇଥିଲା । ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ, ଯାଗୁଳି ପାଟଣା ମନ୍ଦିର ପରିଚାଳନା କମିଟି ସମସ୍ତ ସଭ୍ୟ ବୃନ୍ଦ, ସେବାୟତ ବୃନ୍ଦ ଙ୍କ ଦ୍ୱାରା ମହାପ୍ରଭୁଙ୍କ ରୀତିନୀତି କାର୍ଯ୍ୟ ସମ୍ପାଦିତ ହୋଇଥିଲା । ସନ୍ଧ୍ୟାରେ ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ପବିତ୍ର ବାହୁଡ଼ା ଯାତ୍ରାରେ ଖୋରଧା ସହରର ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ , ପଂଚାୟତିରାଜ ଜନ ପ୍ରତିନିଧି, ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ ।

# ଅନ୍ତିମ ଭୋଟର ତାଲିକା ପ୍ରକାଶନ ପାଇଁ ୨୧,୮୯,୫୩୩ଟି ଆବେଦନ ସଂରକ୍ଷିତ




ଛତ୍ରପୁର(ନିପ୍ର): ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)-୨୦୨୬ ଅଧୀନରେ ଚାଲିଥିବା ଭୋଟର ତାଲିକା ସମ୍ପର୍କିତ ଆପତି, ଅଭିଯୋଗ, ଯାଂଚ ଓ ଶୁଣାଣି ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରାଯାଇଛି । ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ପାଇଁ ମୋଟ ୫,୨୯,୦୮୬ଟି ନୋଟିସ୍ ସଫଳତାର ସହ ସୃଷ୍ଟି କରାଯାଇଛି । ସେଥିମଧ୍ୟରୁ ୨,୦୦,୭୩୬ଟି ନୋଟିସ୍ ବିତରଣ କରାଯାଇଥିବାବେଳେ, ଅବଶିଷ୍ଟ ୩,୨୮,୩୫୦ଟି ନୋଟିସ୍ ବିଏଲ୍‌ଓ ଓ ନିର୍ବାଚନ କର୍ମଚାରୀମାନେ ଘରକୁ ଘର ଯାଇ ଶୀଘ୍ର ବିତରଣ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭି. କୀର୍ତ୍ତି ଭାସନ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ନୋଟିସ୍‌ଗୁଡ଼ିକର ଶୁଣାଣି ପ୍ରକ୍ରିୟା ମଧ୍ୟ ସୁଚାରୁ ଭାବେ ଚାଲିଛି । ଏପର୍ଯ୍ୟନ୍ତ ୫୫,୮୩୧ଟି ନୋଟିସ୍‌ର ଶୁଣାଣି ସମ୍ପନ୍ନ ହୋଇଥିବାବେଳେ ୧,୭୬୨ଟି ମାମଲା ବିଚାରାଧୀନ ରହିଛି । ଯାଂଚ ପରେ ୩୦୫ଟି ମାମଲାକୁ ଅଯୋଗ୍ୟ ବିବେଚନା କରାଯାଇଛି । ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨୧,୮୯,୫୩୩ଟି ଆବେଦନ ଅନ୍ତିମ ଭୋଟର ତାଲିକା ପ୍ରକାଶନ ପାଇଁ ସଂରକ୍ଷିତ ରହିଛି । ସେଥିମଧ୍ୟରୁ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୨,୦୦,୪୮୩ଟି ଆବେଦନ ସଂରକ୍ଷିତ ରହିଛି । ସମସ୍ତ ବିଧିବଦ୍ଧ ଯାଂଚ, ଶୁଣାଣି ଓ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଏହି ଆବେଦନଗୁଡ଼ିକୁ ଅନ୍ତିମ ଭୋଟର ତାଲିକାରେ ସ୍ଥାନ ଦିଆଯିବ । ଜିଲ୍ଲାର ସମସ୍ତ ବିଏଲ୍‌ଓ, ନିର୍ବାଚନ କର୍ମଚାରୀ ଓ ତଦାରଖକାରୀ ଅଧିକାରୀମାନେ ନୋଟିସ୍ ବିତରଣ, କ୍ଷେତ୍ରସ୍ତରୀୟ ଯାଂଚ ଓ ଶୁଣାଣି କାର୍ଯ୍ୟକୁ ନିଷ୍ଠାର ସହ ସମ୍ପାଦନ କରୁଥିବାରୁ ଜିଲ୍ଲାପାଳ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି । ଅବଶିଷ୍ଟ କାର୍ଯ୍ୟକୁ ମଧ୍ୟ ସମାନ ତତ୍ପରତା ଓ ନିଷ୍ଠାର ସହ ସମାପ୍ତ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

# ବିଜ୍ଞାପିତ ପାରିଷଦ ଅଧକ୍ଷ ଓ ୯ କାଉନସିଲରଙ୍କ ବିଜେପିରେ ସାମିଲ

ନୂଆପଡା(ନିପ୍ର): ଚଳିତ ମାସ ୧୭ ତାରିଖରେ ଭୁବନେଶ୍ୱର ସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଏକ ବିଧିବଦ୍ଧ କାର୍ଯ୍ୟକ୍ରମରେ ଖଡ଼ିଆଳ ଉପାଧକ୍ଷ ତଥା ତାଙ୍କ ସହ ୯ ଜଣ କାଉନସିଲର ବିଜେପିରେ ଯୋଗଦାନ କରିଥିଲେ । ଯୋଗଦାନ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ବିଭିନ୍ନ ଗଣ ମାଧ୍ୟମରେ ତାଙ୍କୁ ତିନୋଟି ଦଳ - କଂଗ୍ରେସ, ବିଜେଡି ଓ ବିଜେପି - ରେ ଯୋଗଦାନ କରିଥିବା କୁହାଯାଉଛି ଯାହା ସମ୍ପୂର୍ଣ୍ଣ ଭୁଲ । ସେ ସ୍ପଷ୍ଟ କରି କହିଛନ୍ତି, ମୁଁ ୨୦୧୬ ରେ କଂଗ୍ରେସରେ ଯୋଗଦାନ କରିଥିଲି । ୨୦୧୭ ରେ କଂଗ୍ରେସ ଟିକେଟରେ ଜିଲ୍ଲା ପରିଷଦ ଓ ୨୦୨୨ ରେ କଂଗ୍ରେସ ଟିକେଟରେ ଖଡ଼ିଆଳ ନଗରପାଳ ନିର୍ବାଚିତ ହୋଇଥିଲି । ୨୦୨୪ ବିଧାନସଭା ଓ ସାଂସଦ ନିର୍ବାଚନ ସମୟରେ ବ୍ୟକ୍ତିଗତ କାରଣରୁ ସେ କଂଗ୍ରେସରେ ସକ୍ରିୟ ରହି ନଥିଲି । ସେହି ସମୟରେ ସେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସହ ରହିଥିଲି । ବିଧାୟକ ଯେତେବେଳେ ୨୦୨୪ ରେ ବିଜେଡିରେ ଯୋଗଦାନ କଲେ ସେ ବିଜେଡିରେ ଯୋଗ ଦେଇ ନ ଥିଲେ । କଂଗ୍ରେସରେ ସକ୍ରିୟ ନଥିବାରୁ ଦଳ ତାଙ୍କୁ ନିଲମ୍ବିତ କରିଥିଲା । ସେ ଆହୁରି କହିଛନ୍ତି, ବିଜେପି ଗୋଟିଏ ଆଦର୍ଶ ଦଳ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ ଓ ବିକାଶ କାର୍ଯ୍ୟରେ ପ୍ରଭାବିତ ହୋଇ ମୁଁ ବିଜେପିରେ ଯୋଗଦାନ କରିଛି ବୋଲି କହିଥିଲେ । ସୂଚନା ଅନୁସାରେ ଖଡ଼ିଆଳ ବିଧାୟକ ତାଙ୍କ ପାଇଁ ବାପା ସଦୃଶ । ଏହି ଅବସରରେ ସେ ଗତ କିଛି ଦିନ ତଳେ ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ଦ୍ୱାରା ଖଡ଼ିଆଳ ସହରେ ଆବାସ ଘୋଟାଲା ହୋଇଥିବା ଅଭିଯୋଗ ଉପରେ ମଧ୍ୟ ନିଜର ମତ ରଖିଥିଲେ । ସେ ରାଜ୍ୟ ସରକାର ସମେତ ଜିଲ୍ଲା ପ୍ରଶାସନଙ୍କୁ ଅନୁରୋଧ କରି କହିଛନ୍ତି ଯେ ଯଦି ଖଡ଼ିଆଳ ଏନଏସିରେ ଘୋଟାଲା ହୋଇଛି ତେବେ ଏହି ଘୋଟାଲାର ତଦନ୍ତ କରାଯାଉ । ଯାହାକୁ ଦୋଷୀ ପାଇବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯାଉ । ମୋତେ ବ୍ୟବସାୟୀ ବୋଲି ମଧ୍ୟ ଆରୋପ କରାଯାଇଛି । ହଁ ମୁଁ ବ୍ୟବସାୟୀ । ମୋର ପୂର୍ବଜ ମଧ୍ୟ ବ୍ୟବସାୟୀ । ସମ୍ବିଧାନରେ କୌଣସି ନିୟମ ନାହିଁ ଯେ ଜଣେ ଜନ ପ୍ରତିନିଧି ବ୍ୟବସାୟ କରି ପାରିବ ନାହିଁ ବୋଲି ସେ କହିଥିଲେ । ନିର୍ବାଚନ ପାଇଁ ଆହୁରି ଆଠ ମାସ ସମୟ ରହିଲା । ଏହି ଆଠ ମାସ ମଧ୍ୟରେ ବିଜେପି ସହଯୋଗରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରାଯିବ ବୋଲି ସେ ଘୋଷଣା କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ଜିଲ୍ଲା ବିଜେପି ଉପ ସଭାପତି ତଥା ଖଡ଼ିଆଳ ରାଜା ସାହେବ ଦେବ ଦେବ ପ୍ରସାଦ ସିଂହ ଦେଓ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଜ୍ଞାନ ରଞ୍ଜନ ମେହେର, ବିଜେପି ଖଡ଼ିଆଳ ନଗର ସଭାପତି ଜୟରାମ କୈବର୍ତ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ସିଆଇଏସସିଇ ଜୋନାଲ ଥ୍ରୋବଲରେ ବିଇଏମର ଅପରାଜେୟ ପ୍ରଦର୍ଶନ

ଝାରସୁଗୁଡା(ନିପ୍ର): ବେଲପାହାଡ଼ ସ୍ଥିତ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ରେ ସିଆଇଏସସିଇ ଜୋନାଲ ଥ୍ରୋବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଦିନ ଅନୁଷ୍ଠିତ ଏହି ପ୍ରତିଯୋଗିତା ରେ ଝାରସୁଗୁଡା ଜୋନ ର ଆଇସିଏସସିଇ ବିଦ୍ୟାଳୟ ର ୧୨୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଗୁରୁବାର ଦିନ ସକାଳେ ହୋଇଯାଇ ଥିବା ଉଦଘାଟନୀ ସମାରୋହରେ ବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଉପାଧ୍ୟକ୍ଷ ବିଜୟ କୁମାର ଗୌଡ଼ ସମ୍ମାନୀତ ଅତିଥି ଭାବରେ ଉପସ୍ଥିତ ଥିଲେ । ଅପରାହ୍ନରେ ହୋଇଯାଇଥିବା




ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବେଲପାହାଡ଼ ଏଜୁକେଶନ ସୋସାଇଟି ତଥା ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ର ପରିଚାଳନା କମିଟି ର ସଭାପତି କୁମାର ହେରମ୍ବ ନାରାୟଣ ନାଏକ ଉପସ୍ଥିତ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ମେଡେଲ ପ୍ରଦାନ କରି ଉତ୍ସାହିତ କରିଥିଲେ । ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ହମିଦ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ପ୍ରତୀକ ମହାନ୍ତି ମଂଚ ପରିଚାଳନା କରିଥିଲେ । ସମ୍ବଲପୁର ର ସେଂଟ ଜୋସେଫ, ଝାରସୁଗୁଡା ର ସେଂଟ ଥୋମାସ, ବେଲପାହାଡ଼ ର ବିବେକାନନ୍ଦ ଇଂଟର ନେସନାଲ ବିଦ୍ୟାଳୟ ଓ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ର ଛାତ୍ରୀ ଭାଗ ନେଇଥିଲେ । ୧୪ ବର୍ଷରୁ କମ୍,୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବିଭାଗର କେବଳ ବାଳିକା ମାନଙ୍କର ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ଚମ୍ପିୟାନ, ବିବେକାନନ୍ଦ ଇଂଟର ନେସନାଲ ବିଦ୍ୟାଳୟ ରନର୍ସ ଅପ ଓ ସେଂଟ ଜୋସେଫ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ୧୭ ବର୍ଷରୁ କମ୍ ବାଳିକା ବର୍ଗ ରେ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ବିବେକାନନ୍ଦ ଇଂଟରନେସନାଲ ବିଦ୍ୟାଳୟ ରୌପ୍ୟ ତଥା ସେଂଟ ଜୋସେଫ ବିଦ୍ୟାଳୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ଚମ୍ପିୟାନ ହୋଇଥିବା ବେଳେ ସେଂଟ ଥେମାଶ ବିଦ୍ୟାଳୟ ଉପ ବିଜେତା ଓ ସେଂଟ ଜୋଶେଫ ବିଦ୍ୟାଳୟ ସମ୍ବଲପୁର ତୃତୀୟ ସ୍ଥାନରେ ରହିଛନ୍ତି । ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳୀ ମାନେ ଚୟନ ହୋଇ ଆସନ୍ତା ମାସ ରେ ହେବାକୁ ଥିବା ରିଜିଓନାଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଶାରିରୀକ ଶିକ୍ଷା ବିଭାଗର ହମିଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ହୋଇ ଯାଇଥିବା ଏହି ପ୍ରତିଯୋଗିତାରେ ବିଦ୍ୟାଳୟ ର ଶାନ୍ତି ନାୟକ, ସୁନନ୍ତ କୁମାର ପଣ୍ଡା, ଅଶୋକ ଧିର ସାମନ୍ତ, ମନୋଜ ବିନ୍ଧାଣୀ. ଧର୍ମେନ୍ଦ୍ର ବିଶ୍ୱକର୍ମା , ସିମରନ ସିଂ, ରମଣୀ ରଞ୍ଜନ ଡିଲା, ପ୍ରତୀକ ମହାନ୍ତି,ଏମଡି ସାହିଦ, କବିତା ପଟେଲ, ଅଜ୍ଞନା ବହିଦାର ସହଯୋଗ କରିଥିଲେ ।

# ଛେଲିଗଡ଼ ଜଳସେଚନ ପ୍ରକଳ୍ପର ଥଇଥାନ ଓ ଉପାନ୍ତ ଅଂଚଳ ଉନ୍ନୟନ ପରାମର୍ଶଦାତା କମିଟିର ୬ଷ୍ଠ ବୈଠକ

ଛତ୍ରପୁର(ନିପ୍ର): ଓଡିଶା ସରକାରଙ୍କ ଜଳସେଚନ ବିଭାଗ ଅନ୍ତର୍ଗତ ଛେଲିଗଡ଼ ଜଳସେଚନ ପ୍ରକଳ୍ପର ଥଇଥାନ ଓ ଉପାନ୍ତ ଅଂଚଳ ଉନ୍ନୟନ ପରାମର୍ଶଦାତା କମିଟିର ୬ଷ୍ଠ ବୈଠକ ଆଜି ଦକ୍ଷିଣା ଁଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧକ୍ଷତାରେ ଛତ୍ରପୁର ସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲାପାଳ ଭ୍ଵି କୀର୍ତ୍ତି ଭ୍ୱାସନ, ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ, ଅଶୋକ କୁମାର ବେହେରା, ନିର୍ଦ୍ଦେଶକ (ଥଇଥାନ ଓ ପୁନର୍ବାସ), ଜଳସମ୍ପଦ ବିଭାଗ, ଗଜପତି ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ମୀନା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ ନାଗାର୍ଜୁନଙ୍କ ସମେତ ସ୍ଥାନୀୟ ଅଂଚଳର ଜନପ୍ରତିନିଧି, ଜନସାଧାରଣ , ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ଛେଲିଗଡ଼ ଜଳସେଚନ ପ୍ରକଳ୍ପ ସମ୍ପର୍କିତ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି, ଥଇଥାନ ଓ ପୁନର୍ବାସ, ଆ.ଁଆର୍ କଲୋନୀ କାର୍ଯ୍ୟ ଅଗ୍ରଗତି, ଜୀବିକା ନିର୍ବାହ ପନ୍ଥା ସୃଷ୍ଟି, ପଟ୍ଟା ପ୍ରାପ୍ତି ଜନିତ ସମସ୍ୟା, ୨୦୦୬ ଓ ୨୦୧୩ର ଆଇନ, ଆର୍ଥିକ ସହାୟତା ଆଦି ସମସ୍ତ ବିଷୟରେ ଆଲୋଚନା କରିଥିଲେ । ସୂଚନା ଯୋଗ୍ୟ ଯେ, ବିସ୍ଥାପିତ ପରିବାରମାନଙ୍କୁ ନୂତନ ବିଦ୍ୟୁତ ସଂଯୋଗ ଯୋଗାଇଦେବା ପାଇଁ ପରିବାର ପିଛା ୩୯୧୦ ଟଙ୍କା ମଞ୍ଜୁର କରାଯାଇଛି । ଛେଲିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ୩୦ ଅକ୍ଟୋବର ୨୦୨୩ ରେ ଷ୍ଟେଜ୍-୨ ଜଙ୍ଗଲ ମଞ୍ଜୁରୀ ଦେଇସାରିଛି । ପ୍ରକଳ୍ପର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ସମୟରେ ଜଣାପଡିଥିଲା ଡ୍ୟାମ୍ ଓ ସ୍ପିଲଓ୍ୱେ ଡିଜାଇନ୍ ଅନୁମୋଦିତ ହୋଇସାରିଛି । ଏହି କାର୍ଯ୍ୟକୁ ୩୧ ଡିସେମ୍ବର ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ୧୨୮୦ ମିଟର ଲମ୍ବର ଟନେଲ୍ କାର୍ଯ୍ୟ ଜୁଲାଇ ୨୦୨୪ ସୁଦ୍ଧା ଶେଷ ହୋଇସାରିଛି । ମୁଖ୍ୟ କେନାଲ୍ ?ର ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି । ପ୍ରକଳ୍ପ ଯୋଗୁଁ ମୋଟ ୫୯୬ଟି ପରିବାର ବିସ୍ଥାପିତ ଏବଂ ୫୦୩ଟି ପରିବାର ପ୍ରଭାବିତ ହେଉଛନ୍ତି । ଓଡ଼ିଶା ଥଇଥାନ ଓ ପୁନର୍ବାସ ନୀତି–୨୦୦୬ (ନବମ ସଂଶୋଧନ) ଅନୁଯାୟୀ ଅନୁସୂଚିତ ଜନଜାତି ପରିବାରଙ୍କୁ ୧୦ ଲକ୍ଷ ୯୯ ହଜାର ୬୦୨ ଟଙ୍କା ଏବଂ ଅନ୍ୟ ବର୍ଗର ପରିବାରଙ୍କୁ ୯ ଲକ୍ଷ ୭୬ ହଜାର ୪୮୪ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି । ଏଥିସହ ଗଜପତି ଜିଲ୍ଲା ବାହାରେ ସ୍ଥାୟୀ ବସବାସ କରିବାକୁ ଇଚ୍ଛୁକ ଅନୁସୂଚିତ ଜନଜାତି ପରିବାରଙ୍କୁ ଅତିରିକ୍ତ ୨୫ ପ୍ରତିଶତ ସହାୟତା ରାଶି ପ୍ରଦାନ ପାଇଁ ସରକାର ମଞ୍ଜୁରୀ ଦେଇଛନ୍ତି । ଗଜପତି ଜିଲ୍ଲାରେ ୩ଟି ( ରତାଙ୍ଗ, ସେିଲାଙ୍ଗ, ପିଲିସୁଗୁବା) ଏବଂ ଗଞ୍ଜାମ ଜିଲ୍ଲାରେ ୪ଟି (ସାନ୍ତାପୁର, ବାବୁଲିବନ୍ଧ, ବାଲିପାଟ, ଚାକୁଣ୍ଡାପଲ୍ଲୀ) ସ୍ମାର୍ଟ ଆ.ଁଆର୍ କଲୋନୀ ନିର୍ମାଣ ହେଉଛି, ଯେଉଁଥିରେ ପାନୀୟ ଜଳ, ରାସ୍ତା, ଓ ଟ୍ରାନ୍ସଫର୍ମର ସହ ବିଦ୍ୟୁତୀକରଣ କାର୍ଯ୍ୟ ଅବ୍ୟାହତ ରହିଛି । ବିସ୍ଥାପିତ ପରିବାରଗୁଡ଼ିକର ରୋଜଗାର ପାଇଁ କମ୍ୟୁନିଟି କାଓ ସେଡ୍ ନିର୍ମାଣ ସହିତ ମାଗଣାରେ କୁକୁଡ଼ା ପାଳନ ପାଇଁ ୫୦ଟି ଲେଖାଏଁ କୁକୁଡ଼ା ଯୋଗାଇ ଦିଆଯାଉଛି । ଲୋକମାନଙ୍କର ତାଲିମ ଏବଂ ନିଯୁକ୍ତି ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । କ୍ଷତିପୂରଣ ୨୦୦୬ ନୀତି ବଦଳରେ ୨୦୧୩ ର ନୂତନ ଆଇନ ଅନୁଯାୟୀ ପ୍ରଦାନ କରିବା ପାଇଁ ଦାବି ରହିଛି । ଏହି ଦାବିର ପ୍ରତିଉତରରେ ପ୍ରଶାସନ ସ୍ପଷ୍ଟ କରିଛି ଯେ, ୨୦୦୬ ପଲିସି (ସପ୍ତମ ସଂଶୋଧନ ସହିତ) ଲୋକଙ୍କୁ ଭଲ ସୁବିଧା ଓ ଆର୍ଥିକ ରାଶି ମିଳିପାରୁଛି । ଅନେକ ଲୋକ ପାଖାପାଖି ୩-୪ ଏକର କୃଷି ଜମି ହରାଇଛନ୍ତି ଏବଂ ପ୍ରକଳ୍ପ ତରଫରୁ ସେମାନଙ୍କୁ କେବଳ ଘର ଡିହ ଓ କ୍ଷତିପୂରଣ ଅର୍ଥ ମିଳୁଛି ବୋଲି ଅସନ୍ତୋଷ ବ୍ୟକ୍ତ କରିଥିଲେ । ସରକାରଙ୍କ ନୀତି ଅନୁଯାୟୀ ସର୍ବାଧିକ ସହାୟତା ପ୍ରଦାନ କରାଯିବ ବୋଲି ବୈଠକରେ କୁହାଯାଇଥିଲା । ଚାକୁଣ୍ଡାପଲ୍ଲୀର ଲୋକମାନେ ଦିଆଯାଇଥିବା କଲୋନୀରେ ବସବାସ କରିବାକୁ ଅରାଜି ହେବା ସହ ରଥପୁର (ଗଞ୍ଜାମ) ଠାରେ ପ୍ରତି ପରିବାର ପାଇଁ ୫ ଏକର ଜମି ଦାବି କରିଛନ୍ତି । ଏକାସାଙ୍ଗରେ ଏତେ ପରିମାଣର ଜମି ଯୋଗାଇଦେବା ଦୁରୁହ ବ୍ୟାପାର । ତେବେ ସରକାରୀ ନୀତି ଅନୁଯାୟୀ, ଲୋକମାନେ ଚାହିଁଲେ କ୍ଷତିପୂରଣ ଟଙ୍କା ନେଇ ନିଜ ପସନ୍ଦର ସ୍ଥାନରେ ଜମି କିଣିପାରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ତୃଣମୂଳସ୍ତରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା (ଯେପରିକି ଚାକୁଣ୍ଡାପଲ୍ଲୀ ପ୍ରସଙ୍ଗ) ଏବଂ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଏକ ’ସବ୍-କମିଟି’ ଗଠନ କରିବାକୁ ନିଷ୍ପତି ନିଆଯାଇଅଛି । ଏଥିରେ ଗଜପତି ଓ ଗଞ୍ଜାମର ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଏବଂ ସ୍ଥାନୀୟ ଜନପ୍ରତିନିଧି ରହିବେ ଏବଂ ଏହି କମିଟି ପ୍ରତି ମାସର ପ୍ରଥମ ସପ୍ତାହରେ ସମୀକ୍ଷା ବୈଠକ ଡାକି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବ ଏବଂ ଏହାର ସମାଧାନ କରିବ । କେବଳ ଘର ବା କ୍ଷତିପୂରଣ ନୁହେଁ, ବରଂ ଲୋକଙ୍କର ସ୍ଥାୟୀ ରୋଜଗାର ପାଇଁ ଏଗ୍ରୋ-ଟୁରିଜିମ୍ , ସ୍କିଲ୍ ଡେଭେଲପମେଂଟ ଏବଂ ସ୍ଥାନୀୟ ପ୍ରକଳ୍ପଗୁଡ଼ିକରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଜନପ୍ରତିନିଧିମାନେ ପ୍ରସ୍ତାବ ରଖିଥିଲେ । ଛେଲିଗଡ଼ ବୁଡ଼ି ଅଂଚଳ ସଂଗ୍ରାମ ସମିତିର ପ୍ରତିନିଧି ଏବଂ ସ୍ଥାନୀୟ ସରପଂଚମାନେ ବୈଠକରେ ବିସ୍ଥାପିତ ଲୋକଙ୍କ ପକ୍ଷରୁ ଏକ ୧୫-ଦଫା ସମ୍ବଳିତ ଦାବିପତ୍ର ଉପସ୍ଥାପନ କରିଥିଲେ । ଖମାରିଗାଁ, ଚାକୁଣ୍ଡାପଲ୍ଲୀ ଏବଂ ସାନ୍ତାପୁର ଭଳି ନିର୍ଦ୍ଦିଷ୍ଟ ଗ୍ରାମଗୁଡ଼ିକର ବିସ୍ଥାପନ ଜନିତ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ବିନା ଆଲୋଚନା ଏବଂ ବିନା ସହମତିରେ କୌଣସି ପରିବାରକୁ ବାଧ୍ୟତାମୂଳକ ଭାବେ ଉଚ୍ଛେଦ କରାଯିବ ନାହିଁ ଏବଂ ଆଲୋଚନା ମାଧ୍ୟମରେ ସମସ୍ତ ସମାଧାନର ବାଟ ବାହାର କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଜଳସମ୍ପଦ ବିଭାଗ ନାମରେ ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ ଲୋକଙ୍କୁ ବ୍ୟକ୍ତିଗତ ପଟ୍ଟା ମିଳିବାରେ ବିଳମ୍ବ ହେଉଥିବା ନେଇ ଆଲୋଚନା ହୋଇଥିଲା । ତେବେ ଇତିମଧ୍ୟରେ ୫୨ଟି ଏଗ୍ରିକଲଚରାଲ୍ (କୃଷି) ଏବଂ ୯୬ ହୋମ୍ ?ଷ୍ଟେଡ୍ (ଘରବାରି) ଜମି ପଟ୍ଟା ପ୍ରସ୍ତୁତ ହୋଇସାରିଛି ଏବଂ ଏହା ତୁରନ୍ତ ହିତାଧିକାରୀଙ୍କୁ ବ[ନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ବୁଡି ଅଂଚଳରେ ରହିଆସୁଥିବା ଲୋକଙ୍କ ଜଙ୍ଗଲ ଜମି ପଟ୍ଟା ଏବଂ ସେମାନଙ୍କୁ ମିଳିବାକୁ ଥିବା କ୍ଷତିପୂରଣ ରାଶି ଉପରେ ଆଲୋଚନା ହୋଇଥିଲା ଏବଂ ଏଥିନିମନ୍ତେ ସମସ୍ତ ପଦକ୍ଷପ ନିଆଯାଉଥିବା ସମ୍ପର୍କରେ ଗଜପତି ଜିଲ୍ଲାପାଳ ବୈଠକକୁ ଅବଗତ କରିଥିଲେ । ବାଲିପାଟ ଓ ଅନ୍ୟାନ୍ୟ କଲୋନୀରେ ଥିବା ଜମିର ଅଭାବ ତଥା ମୌଳିକ ସୁବିଧାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ୧୮୯୪ ବା ଅନ୍ୟ ପୁରୁଣା ଆଇନ ତୁଳନାରେ ୨୦୦୬ ପୁନର୍ବାସ ଓ ଥଇଥାନ ନୀତି କିପରି ଅଧିକ ଲାଭଦାୟକ ଓ ଲୋକାଭିମୁଖୀ, ସେ ବିଷୟରେ ଉପସ୍ଥିତ ଅଧିକାରୀମାନେ ବୁଝାଇଥିଲେ । ସରକାରଙ୍କ ଆଗାମୀ ନୂତନ ଥଇଥାନ ନୀତି ବିଷୟରେ ମଧ୍ୟ ସୂଚନା ଦିଆଯାଇଥିଲା । କଲୋନୀଗୁଡ଼ିକୁ ସ୍ଥାନାନ୍ତର ହେବା ପୂର୍ବରୁ ସମ୍ପୂର୍ଣ୍ଣ ରୂପେ ପାନୀୟ ଜଳ, ଆଭ୍ୟନ୍ତରୀଣ ରାସ୍ତା, ବିଦ୍ୟାଳୟ ଏବଂ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରିବାକୁ ଜନପ୍ରତିନିଧିମାନେ ପରାମର୍ଶ ଦେଇଥିଲେ । ପ୍ରକଳ୍ପ ସହ ସଂଯୁକ୍ତ ସମସ୍ତ ଅଧିକାରୀଙ୍କୁ ବିସ୍ଥାପିତ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ବୈଠକରେ ଅଧକ୍ଷତା କରୁଥିବା ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ଏବଂ ସାଂସଦ/ ବିଧାୟକମାନେ ପରାମର୍ଶ ଦେଇଥିଲେ । ବରିଷ୍ଠ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର କୁମାର କହଁର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗଜପତି ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ମରଣାନ୍ତକ ଆକ୍ରମଣ ମାମଲାରେ ଅଭିଯୁକ୍ତ ରଜତ ଗିରଫ

ବ୍ରହ୍ମପୁର(ନିପ୍ର): ଗୋଷାଣୀନୂଆଗାଁ ଥାନା ପୁଲିସ ଏକ ମରଣାନ୍ତକ ଆକ୍ରମଣ ମାମଲାରେ କେ. ନୂଆଗାଁ ଥାନା ଅନ୍ତର୍ଗତ ଖମାରିଗାଁର ବାସିନ୍ଦା ରଜତ ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଘଟଣାକୁ ନେଇ ଗୋଷାଣୀନୂଆଗାଁ ଥାନାରେ କେସ୍ ନଂ-୨୬୪ ରୁଜୁ ହୋଇଥିଲା । ପୁଲିସ ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ୬ ତାରିଖରେ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ହାଉସିଂ ବୋର୍ଡ ଅଂଚଳରେ ଏହି ଘଟଣା ଘଟିଥିଲା । କେ. ନୂଆଗାଁ ଅଚଳର ବାସିନ୍ଦା ସୁମିତ ପଣ୍ଡା ତାଙ୍କ ଡ୍ରାଇଭର ରାମକୃଷ୍ଣ ମିଶ୍ରଙ୍କ ସହ ଏକ ଟାଟା ଏସ୍ ଗାଡ଼ିରୁ କୋଲ୍ଡ ଡ୍ରିଙ୍କ ବୋତଲ ଓହ୍ଲାଉଥିବା ବେଳେ ରଜତ ମହାପାତ୍ର ଓ ତାଙ୍କ ପରିବାରର ଦୁଇଜଣ ସେଠାରେ ପହଂଚି ଉଭୟଙ୍କୁ ନିର୍ମମ ଭାବେ ଆକ୍ରମଣ କରିଥିଲେ । ଏଥିରେ ସୁମିତ ଓ ତାଙ୍କ ଡ୍ରାଇଭର ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତି କରିଥିଲେ । ଘଟଣା ପରେ ସୁମିତଙ୍କ ମାଆ ଅଞ୍ଜଳି କୁମାରୀ ପାଣି ଗୋଷାଣୀନୂଆଗାଁ ଥାନାରେ ଏତଲା ଦେଇଥିଲେ । ଏହାକୁ ଆଧାର କରି ପୁଲିସ କେସ୍ ନଂ-୨୬୪ ରୁଜୁ କରି ରଜତ ମହାପାତ୍ର ଓ ତାଙ୍କ ପରିବାରର ଅନ୍ୟ ଦୁଇଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇ ତଦନ୍ତ ଆରମ୍ଭ କରିଥିଲା । ଦୀର୍ଘଦିନ ଧରି ଫେରାର ଥିବା ରଜତଙ୍କ ସମ୍ପର୍କରେ ସୂଚନା ପାଇ ଗୁରୁବାର ପୁଲିସ ତାଙ୍କୁ ବ୍ରହ୍ମପୁର ବସ୍‌ଷ୍ଟାଣ୍ଡ ଅଂଚଳରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।





# ଭକ୍ତିକ୍ଷେତ୍ରର ଶ୍ରୀଜୀଉମାନେ ଶ୍ରୀମନ୍ଦିରକୁ ବାହୁଡ଼ିଲେ



ଲଙ୍ଗଳେଶ୍ୱର(ନିପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଭକ୍ତିକ୍ଷେତ୍ର ମାନ୍ଧାତାରେ ବାହୁଡ଼ା ଯାତ୍ରା ଖୁବ୍ ଧୂମଧାମ ଓ ଜାକଜମକରେ ପାଳିତ ହୋଇଯାଇଛି । ଜନ୍ମବେଦୀରୁ ବାହୁଡିବା ପାଇଁ ପ୍ରତ୍ୟୁଷରୁ ମହାପ୍ରଭୁମାନଙ୍କର ବିଭିନ୍ନ ପୂଜାନୀତି କରାଯାଇ ସଜବାଜ ଚାଲିଥିଲା । ରଥପଥ ସବୁ ସଜ୍ଜିତ ହୋଇଥିଲା । ମହାପ୍ରଭୁମାନଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ଼ କଲାପରେ ମହାରାଜା ଗୋପାଳ କୃଷ୍ଣ ପାତ୍ର ତିନି ରଥରେ ଛେରା ପହଁରା ସେବା କରିଥିଲେ । ଅତ୍ୟନ୍ତ ଭାବାବେଗ ପରିବେଶରେ ତିନିରଥ ଆଗେଇଥିଲା । ବାଣ ରୋଷଣୀ, ଢୋଲ ମହୁରୀ, କୀର୍ତନର ତାଳେ ତାଳେ ତିନିରଥ ଶ୍ରୀ ମନ୍ଦିର ଆଡକୁ ଅଗ୍ରସର ହେଉଥିଲା । ରାସ୍ତାରେ ମାଉସୀ ବାଡ଼ିରେ ମହାପ୍ରଭୁଙ୍କୁ ପୋଡ଼ପିଠା ଲାଗି ହୋଇଥିଲା ।ମାଉସୀ ସନ୍ଧ୍ୟାରାଣୀ ମଣ୍ଡଳ ମହାପ୍ରଭୁଙ୍କୁ ପୋଡ଼ପିଠା ସମର୍ପଣ କରି ନିଜକୁ ଧନ୍ୟ ମଣିଥିଲେ । ସନ୍ଧ୍ୟା ୭ଟା ସମୟରେ ତିନିରଥ ରଥଖଳାରେ ପହଂଚିଥିଲା । ଆପୋଲୋ ହସ୍ପିଟାଲର କାର୍ଯ୍ୟରତ ସୁନାମଧନ୍ୟ ଡାକ୍ତର ବ୍ରଜରାଜ ଦାସ, ସୁନାମଧନ୍ୟ ସମାଜସେବୀ ସଞ୍ଜୟ କୁମାର ପାତ୍ର , ଷ୍ଟେଟ ବ୍ୟାଙ୍କର ମ୍ୟାନେଜର ଶ୍ରୀ ଭବାନୀ ଶଙ୍କର ହୁଇ, ଅଧ୍ୟାପକ ଶ୍ରୀ ଶକ୍ତିଶଙ୍କର ଦଣ୍ଡପାଟ, ଅଧ୍ୟାପକ ସୁଧୀର କୁମାର ନନ୍ଦ, ଶିଳ୍ପପତି ଶ୍ରୀ ଅକ୍ଷୟ କୁମାର ପଣ୍ଡା, ଭାରତୀୟ ଜୀବନ ବୀମା ଗଲେକ୍ସୀ କ୍ଲବ ମେମ୍ବର ଅନାଦି ଚରଣ ଗିରିଙ୍କ ପ୍ରେରଣା ଓ ଶ୍ରୀ ଜଗନ୍ନାଥ ଜୀଉ ସେବକ ନିଯୋଗର ସଭାପତି ଗୋପାଳ କୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର, ସହସମ୍ପାଦକ ସରୋଜ କୁମାର ତୋଳା, ଉପସଭାପତି ପ୍ରଦୀପ କୁମାର ଜେନା, କୋଷାଧକ୍ଷ ଗଜେନ୍ଦ୍ର ଧଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ କାର୍ଯ୍ୟ ସମ୍ପାଦନ ହୋଇଥିଲା । ଏହି କାର୍ଯ୍ୟକୁ ସମ୍ପାଦନ କରିବାରେ ବିଶିଷ୍ଟ ବ୍ୟବସାୟୀ ଅଜୟ କୁମାର ପାତ୍ର, ମନୋରଞ୍ଜନ ସାମଲ, ଶିଳ୍ପପତି ମାନସ କୁମାର ମଣ୍ଡଳ, ମନୋରଞ୍ଜନ ପାତ୍ର, ପ୍ରଶାନ୍ତ ଦଳାଇ, ମନୋରଞ୍ଜନ ଦାସ, ସୁଦର୍ଶନ ଦଳାଇ, ସଞ୍ଜୟପାତ୍ର, କୁମାରେଶ ଆଦକ, ଶିବାଜୀ ମଣ୍ଡଳ, ମାନସ ଆଦକ୍, ସୁକୁମାର ଦାସ, ସୁଧାବିନ୍ଦୁ ଦାସ, କୃଷ୍ଣପଦ ସାହୁ, ମହାବଳ । ଗଣେଶ ପୂଜା ଅନୁଷ୍ଠାନର କର୍ମକର୍ତା ଓ ଶ୍ରୀ ଜଗନ୍ନାଥ ଜୀଉ ସେବକ ନିଯୋଗର ସମସ୍ତ ଭକ୍ତ ସହଯୋଗ କରିଥିଲେ । ସହଯୋଗ କରିଥିଲେ । ରାଜଗୁରୁ ଅଧ୍ୟାପକ ଶୁକଦେବ ପାଣିଗ୍ରାହୀ ଓ ମୁଖ୍ୟପୂଜକ ମାଧବାନନ୍ଦ ପାଣିଗ୍ରାହୀ ମହାପ୍ରଭୁଙ୍କ ପୂଜାନୀତି ସମ୍ପାଦନ କରିଥିଲେ ।

# ବର୍ଷା ଧୋଇନେଲା ଧାନ ଚିନ୍ତାରେ ଚାଷୀକୁଳ

ସୋର(ସପ୍ର): ଯୋର ଅଂଚଳରେ ଗତ ତିନି ଦିନ ଧରି ଲଗାଣ ବର୍ଷା ହେବା ଫଳରେ ଚାଷୀମାନେ ପକାଇଥିବା ଧାନ ତଳି ଧୋଇ ନେଇଛି । ଅଧିକାଂଶ ଚାଷ ଜମିରେ ପକାଯାଇଥିବା ତଳି ଉପରେ ପାଣି ଭର୍ତିର୍ ହୋଇ ରହିଥିବା ଯୋଗୁଁ ଧାନ ତଳ ଗୁଡ଼ିକ ଗଜା ପଚିବାରେ ଲାଗିଛି । ଯାହା ଦ୍ୱାରା ଆଗାମୀ ଦିନରେ ଧାନ ରୁଆକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀମାନେ । ଚଳିତ ବର୍ଷ ବହୁ ବିଳମ୍ବରେ ମୌସୁମି ବର୍ଷା ଲଗାଣ ହେବା ପରେ ଚାଷୀମାନେ ତରବରିଆଭାବେ ସେମାନଙ୍କର ଆବଶ୍ୟକତା ମୁତାବକ ଧାନ ତଳି ପକାଇଥିଲେ । ଏହାର ଠିକ୍ ପରେପରେ ମୌସୁମି ବର୍ଷା ସାଙ୍ଗକୁ ଲଘୁଚାପ ଯୋଗୁଁ ପ୍ରବଳ ଲଗାଣ ବର୍ଷା ହେବା ଫଳରେ ଧାନ ତଳିଗୁଡ଼ିକ ଉପରେ ପାଣି ବୁଡ଼ି ରହିଛି । ଯାହା ଫଳରେ ଧାନ ତଳି ଗଜା ପଚିଯିବା ଭୟରେ ଚାଷୀମାନେ ବିଲରୁ ପାଣି ବାହି ତଳି ରକ୍ଷା କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଏପରି ସ୍ଥିତିରେ ସରକାରଙ୍କ ତରଫରୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିହନ ଯୋଗେଇବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

# ଗ୍ରାମ୍ୟଉନ୍ନୟନ ବିଭାଗରେ ଦୁର୍ନୀତି ଅଭିଯୋଗ

ଉଦଳା(ନି ପ୍ର)ୟୂରଭଞ୍ଜ ଜିଲ୍ଲା ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟାଧୀନ ଅଂଚଳରେ ବ୍ୟାପକ ଦୁର୍ନୀତି ଏବଂ ଅନିୟମିତତା ଅଭିଯୋଗ ଆଣିଛି 'ଭଞ୍ଜସେନା' । ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସରକାରୀ ପାଣ୍ଠିର ଅପବ୍ୟବହାର ହେଉଥିବା ଦର୍ଶାଇ ଭଞ୍ଜସେନା କପ୍ତିପଦା ଉପଖଣ୍ଡ ଶାଖା ପକ୍ଷରୁ କପ୍ତିପଦା ଉପଖଣ୍ଡ ପ୍ରଶାସନ ଜରିଆରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଇଞ୍ଜିନିୟର-ଇନ୍-ଚିଫଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ?କିଛି ସ୍ଥାନରେ ଏସ.ଆର. ଏବଂ ଆଓ୍ୱାର୍ଡ କାର୍ଯ୍ୟ ନ ହୋଇ ମଧ କାଗଜପତ୍ରରେ ଦର୍ଶାଇ ଠିକାଦାରଙ୍କୁ ବିଲ୍ ପୈଠ କରାଯାଉଛି । ମହିଷାସୁରୀ-ପଦ୍ମପୋଖରୀ ଏବଂ ଉଦଳା-ଦୁଗଧା-କୁଣ୍ଡାବାଇ (ମୁଖ୍ୟମନ୍ତ୍ରୀ ସଡକ ଯୋଜନା) କାର୍ଯ୍ୟରେ ଚୁକ୍ତିଭଙ୍ଗ କରାଯାଇ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉ ଥିଲେ ମଧ ଯନ୍ତ୍ରୀମାନେ ଏହାର ଠିକ୍ ତଦାରଖ କରୁନାହାନ୍ତି । ନିର୍ଦ୍ଦିଷ୍ଟ କିଛି ଅଧିକାରୀ ଓ ଏସ.ଡି.ଓ.ଙ୍କ ଦାୟିତ୍ୱହୀନତା ଯୋଗୁଁ ବିଭାଗରେ ଦିଶାହୀନ କାର୍ଯ୍ୟ ଚାଲିଛି । ତେଣୁ ସମ୍ପୃକ୍ତ ଅଧିକାରୀଙ୍କ ବେଆଇନ ସମ୍ପତିର ଆକଳନ କରାଯାଇ ସମସ୍ତ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ଦାବି କରାଯାଇଛି । ଯଦି ଆଗାମୀ ୭ ଦିନ ଭିତରେ ଏହି ଘଟଣାର ତଦନ୍ତ ନେଇ କୌଣସି ନିର୍ଦ୍ଦେଶ ନ ଆସେ, ତେବେ ଚଳିତ ଜୁଲାଇ ମାସ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ଭଞ୍ଜସେନା ଉଦଳା ସହର ଶାଖା ସଭାପତି ଲକ୍ଷ୍ମୀଧର ସାହୁ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଏହାର ଏକ ନକଲ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମଧ ପ୍ରଦାନ କରାଯାଇଛି ।

# ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ବୈଠକ



ନୀଳଗିରି(ନିପ୍ର): ନୀଳଗିରି ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ପଂଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପାଧକ୍ଷ ଜ୍ୟୋତିର୍ମୟ ପୋଥାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଁ. ଗୟାଧର ସିଂ ପ୍ରମୁଖ ମଂଚାସିନ ଥିଲେ । ଏହି ବ୍ଲକ୍ ସ୍ତରୀୟ ଜନ ଶୁଣାଣି ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ପର୍ଯ୍ୟାୟ ଗତ ୧ ଅକ୍ଟୋବର ୨୦୨୫- ୩୧ ମାର୍ଚ୍ଚ୨୦୨୬ ମଧରେ ସମ୍ପାଦିତ ସମସ୍ତ କାର୍ଯ୍ୟର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଂଚାୟତ ମାନଙ୍କରେ ସରକାରଙ୍କ ପକ୍ଷରୁ ଅନୁଦାନ ରାଶିରେ ବିଭିନ୍ନ କ୍ଷେତ୍ରରେ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ଅଂଚଳରେ ହିତାଧିକାରୀଙ୍କ ଆବାସ ଯୋଜନାରେ ଘର, ସାମାଜିକ ବନୀ କରଣ ଏବଂ ଗ୍ରାମ ସଭା ଉପରେ ଗୁରୁତ୍ୱ ଆରୋପ କରାଥିଲା । ଏହି ସାମାଜିକ ସମୀକ୍ଷାରେ ବିଭିନ୍ନ ପଂଚାୟତରୁ ନିର୍ବାଚିତ ଜନ ପ୍ରତିନିଧି,ଜୋବ କାର୍ଡ ଧାରୀ ଶ୍ରମିକ, ସମାଜସେବୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଏନ୍.ଜି.ଓ., ଜନସାଧାରଣ ଏବଂ ଗଣ ମାଧମର ପ୍ରତିନିଧିଗଣ ଯୋଗ ଦେଇଥିଲେ ।

# ରାଜସ୍ୱ ନିରୀକ୍ଷକ ୫,୫୦୦ଟଙ୍କା ଲାଂଚ ନେବାବେଳେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ

କଟକ(ନିପ୍ର): ଶ୍ରୀମତୀ ସାଇ ଦର୍ଶିନୀ ଲେଙ୍କା, ରାଜସ୍ୱ ନିରୀକ୍ଷକ , କାଉପଡା ସର୍କଲ, ଜିଲ୍ଲା-କେନ୍ଦ୍ରାପଡାଙ୍କୁ ମ୍ୟୁଟେସନ୍ ମାମଲାରେ ଅନୁକୂଳ ରିପୋର୍ଟ ପ୍ରଦାନ ଏବଂ ଆର୍ ଓ ଆର୍ ଜାରି କରିବା ପାଇଁ ଜଣେ ଆବେଦନକାରୀଙ୍କଠାରୁ ପାଂଚ ହଜାର ପାଂଚ ଶହ ଟଙ୍କାଦାବି ଏବଂ ଅନୁଚିତ ଲାଭ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ସୂଚନା ଅନୁଯାୟୀ ଆବେଦନକାରୀ କିଛି ବର୍ଷ ପୂର୍ବେ ଦୁଇଜଣ ଯୁଗ୍ମ ମାଲିକଙ୍କଠାରୁ ଏକ ଜମି କିଣିଥିଲେ । ଆବେଦନକାରୀ ୨୪.୦୬.୨୦୨୬ ରେ ଜମି ପଟ୍ଟା ତାଙ୍କ ସପକ୍ଷରେ ପାଇବା ପାଇଁ ତାଙ୍କ କ୍ରୟ ଜମିର ମ୍ୟୁଟେସନ୍ ପାଇଁ ଆବେଦନ କରିଥିଲେ । ସେବେଠାରୁ, ସେ ଅଭିଯୁକ୍ତଆର୍ ଆଇ ଶ୍ରୀମତୀ ଲେଙ୍କାଙ୍କୁ ମ୍ୟୁଟେସନ୍ ମାମଲାର ସମାଧାନ କରିବାକୁ ଅନୁରୋଧ କରିଆସୁଥିଲେ । କିନ୍ତୁ, ଅଭିଯୁକ୍ତ ଆର୍ ଆଇ ଶ୍ରୀମତୀ ଲେଙ୍କା ମ୍ୟୁଟେସନ୍ ମାମଲାରେ ଅନୁକୂଳ ରିପୋର୍ଟ ପ୍ରଦାନ କରିବା ଏବଂ ତାଙ୍କ ସପକ୍ଷରେଆର୍ ଓ ଆର୍ ଜାରି କରିବା ପାଇଁ ୬,୦୦୦/- ଟଙ୍କା ଲାଂଚ ଦାବି କରିଥିଲେ । ଯେତେବେଳେ ଆବେଦନକାରୀ ଦାବି କରାଯାଇଥିବା ଲାଂଚ ଦେବାକୁ ଅସମର୍ଥ ପ୍ରକାଶ କଲେ, ଅଭିଯୁକ୍ତ ଆରଆଇ ଲାଂଚ ପରିମାଣକୁ ହ୍ରାସ କରି ୫,୫୦୦/- ଟଙ୍କା କଲେ । ଦାବି ପୂରଣ କରିବାରେ ଅସମର୍ଥ ହୋଇ, ଆବେଦନକାରୀ ଶ୍ରୀମତୀ ଲେଙ୍କାଙ୍କ ଦ୍ୱାରା ହଇରାଣ ହରକତ ହେଉଥିବା ବିଷୟରେ ଭିଜିଲାନ୍ସ କର୍ତୃପକ୍ଷଙ୍କୁ ରିପୋର୍ଟ କଲେ । ଅଭିଯୋଗ ଆଧାରରେ, ୨୪.୦୭.୨୦୨୬ ରେ ଅଭିଯୁକ୍ତ ଶ୍ରୀମତୀ ସାଇ ଦର୍ଶିନୀ ଲେଙ୍କା, ଆରଆଇଙ୍କୁ ଓଡ଼ିଶା ଭିଜିଲାନ୍ସର ଦଳ ତାଙ୍କ କାର୍ଯ୍ୟାଳୟ ରୁମରୁ ଜଣେ ଆବେଦନକାରୀଙ୍କଠାରୁ ପାଂଚ ହଜାର ପାଂଚ ଶହ ଟଙ୍କା ଅନୁଚିତ ଲାଂଚ ଦାବି କରିବା ଏବଂ ନେବା ଅଭିଯୋଗରେ ଗିରଫ କରିଥିଲା । ସାକ୍ଷୀମାନଙ୍କ ଉପସ୍ଥିତିରେ ଶ୍ରୀମତୀ ଲେଙ୍କାଙ୍କ କବଜାରୁ ସମସ୍ତ ଲାଂଚ ଟଙ୍କା ଉଦ୍ଧାର ଏବଂ ଜବତ କରାଯାଇଥିଲା । ଶ୍ରୀମତୀ ଲେଙ୍କାଙ୍କ ଉଭୟ ହାତ ଧୋଇ ସକାରାତ୍ମକ ରାସାୟନିକ ପ୍ରତିକ୍ରିୟା ଦେଇଥିଲା, ଯାହା ତାଙ୍କ ଦ୍ୱାରା ଲାଂଚ ଟଙ୍କା ନେବା ଏବଂ ପରିଚାଳନା କରିବା ନିଶ୍ଚିତ କରିଥିଲା । ପରେ ଶ୍ରୀମତୀ ଲେଙ୍କାଙ୍କ କେନ୍ଦ୍ରାପଡା ଟାଉନର ସାନମଙ୍ଗଳାରେ ଥିବା ଭଡା ଘର, କେନ୍ଦ୍ରାପଡା ଜିଲ୍ଲା ପାଟକୁରା ପିଏସ୍-ବନ୍ଧକଟାରେ ଥିବା ବାସଗୃହ ଏବଂ ତାଙ୍କ କାର୍ଯ୍ୟାଳୟ ରୁମରେ ଏକକାଳୀନ ତଲାସ ଆରମ୍ଭ କରାଯାଇଛି । ଅଭିଯୁକ୍ତ ଶ୍ରୀମତୀ ସାଇ ଦର୍ଶିନୀ ଲେଙ୍କାଙ୍କୁ ଗିରଫ କରାଯାଇଛି । ଗିରଫ କରାଯିବ ଏବଂ କୋର୍ଟକୁ ପଠାଯିବ । ଏହି ସମ୍ପର୍କରେ, କଟକ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୨୭ ତାରିଖ ୨୩.୦୭.୨୦୨୬ ରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ର ଧାରା ୭ ଅନ୍ତର୍ଗତ ପଞ୍ଜିକୃତ ହୋଇଛି ।



# ନିଟ୍‌ରେ ଉତୀର୍ଣ୍ଣ ହୋଇ ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହେଲେ ସ୍ୱୟଂପ୍ରଜ୍ଞା



ନୟାଗଡ଼(ନିପ୍ର): ମେଡିକାଲ ପ୍ରବେଶିକା ପରୀକ୍ଷା୨୦୨୬ (ନିଟ୍)ରେ ଉତୀର୍ଣ୍ଣ ହୋଇଛନ୍ତି ନୟାଗଡ଼ ଜିଲ୍ଲା ଖଣ୍ଡୁଗାଁ ଗ୍ରାମର ଝିଅ ସ୍ୱୟଂପ୍ରଜ୍ଞା ସାହୁ । ଏହି ପରୀକ୍ଷାରେ ସେ ୫୯୯ ମାର୍କ ସହ ସର୍ବ ଭାରତୀୟ ରାଙ୍କ ୧୦୪୧୬ ରେ ଏହି କୃତିତ୍ୱ ହାସଲ କରିଛନ୍ତି । ସ୍ୱୟଂପ୍ରଜ୍ଞା +୨ ପାସ୍ ପରେ ପ୍ରଥମ ପ୍ରୟାସ ରେ ଏହି ସଫଳତା ହାସଲ କରିଛନ୍ତି । ଏଥିପାଇଁ ଫିଜିକ୍ସୱାଲା (ଚଡ) କେନ୍ଦ୍ରୀୟ ମୁଖ୍ୟ କାର୍ଯ୍ୟାଳୟ ତରଫରୁ ନୂଆଦିଲ୍ଲୀ ଠାରେ ଗତ ଜୁଲାଇ ୧୮ତାରିଖରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ରେ ତାଙ୍କୁ ଟପ୍ପର ୨୦୨୬ ଟ୍ରଫି ସହ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ସ୍ୱୟଂପ୍ରଜ୍ଞା ନୟାଗଡ଼ ମହର୍ଷି ବିଦ୍ୟାମନ୍ଦିରରୁ ୯୭ଶତକଡା ନମ୍ବର ସହ ମାଟ୍ରିକ ପାସ୍ ପରେ ଭୁବନେଶ୍ୱର ଫିଜିକ୍ସୱାଲା ଠାରେ+୨ କୋଚିଂ କରୁଥିଲେ । ସେ ହେଉଛନ୍ତି ଖଣ୍ଡୁଗାଁ ଗ୍ରାମ ନିବାସୀ ତଥା ନୂଆଗାଁ ବ୍ଲକ ଅନ୍ତର୍ଗତ ମଧୁବନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟନାରାୟଣ ସାହୁ ଏବଂ ନବଘନପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପାଞ୍ଜଳି ସାହୁଙ୍କ କନ୍ୟା । ତାଙ୍କର ଏହି ସଫଳତାରେ ଅଂଚଳବାସୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

**AFFIDAVIT**

By an Affidavit No. 4864 sworn before the Executive Magistrate, Balasore, dated - 29.06.2026, 1, Gita Rani Mahapatra, W/o Amulya Kumar Mahapatra, resident of Kasimabad, Motiganj, Sadar, Balasore - 756003, do hereby declare that in my son's Aadhaar Card bearing 278848476690, his surname has been recorded as "Mohapatra" instead of the correct surname "Mahapatra". Further, his present and correct address is At/Po - Kumbhari, P.S. Baliapal, Dist. Balasore-756003, in place of the previous address at Kasimabad, Motiganj, Sadar, Balasore- 756003. Henceforth, the correct name shall be Abhijeet Mahapatra, and the present address mentioned above shall be treated as correct for all purposes.

**AFFIDAVIT**

By virtue of Affidavit No. 4060 sworn before the Executive Magistrate, Balasore, dated 01.06.2026, I, Gita Rani Mahapatra, W/O- Amulya Kumar Mahapatra, resident of of Kasimabad, Motiganj, Town, Balasore, PIN- 756003, do hereby declare that in the Birth Certificate of my son, his name has been incorrectly mentioned as Abhijeet Mohapatra and the names of his parents have been recorded as Amulya Mohapatra (Father) and Geetarani Mahapatra (Mother), whereas the correct particulars are Abhijeet Mahapatra (Son), Amulya Kumar Mahapatra (Father), and Gita Rani Mahapatra (Mother); henceforth, Abhijeet Mohapatra and Abhijeet Mahapatra, as well as the variations in the parents' names mentioned above, refer to one and the same person for all purposes, and this affidavit is made to confirm the correct names for all official purposes.

# ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର: ରାଜ୍ୟରେ ୦୧.୦୭.୨୦୨୬ କୁ ଯୋଗ୍ୟତା ସୂଚକ ତାରିଖ ଭାବେ ଗ୍ରହଣ କରି ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) କାର୍ଯ୍ୟକ୍ରମର ଅଗ୍ରଗତି ପରଖିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ନିଶ୍ଚିତ କରିବା ଲକ୍ଷ୍ୟରେ ନିର୍ବାଚନ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଜୁଲାଇ ୨୦ ରୁ ଜୁଲାଇ ୨୯, ୨୦୨୬ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲା ଗସ୍ତ କରି କ୍ଷେତ୍ରସ୍ତରୀୟ ସମୀକ୍ଷା କରୁଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ କାର୍ଯ୍ୟାଳୟ ଆଦେଶ ପତ୍ର ଅନୁଯାୟୀ, ସିଇଓ କାର୍ଯ୍ୟାଳୟର ବିତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ ସୁନ୍ଦରଗଡ, ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ କେନ୍ଦୁଝର, ସହାୟକ(ଆସିଷ୍ଟାଂଟ) ସିଇଓ ପ୍ରେମାନନ୍ଦ ଜେନା କଳାହାଣ୍ଡି , ଆସିଷ୍ଟାଂଟ ସିଇଓ ପ୍ରଦୀପ ମୁର୍ମୁ ଅନୁଗୋଳ ଓ ଡ଼େପୁଟି ସେକ୍ରେଟାରୀ ଦିନମଣୀ ନାଏକ ଆଜି ଯାଜପୁର ଜିଲ୍ଲା ଗସ୍ତ କରି ଚିଠା ଭୋଟର ତାଲିକା ପ୍ରକାଶନ ପରବର୍ତୀ କାର୍ଯ୍ୟକ୍ରମ ବିଶେଷ କରି ଦାବି ଓ ଆପତି, ପଞ୍ଜୀକରଣ, ନୋଟିସ୍ ପ୍ରଦାନ ଓ ମାମଲା ଫଇସଲା ପ୍ରକ୍ରିୟାର ଅଗ୍ରଗତି ପ୍ରତ୍ୟକ୍ଷ ଭାବେ ଅଧିକାରୀମାନେ ତଦାରଖ କରିଥିଲେ । ସେହିପରି ଗସ୍ତ ସମୟରେ ଅଧିକାରୀମାନେ ଜିଲ୍ଲା ନିର୍ବାଚନ ଅଧିକାରୀ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ବିଏଲ୍ ଓ ସୁପରଭାଇଜର ଓ ବିଏଲ୍‌ଓ ମାନଙ୍କ ସହ ଆଲୋଚନା କରି କାର୍ଯ୍ୟ କ୍ଷେତ୍ରରେ ଦେଖା ଦେଉଥିବା ସମସ୍ୟା ବୁଝିଥିଲେ । ଯେଉଁ ବୁଥ୍ କିମ୍ବା ନିର୍ବାଚନ ମଣ୍ଡଳୀଗୁଡ଼ିକରେ ଫର୍ମ ପ୍ରସେସିଂ ଓ ଶୁଣାଣି ତ୍ୱରିତ ହୋଇନାହିଁ, ସେଠାରେ ସ୍ୱତନ୍ତ୍ର ଧ୍ୟାନ ଦେଇ ବୁଥ୍ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ କାର୍ଯ୍ୟାଳୟଗୁଡ଼ିକର ନମୁନା ଯାଂଚ ମଧ କରିଥିଲେ । ଗସ୍ତ ଶେଷ ହେବା ପରେ ସମସ୍ତ ଅଧିକାରୀ ନିଜ ନିଜର ଅନୁଧ୍ୟାନ ଓ ଫିଲ୍ଡ ଗ୍ରାଉଣ୍ଡ ରିପୋର୍ଟ ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ ନିକଟରେ ଚୂଡ଼ାନ୍ତ ସମୀକ୍ଷା ପାଇଁ ଦାଖଲ କରିବେ, ଯାହା ଦ୍ୱାରା ଯେକୌଣସି ପ୍ରଶାସନିକ କିମ୍ବା ବୈଷୟିକ ସମସ୍ୟାର ତୁରନ୍ତ ସମାଧାନ କରାଯାଇପାରିବ ।

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com

No. 25001/809/2627

Letter No. 5068 / WE // Date:-. 06.07.2026

"E" Procurement Notice for Construction of Building works for year 2026-27.
Bid Identification No – RWDKNJ –11 / 2026-27.

1. Name of the work : Construction of Staff Qtrs buildings for the year 2026-27. (Details as per Annexure)
2. Estimated Cost : Rs. 87.39 to 90.69 Lakhs (Approximately)
3. Class of Contractor : 'B' Class (of Odisha P.W.D.)
4. Period of Completion : 9 Calender Month
5. Tender Paper Cost : Rs. 10,000/-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date and Opening of Tender O/O S.E.R.W Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | |
| Executive Engineer, Rural Works Division, Karanjia | (Composite) Building/ RWDKNJ-11 | Dt. 28.07.26 at 11.00 A.M | Dt.05.08.26 up to 5.00 P.M | Dt.04.08.26 up to 1.00 P.M. | Dt.06.08.26 at 11.00 A.M | Will be intimated Later |

Further details can be seen from the website www.tendersodisha.gov.in

Sd/-
Executive Engineer
R.W.Division, Karanjia

OIPR. 25001/25086/1/26-27/0011

## କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶର ୩ ଜିଲ୍ଲାକୁ ନେଇ ରେଳ ମଲ୍ଟିଟ୍ରାକିଂ ପ୍ରକଳ୍ପକୁ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନୁମୋଦନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ଆଜି କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ବଲ୍ଲାରୀ - ଗୁଂଟାକାଲ ସେକ୍ସନର ତୃତୀୟ ଏବଂ ଚତୁର୍ଥ ଲାଇନକୁ ମଞ୍ଜୁରୀ ଦେଇଛି ଯାହାର ମୋଟ ମୂଲ୍ୟ ୧୨୬୪ କୋଟି ଟଙ୍କା (ପ୍ରାୟ) ।ଏହି ପ୍ରକଳ୍ପଟି 'ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍' ଅଧୀନରେ ପ୍ରସ୍ତୁତ କରାଯାଇଛି । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସମନ୍ୱିତ ଯୋଜନା ଏବଂ ବିଭିନ୍ନ ଅଂଶୀଦାରମାନଙ୍କ ମଧ୍ୟରେ ପରାମର୍ଶ ମାଧ୍ୟମରେ ମଲ୍ଟି-ମୋଡାଲ୍ କନେକ୍ଟିଭିଟି ଏବଂ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା । ଏହି ପ୍ରକଳ୍ପ ଦ୍ୱାରା ଯାତ୍ରୀ, ପଣ୍ୟଦ୍ରବ୍ୟ ଏବଂ ସେବାର ସୁଗମ ଓ ସହଜ ଯାତାୟାତ ସମ୍ଭବ ହୋଇପାରିବ । ଏହି ପ୍ରକଳ୍ପ କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟର ୦୩ ଟି ଜିଲ୍ଲାକୁ କଭର କରି ଭାରତୀୟ ରେଳବାଇର ବିଦ୍ୟମାନ ନେଟୱାର୍କକୁ ପ୍ରାୟ ୪୬ କିଲୋମିଟର ବୃଦ୍ଧି କରିବ । ପ୍ରସ୍ତାବିତ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପ୍ରାୟ ସାତ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୯୯ ଗ୍ରାମରେ ସଂଯୋଗୀକରଣକୁ ବୃଦ୍ଧି କରିବ । କ୍ଷମତା ବୃଦ୍ଧି ବଲ୍ଲାରୀ ଦୁର୍ଗ, ଶ୍ରୀ କୁମାର ସ୍ୱାମୀ ମନ୍ଦିର ଇତ୍ୟାଦି ସମେତ ଦେଶର ଅନେକ ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ରେଳ ସଂଯୋଗୀକରଣକୁ ଉନ୍ନତ କରିବ ।ପ୍ରସ୍ତାବିତ ପ୍ରକଳ୍ପ ଲୁହା ଖଣିଜ, ଡୋଲୋମାଇଟ୍, ଚୂନପଥର, ଲୁହା ଏବଂ ଇସ୍ପାତ, କୋଇଲା, ସାର, ଖାଦ୍ୟ ଶସ୍ୟ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏକ ଅତ୍ୟାବଶ୍ୟକ ମାର୍ଗ । କ୍ଷମତା ବୃଦ୍ଧି କାର୍ଯ୍ୟ ଫଳରେ ୧୬.୨୨ ଏମଟିପିଏ (ପ୍ରତିବର୍ଷ ନିୟୁତ ଟନ୍) ପରିମାଣର ଅତିରିକ୍ତ ମାଲ ପରିବହନ ହେବ ।




## ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ ଆଜିଠୁ ୨୭ ଯାଏଁ ସତର୍କ ସୂଚନା ଜାରି

ଭୁବନେଶ୍ୱର, ବଙ୍ଗୋପସାଗରରେ ପାଣିପାଗ ପରିସ୍ଥିତି ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ଭାରତୀୟ ପାଣିପାଗ ବିଭାଗଓଡ଼ିଶା ଉପକୂଳର ମତ୍ସ୍ୟଜୀବୀମାନଙ୍କ ପାଇଁ ସତର୍କ ସୂଚନା ଜାରି କରିଛି । ଆଜିଠାରୁ ଜୁଲାଇ ୨୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି ।ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଉପକୂଳ ଓ ସଂଲଗ୍ନ ସମୁଦ୍ର ଅଂଚଳରେ ଘଂଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତରୁ ଅତ୍ୟନ୍ତ ଅଶାନ୍ତ ରହିବ, ଯାହା ମାଛଧରା ଡଙ୍ଗା ଓ ଟ୍ରଲର ଚଳାଚଳ ପାଇଁ ବିପଦଜନକ ହୋଇପାରେ ।ଯେଉଁ ମତ୍ସ୍ୟଜୀବୀମାନେ ପୂର୍ବରୁ ସମୁଦ୍ର ମଧ୍ୟକୁ ଯାଇଛନ୍ତି, ସେମାନଙ୍କୁ ଶୀଘ୍ର ଉପକୂଳକୁ ଫେରିଆସିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଉପକୂଳବର୍ତ୍ତୀ ଜିଲ୍ଲା ପ୍ରଶାସନ, ମତ୍ସ୍ୟ ବିଭାଗ ଓ ବନ୍ଦର କର୍ତ୍ତୃପକ୍ଷଙ୍କୁ ମଧ୍ୟ ସତର୍କ ରହିବା ସହ ସମସ୍ତ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି । ପାଣିପାଗ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରିଛି ।





# ନୋଏଡା ସେକ୍ଟର ୬୧ର ସ୍ୱର୍ଣ୍ଣ କ୍ଷେତ୍ରରେ ବାହୁଡ଼ାଯାତ୍ରା ଆୟୋଜନ

ନୋଏଡା ( କିଶୋର ଦ୍ୱିବେଦୀଙ୍କ ଠାରୁ ) ନୋଏଡାର ସେକ୍ଟର ୬୧ ସ୍ଥିତ ରୟାଲ ଗାର୍ଡେନ ଇଷ୍ଟେଟ ପରିସରରେ ଅବସ୍ଥିତ ଶ୍ରୀ ସ୍ୱର୍ଣ୍ଣ କ୍ଷେତ୍ର ଠାରେ ମହାସମାରୋହରେ ବାହୁଡ଼ା ଯାତ୍ରା ଉତ୍ସବ ପାଳନ କରାଯାଇଥିବା ଜଣାଯାଇଛି । ଏହି ପବିତ୍ର ପାର୍ବଣ ଉପଲକ୍ଷେ ବଡ଼ି ଭୋରରୁ କମ୍ୟୁନିଟି ସେ[ର ସ୍ଥିତ ଆଡ଼ପ ମଣ୍ଡପରେ ବିରାଜମାନ କରୁଥିବା ଚାରି ଦୀଅଁ ମାନଙ୍କ ସାମ୍ନାରେ ହୀନ୍ଦୁ ରୀତିନୀତି ଅନୁଯାୟୀ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ସକାଳ ୮ ଟା ସମୟରେ ଠାକୁରମାନଙ୍କର ଘୋଡ଼ାଗାଡ଼ି ରଥକୁ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା ।ପ୍ରଥମ ଥର ପାଇଁ ଏଠାରେ ଆୟୋଜିତ ହେଉଥିବା ବାହୁଡ଼ା ଯାତ୍ରାରେ ନୋଏଡାର ସେକ୍ଟର ୬୧, ୫୨, ୫୩ ଓ ୩୩ ରେ ବସବାସ କରୁଥିବା ଓଡ଼ିଆ ଏବଂ ଅଣ-ଓଡ଼ିଆ ପ୍ରାୟ ୨୦୦୦ ଭକ୍ତଙ୍କର ସମାଗମ ଘଟିଥିବା ଦେଖାଯାଇଥିଲା । ହୀନ୍ଦୁ ସମ୍ମିଳନୀ ସମିତି, ରୟାଲ ଗାର୍ଡେନ ଇଷ୍ଟେଟ ମନ୍ଦିର ସମିତି ଓ ସାମୁଦାୟିକ ବିକାଶ ସମିତିର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବକୁ କେନ୍ଦ୍ର କରି ଉପସ୍ଥିତ ଶ୍ରଦ୍ଧାଳୁ ଓ ସଙ୍ଗଠକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ ଓ ଉତ୍ସାହ ଦେଖିବାକୁ ମିଳିଥିଲା । ଆନ୍ତରରାଷ୍ଟ୍ରୀୟ ପ୍ରସିଦ୍ଧ ଜ୍ୟୋତିଷାଚାର୍ଯ୍ୟ ଗୁରୁଜୀ ଡ଼ଃ ଗୌତମ ଋଷି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛେରା ପହଁରା କାର୍ଯ୍ୟ ବିଧିମୁତାବକ ସମ୍ପନ୍ନ କରିଥିଲେ । ଏହାପରେ ସକାଳ ୯ ଟା ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଚାରି ଠାକୁର ବିଦ୍ୟମାନ ଥିବା ସୁନ୍ଦର, ସୁଶୋଭିତ ଓ ସୁସଜ୍ଜିତ ଘୋଡ଼ାଗାଡ଼ିଟିକୁ ସେକ୍ଟର ୬୧ ସ୍ଥିତ କମ୍ୟୁନିଟି ସେ[ର ଠାରୁ ଶ୍ରୀ ସ୍ୱର୍ଣ୍ଣ କ୍ଷେତ୍ର ରୟାଲ ଗାର୍ଡେନ ଇଷ୍ଟେଟ ପର୍ଯ୍ୟନ୍ତ ନିଆଯାଇ ଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଭକ୍ତ ଛିଡ଼ା ହୋଇ ଜଗତର ନାଥ ଜଗନ୍ନାଥଙ୍କର ଦର୍ଶନର ସାନ୍ନିଧ୍ୟ ଲାଭ କରି ନିଜକୁ କୃତକୃତ୍ୟ ମଣୁଥିବାର ଦୃଶ୍ୟ ହୃଦୟସ୍ପର୍ଶୀ ଥିଲା । ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀ ଜଗନ୍ନାଥ, ଶ୍ରୀ ବାଲଭଦ୍ର , ମାତା ସୁଭଦ୍ରା ଓ ଶ୍ରୀ ସୁଦର୍ଶନ ବାହୁଡ଼ା ଯାତ୍ରା କରି ଦିବା ୧୧ ଟା ସୁଦ୍ଧା ରୟାଲ ଗାର୍ଡେନ ସ୍ଥିତ ଶ୍ରୀ ସ୍ୱର୍ଣ୍ଣ କ୍ଷେତ୍ର ମନ୍ଦିରକୁ ଫେରି ଆସିଥିବା ଜଣାଯାଇଛି । ଏଠାରେ ଜୁଲାଇ ୧୬ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ୮ ଦିନ ଧରି ପ୍ରତ୍ୟେକ ସନ୍ଧ୍ୟାରେ ସାହରନପୁରରୁ ଆସିଥିବା ବିଖ୍ୟାତ ବିଦ୍ୱାନ ଆଚାର୍ଯ୍ୟ ଅଜୟ କିରଣ ଭାଗବତ କଥା ଏବଂ ଜଗନ୍ନାଥ ସଂସ୍କୃତି କୁ ଆଧାର କରି ପ୍ରବଚନ ପ୍ରଦାନ କରିଥିଲେ । ନୋଏଡା ମହାନଗରର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଧାର୍ମିକ ସମାବେଶରେ ଯୋଗ ଦେଇଥିଲେ । ସେଥି ମଧ୍ୟରେ ନୋଏଡା ମହାନଗରର ଭାଜପା ଅଧ୍ୟକ୍ଷ ମହେଶ ଚୌହାନ, ଉପାଧ୍ୟକ୍ଷ ପ୍ରମୋଦ ଭଲ , ଓମବୀର ଆୱାନା , ମଣ୍ଡଳ ଅଧ୍ୟକ୍ଷ ରାମ କିଷାନ ଯାଦବ, ପଙ୍କଜ ଝା, ନୋଏଡାର ପୂର୍ବତନ ବିଧାୟକ ବିମଳା ବାଥମ, ଗୁରୁଜୀ ଗୌତମ ଋଷି , ଯୋଗେନ୍ଦ୍ର ଶର୍ମା, ଏନ ପି ସିଂହ, ଭାରତ ବିକାଶ ପରିଷଦର ଅଧ୍ୟକ୍ଷ ବିକାଶ ଅଗ୍ରୱାଲ, ଡ଼ଃ ରାଜେଶ ସହାୟ, ପୁନୀତ ଶର୍ମା ଓ ବିପିନ ମଲହାନ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । ମୁଖ୍ୟ ଆୟୋଜକ ବିଶିଷ୍ଟ ସମାଜସେବୀ, ପ୍ରସିଦ୍ଧ ଚାଟାର୍ଡ ଆକାଉ[।[ ତଥା ଆୟୋଜନ କମିଟିର ଅଧ୍ୟକ୍ଷ ଡକ୍ଟର ମନୋରଞ୍ଜନ ମହାନ୍ତି ଏବଂ ସଚିବ ସୁଶ୍ରୀ ନୀରୁ ଶର୍ମା ଙ୍କର ସକ୍ରୀୟ ତ୍ୱାବଧାନରେ ୨୦୦ ସ୍ୱେଚ୍ଛାସେବକଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ କରାଯାଇଥିଲା । ଏହି ସାଂସ୍କୃତିକ ମହୋତ୍ସବର ସବିଶେଷ ବିବରଣୀକୁ 'ଆରମ୍ଭ ଟିଭି' ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା ।




## ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ସମ୍ପନ୍ନ

ନୂଆଦିଲ୍ଲୀ(କିଶୋର ଦ୍ୱିବେଦୀଙ୍କ ଠାରୁ) ; ନୂଆଦିଲ୍ଲୀର ହାଉଜଖାସସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ପ୍ରମୁଖ ଜଗନ୍ନାଥ ମନ୍ଦିରଠାରେ ୪୮ତମ ପବିତ୍ର ବାହୁଡ଼ା ଯାତ୍ରା ପର୍ବ ଆଧ୍ୟାତ୍ମିକ ଉଲ୍ଲାସ ଓ ଭକ୍ତିପୂତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ଉପଲକ୍ଷେ ବଡ଼ି ଭୋରରୁ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରୁଥିବା ଚାରି ଦୀଅଁ ମାନଙ୍କ ସାମ୍ନାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା । ଏହା ପରେ ଦିନ ୪ଟା ବେଳେ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଏବଂ ଶଙ୍ଖ ଧ୍ୱନି ତଥା ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଚାରି ଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡ଼ି ପହଣ୍ଡି କରି ମନ୍ଦିର ସାମ୍ନା ସ୍ଥିତ ବଡ଼ଦାଣ୍ଡରେ ଦଣ୍ଡାୟମାନ ଥିବା ସୁନ୍ଦର, ସୁଶୋଭିତ ରଥ ଉପରକୁ ଆଣି ଥିଲେ ।ପ୍ରସିଦ୍ଧ ଚିକିତ୍ସାବିତ ଡ଼ଃ ଅଶୋକ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏଠାରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଖୋଲାଯାଇ ଭାରି ଭିଡ଼ ଯୋଗୁଁ ବହୁ ବେହୋସ ରୋଗୀଙ୍କର ସଫଳ ଚିକିତ୍ସା କରାଯାଇଥିଲାଅପରାହ୍ନ ସାଢ଼େ ୪ଟା ସମୟରେ ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ ପାରମ୍ପାରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ସୁପ୍ରିମ କୋର୍ଟର ପୂର୍ବତନ ଜଜ ଜଷ୍ଟିସ ଅରିଜିତ ପଶାୟତ ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରିଥିଲେ । ଓ ଏଠାରେ ସନ୍ଧ୍ୟା ୫ଟା ବେଳେ ରଥଟଣାର ଶୁଭାରମ୍ଭ ହୋଇଥିଲା । ହାଉଜଖାସ ଭିଲେଜ ସ୍ଥିତ ଶ୍ରୀ ଜଗନ୍ନାଥ ମାର୍ଗରେ ଅରବିନ୍ଦ ପ୍ଲେସ ମାର୍କେଟ ପର୍ଯ୍ୟନ୍ତ ରଥଟିକୁ ଟଣାଯାଇ ପୁଣି ମନ୍ଦିର ବେଢ଼ା ନିକଟକୁ ଫେରାଇ ଅଣାଯାଇଥିଲା । ଦିଲ୍ଲୀର ରାଜ ରାସ୍ତାରେ ରାଜକୀୟ ରଥ ଉପରେ ମହାପ୍ରଭୁଙ୍କର ବାହୁଡ଼ାଯାତ୍ରା ଏବଂ ଜନଗହଳି ମଧ୍ୟରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ଚକ୍ଷୁ ମିଳନର ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା । ମନ୍ଦିର ଅଗଣାକୁ ଫେରିବା ପରେ ରଥ ଉପରେ ବିଦ୍ୟମାନ ଜଗତର ନାଥ ଶ୍ରୀ ଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ, ଭକ୍ତ ମାନଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଥିଲେ । ବିଳମ୍ବିତ ରାତିରେ ପୁଣି ସାହିରୋଷଣୀ କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥ ଉପରୁ ନିଆଯାଇ ନାଟ୍ୟ ମଣ୍ଡପରେ ଆସୀନ କରାଯାଇଥିଲା । ମହାପ୍ରଭୁ ନାଟ୍ୟମଣ୍ଡପ ଠାରେ ଆସନ୍ତା ୨୭ ତାରିଖ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଅବସ୍ଥାନ କରିବେ ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ ।ବାହୁଡ଼ା ଯାତ୍ରାର ସ୍ୱତନ୍ତ୍ର ଆକର୍ଷଣ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା । ଏମଧ୍ୟରେ ପ୍ରଖ୍ୟାତ ନୃତ୍ୟ ସଂରଚକ ଶାଶ୍ୱତ ଯୋଶୀ ଏବଂ ସାଥି ଙ୍କର ମନଲୋଭା ନୃତ୍ୟ,ସମ୍ବଲପୁରର ଟ୍ରାଇବାଲ ଏଣ୍ଡ ଫୋକ ଆର୍ଟ ସେଂଟରର କଳାକାର ମାନଙ୍କ ଦ୍ୱାରା ଦମଦାର ସମ୍ବଲପୁରୀ ଲୋକ ନୃତ୍ୟ ଓ ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଏବଂ ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ, ଅନୁରାଧା ପାଣିଗ୍ରାହୀ , ଜ୍ୟୋତିର୍ମୟୀ ନାୟକ ଓ ସିଦ୍ଧାର୍ଥ ମିଶ୍ରଙ୍କ ଦ୍ୱାରା ସୁମଧୁର ଭଜନ ପରିବେଷଣ ଆଦି ଅନ୍ତର୍ଭୁକ୍ତ ଥିଲା ।ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଦକ୍ଷ ଉପସ୍ଥାପିକା ସ୍ୱର୍ଣ୍ଣପ୍ରଭା ପତି ସୁଚାରୁ ରୂପେ ସଂଚାଳନା କରିଥିଲେ । ବାହୁଡ଼ା ଯାତ୍ରାକୁ ଦକ୍ଷତାର ସହିତ ଆୟୋଜନ ଏବଂ ସଫଳତା ସହିତ ସମାପନ କରାଯିବାରେ ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବାସଙ୍ଘର ସୁଦକ୍ଷ ସଙ୍ଗଠକ ବୃନ୍ଦ ଯଥା ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, ଉପଦେଷ୍ଟା ବରିଷ୍ଠ ଆଇନ ଜିବୀ ଅବନୀ ସାହୁ, କାର୍ଯ୍ୟକର୍ତ୍ତା ବୃନ୍ଦ ଯଥା :- ରବି ପାଣି, ଗଜେନ୍ଦ୍ର ପ୍ରସାଦ ସାମନ୍ତ ,ପଙ୍କଜ ମହାନ୍ତି, ଅଭୟ ପ୍ରଧାନ, ଅଶୋକ ପ୍ରଧାନ(କ), କ୍ଷୀରୋଦ ପାତ୍ର, ଅଭିରାମ ସୁତାର, ଅଶୋକ ପ୍ରଧାନ (ଖ), ଜିତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ନିଶୀଦ୍ଧ କୁମାର ଦାସ, ରଙ୍କନିଧି ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ,ବିଜୟ କୁମାର ସାହୁ, ଅମୁଲ୍ୟ ଓଝା, ସୁକାନ୍ତ ସାହୁ , ବିଧାନ ଜେନା, ଅଫିସର ରାଉତ, ସୁରଜ ନାୟକ, ପ୍ରଦୀପ ସ୍ୱାଇଁ, ଉପେନ୍ଦ୍ର ବେହେରା, ଦିଲ୍ଲୀପ ରାଉତ, ଗିରିଧାରୀ ମହାନ୍ତି ଏବଂ ମନ୍ଦିର ମୁଖ୍ୟ ପରିଚାଳକ ରଶ୍ମି ରଞ୍ଜନ ବେହେରା ତଥା ସହପରିଚାଳକ ଶଶୀକାନ୍ତ ସାହୁ, ସଂଜୀବ ଜେନା ଓ ମନ୍ଦିରର ପୂଜକବୃନ୍ଦ ଯଥା ସନାତନ ପାଢ଼ୀ, ଦେବବ୍ରତ ମିଶ୍ର, ଜଗବନ୍ଧୁ ଦାଶ, ପ୍ରେମାନନ୍ଦ ଶତପଥି, ସନ୍ତୋଷ ପଣ୍ଡା, କାଳନ୍ଦୀ ଚରଣ ବଡୁ ଓ ପ୍ରଶାନ୍ତ ଦାଶ ପ୍ରମୁଖଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା ।




## ବିଶାଖାପାଟଣା ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ଆୟୋଜିତ

ବିଶାଖାପାଟଣା,: ବିଶାଖାପାଟଣା ଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ବାହୁଡ଼ା ଯାତ୍ରା ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଲସନସ ବେ କଲୋନୀସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପ ଉପରେ ବିରାଜମାନ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସାମ୍ନାରେ ସକାଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇଥିଲା । ଦିନ ୪ ଟା ବେଳେ ଚାରି ଠାକୁରଙ୍କୁ ବାଦ୍ୟ ଓ କୀର୍ତ୍ତନର ତାଳେ ତାଳେ ଧାଡ଼ି ପହଣ୍ଡି କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ସୁନ୍ଦର, ସୁଶୋଭିତ ଓ ରଙ୍ଗବେରଙ୍ଗ କପଡ଼ାରେ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା । ଏହାପରେ ବିଶିଷ୍ଟ ସମାଜସେବୀ,ଓରିଶା ଷ୍ଟେଭେଡୋର୍ସ ଲିମିଟେଡର ଉପ-ସଭାପତି ତଥା ମନ୍ଦିର ପରିଚାଳନା କମିଟି ଉତ୍କଳ ସାଂସ୍କୃତିକ ସମାଜର ସଭାପତି ଜୀତେନ୍ଦ୍ର କୁମାର ନାୟକ ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରିଥିଲେ । ସନ୍ଧ୍ୟା ପାଂଚଟା ବେଳେ ରଥ ଟଣାର ଶୁଭାରମ୍ଭ କରାଯାଇଥିଲା । ଉପସ୍ଥିତ ସହସ୍ରାଧିକ ଭକ୍ତଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଂଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗର ଗହ ଗହ ନାଦ ତଥା ଭଜନ, କୀତନର ମୃଦୁମନ୍ଦ ଆବାଜ ମଧ୍ୟରେ ବିଶାଖାପାଟଣାର ରାଜ ରାସ୍ତାରେ ରାଜକୀୟଠାଣିରେ ମହାପ୍ରଭୁଙ୍କର ରଥ ଗଡି ଗଡି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା ।ରଥଟିକୁ ଶାନ୍ତି ଆଶ୍ରମ, ଭୁଡ଼ା ପାର୍କ, ଏୟୁ ଗେଟ୍, ଭୁଡ଼ା ଚିଲେଡ୍ରେନସ ଆରେନା ଏବଂ ଆକାଶବାଣୀ ବାଟ ଦେଇ ଟଣା ଯାଇ ଦଶପଲ୍ଲା ପାହାଡିରେ ଥିବା ମୁଖ୍ୟ ମନ୍ଦିରକୁ ରାତି ୮ ଟା ସୁଦ୍ଧା ଅଣା ଯାଇଥିଲା । ଏଠାରେ ଋଷି ଥିବା ମହାଲକ୍ଷ୍ମୀ ପୂର୍ବରୁ ପ୍ରସ୍ତୁତ ଥାଇ ବଡ଼ ଠାକୁରଙ୍କ ମନ୍ଦିର ପ୍ରବେଶକୁ ରୋକି ଥିଲେ । କାରଣ ତାଙ୍କୁ ରଥଯାତ୍ରାରେ ସାମିଲ କରାଯାଇନଥିଲା । ଶ୍ରୀ ଜଗନ୍ନାଥ ଅବିଳମ୍ବେ ସୁସ୍ୱାଦୁ ରସଗୋଲା ପ୍ରଦାନ କରି ମାଆଙ୍କର ମାନଭଞ୍ଜନ କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ଏହି ଉପାଖ୍ୟାନର ନାଟକୀୟ ରୂପକରଣ ମଂଚସ୍ଥ କରାଯାଇଥିଲା । ଏହା ପରେ ଦିଅଁ ମାନଙ୍କୁ ରୋଷଣୀ କରାଯାଇ ରଥ ଉପରୁ ମୁଖ୍ୟ ମନ୍ଦିରକୁ ନିଆଯାଇ ରନ୍ ସିଂହାସନରେ ଆସୀନ କରାଯାଇଥିଲା ।ଚଳିତ ବର୍ଷ ରଥ ଯାତ୍ରା ଏବଂ ବାହୁଡ଼ା ଯାତ୍ରାରେ ସ୍ଥାନୀୟ ମାରୱାଡ଼ି ଯୁବମଂଚ, ପଞ୍ଜାବ ସଂଘ , ଡାକ୍ତର ଗ୍ରୁପ, ବ୍ୟାଙ୍କର ଟିମ, ନୌସେନା ଡ଼କ୍ୟାର୍ଡ କର୍ମଚାରୀ ବୃନ୍ଦ, ରେଳବାଇ, ନାଲକୋ, ଏନ.ଏସ. ଟି . ଏଲ, ଏଚ.ପି . ସି. ଏଲ ଆଦି ସଂସ୍ଥା ମାନେ ସକ୍ରୀୟ ସହଯୋଗ ପ୍ରଦାନ କରିଥିଲେ । ବାହୁଡ଼ା ଯାତ୍ରାର ସମଗ୍ର ଆୟୋଜନକୁ ସୁଚାରୁ ରୂପେ ସମ୍ପାଦନା କରିବାରେ ମନ୍ଦିର ପରିଚାଳନା କମିଟିର ସଭାପତି ଜୀତେନ୍ଦ୍ର କୁମାର ନାୟକ, ସାଧାରଣ ସମ୍ପାଦକ ସତ୍ୟବ୍ରତ ଦ୍ୱିବେଦୀ, ଉପ-ସଭାପତି ସୋମନାଥ ସାହୁ ଏବଂ ବିରାଜ କୁମାର ଦାଶ ତଥା ସଦସ୍ୟବୃନ୍ଦ ଯଥା: ସୀମା ମହାନ୍ତି, ଅଜିତ ସାବତ, ବିଜୟ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ସାହୁ, ବନମାଳୀ ସାହୁ, ଅରୁଣ ଦାସ ଓ ସତ୍ୟନାରାୟଣ ବେହେରା ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ।



## ତାଳଚେର-ବିମଳାଗଡ଼ ନୂତନ ରେଳପଥ ପ୍ରକଳ୍ପ ପାଇଁ ୯୫୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା



ନୂଆଦିଲ୍ଲୀ : ଓଡ଼ିଶାର ଅନୁଗୁଳ, ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲ୍ଲା ଦେଇ ଯାଇଥିବା ୧୫୦ କିଲୋମିଟର ଦୀର୍ଘ ତାଳଚେର-ବିମଳାଗଡ଼ ନୂତନ ରେଳପଥ ପ୍ରକଳ୍ପ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୯୫୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ଏହି ପ୍ରକଳ୍ପଟି ୨୦୦୩-୦୪ ରେଳ ବଜେଟରେ ୭୨୭ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ଅଟକଳ ସହ ସାମିଲ କରାଯାଇଥିଲା । ବର୍ତ୍ତମାନ ପ୍ରକଳ୍ପର ସର୍ବଶେଷ ବ୍ୟୟ ଅଟକଳ ୩,୩୯୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ମାର୍ଚ୍ଚ ୨୦୨୬ ସୁଦ୍ଧା ୧,୯୦୧ କୋଟି ଟଙ୍କା ବ୍ୟୟ କରାଯାଇଛି । ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତରରେ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଜମି ଅଧିଗ୍ରହଣରେ ପ୍ରତିରୋଧ ଏବଂ ଆଦାଲତରେ ମାମଲା ଯୋଗୁଁ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପ୍ରଭାବିତ ହୋଇଛି । ପ୍ରକଳ୍ପ ପାଇଁ ଆବଶ୍ୟକ ମୋଟ ୮୬୩ ହେକ୍ଟର ଜମି ମଧ୍ୟରୁ ୭୫୬ ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି । ଏଥିରେ ୩୪୨ ହେକ୍ଟର ବେସରକାରୀ ଜମି, ୨୬୯ ହେକ୍ଟର ଜଙ୍ଗଲ ଜମି ଏବଂ ୧୪୬ ହେକ୍ଟର ସରକାରୀ ଜମି ସାମିଲ ରହିଛି । ଅବଶିଷ୍ଟ ୧୦୭ ହେକ୍ଟର ଜମି ଅଧିଗ୍ରହଣ ପ୍ରକ୍ରିୟାଧୀନ ରହିଛି ।ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମନ୍ତ୍ରଣାଳୟ ଅନୁଯାୟୀ, ତାଳଚେର-ଖମାର (୪୮ କିଲୋମିଟର) ରେଳପଥରେ ରେଳ ଚଳାଚଳ ଆରମ୍ଭ ହୋଇସାରିଛି । ଖମାର-ଗୋଲାବନ୍ଧ, ଗୋଲାବନ୍ଧ-ମହୁଲଡିହା ଏବଂ ମହୁଲଡିହା-ବିମଳାଗଡ଼ ଖଣ୍ଡରେ ଉପଲବ୍ଧ ଜମିରେ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ଖଣ୍ଡଗୁଡ଼ିକରେ ଛୋଟ ସେତୁ, ରେଳ ଓଭରବ୍ରିଜ୍ (ଆରଓବି) ଏବଂ ରେଳ ଅଣ୍ଡରବ୍ରିଜ୍ (ଆରୟୁବି) ନିର୍ମାଣ କାର୍ଯ୍ୟ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଅଗ୍ରଗତି କରୁଛି । ମହୁଲଡିହା-ବିମଳାଗଡ଼ ଖଣ୍ଡ ପାଇଁ ବନ ଏବଂ ବନ୍ୟପ୍ରାଣୀ ସମ୍ପର୍କିତ ଆବଶ୍ୟକ ଅନୁମତି ମିଳିସାରିଛି ।ତଥାପି, ରେଳ ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ କୌଣସି ସମୟସୀମା ନିର୍ଦ୍ଦିଷ୍ଟ କରିନାହିଁ, ଏବଂ ଦର୍ଶାଇଛି ଯେ ସମାପ୍ତି ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରୀ, ଉପଯୋଗୀତା ସ୍ଥାନାନ୍ତର, ବୈଧାନିକ ଅନୁମୋଦନ, ଭୌଗୋଳିକ ପରିସ୍ଥିତି ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଭଳି କାରଣ ଉପରେ ନିର୍ଭର କରେ ।ରେଳ ମନ୍ତ୍ରଣାଳୟ ଆହୁରି ସୂଚନା ଦେଇଛି ଯେ ଓଡ଼ିଶାରେ ରେଳ ଭିତିଭୂମି ଏବଂ ସୁରକ୍ଷା କାର୍ଯ୍ୟ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୧୦,୯୨୮ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ୨୦୦୯-୧୪ ଅବଧିରେ ହାରାହାରି ବାର୍ଷିକ ବଜେଟ୍ ଆବଂଟନ ୮୩୮ କୋଟି ଟଙ୍କା ଥିବା ବେଳେ ବର୍ତ୍ତମାନ ଏହା ୧୩ ଗୁଣରୁ ଅଧିକ ବୃଦ୍ଧି ପାଇଛି ।

# ମହିଳା କ୍ରିକେଟ୍ କ୍ରୀଡ଼ାସୂଚୀ ଘୋଷିତ

## ସେପ୍ଟେମ୍ବର ୧୭ରେ ଭାରତ-ଜାପାନ କ୍ୱାର୍ଟର ଫାଇନାଲ

ନୂଆଦିଲ୍ଲୀ: ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ମଧ୍ୟରେ ୨୦ତମ ଏସୀୟ କ୍ରୀଡ଼ା ଆୟୋଜିତ ହେବ । ଏହି କ୍ରୀଡ଼ା ସମାରୋହର ମହିଳା କ୍ରିକେଟ୍ ପ୍ରତିଯୋଗିତା ପାଇଁ ଡ୍ର' ଘୋଷଣା କରାଯାଇଛି । ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ସିଧାସଳଖ କ୍ୱାର୍ଟର ଫାଇନାଲ୍ ?ରୁ ଅଭିଯାନ ଆରମ୍ଭ କରିବ । ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ଦଳ ଆୟୋଜକ ଜାପାନକୁ ଭେଟିବ । ଟି-ଟ୍ୱେ[ ଫର୍ମାଟରେ ଖେଳାଯିବାକୁ ଥିବା ମହିଳା କ୍ରିକେଟ୍ ପ୍ରତିଯୋଗିତା ଆଗାମୀ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ୨୨ ତାରିଖରେ ଶେଷ ହେବ । ମୋଟ ୮ଟି ଦଳ ଯଥା ଜାପାନ, ବାଂଲାଦେଶ, ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ଚୀନ, ମାଲେସିଆ ଓ ଥାଇଲାଣ୍ଡ ଭାଗ ନେବେ । କୋରୋଗୀ ସ୍ପୋର୍ଟ୍ସ ପାର୍କ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ । ସମସ୍ତ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ୍ ?ରେ ଅଭିଯାନ ଆରମ୍ଭ କରିବେ । ସେପ୍ଟେମ୍ବର ୧୭ ଓ ୧୮ ତାରିଖରେ କ୍ୱାର୍ଟର ଫାଇନାଲ୍, ୨୦ ତାରିଖରେ ଉଭୟ ସେମି ଫାଇନାଲ୍ ଏବଂ ୨୨ ତାରିଖରେ ଫାଇନାଲ୍ ଓ ତୃତୀୟ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ । ଏସୀୟ କ୍ରୀଡ଼ା ପାଇଁ ଭାରତ ଓ ପାକିସ୍ତାନ ଦଳ ଘୋଷଣା ସରିଛି । ହର୍ମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ସ୍ୱର୍ଣ୍ଣ ପଦକ ବଜାୟ ରଖିବା ଲକ୍ଷ୍ୟରେ ରହିଛି । ଗତ ସଂସ୍କରଣରେ ଭାରତ ଫାଇନାଲ୍ ମୁକାବିଲାରେ ଶ୍ରୀଲଙ୍କାକୁ ହରାଇ ସ୍ୱର୍ଣ୍ଣ ହାସଲ କରିଥିଲା । ସେହିପରି ଭାରତୀୟ ପୁରୁଷ ଦଳ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ । ଫାଇନାଲ୍‌ରେ ଦଳ ଆଫଗାନିସ୍ତାନକୁ ପରାଜିତ କରିଥିଲା । ଗତ ଜୁନ୍ ୩୦ ତାରିଖରେ ଏସିଆନ୍ ଗେମ୍ସ ପାଇଁ ୧୫ ଜଣିଆ ମହିଳା ଭାରତୀୟ ଦଳ ଘୋଷଣା ହୋଇଥିଲା । ହର୍ମନପ୍ରୀତ କୌରଙ୍କ ନେତୃତ୍ୱରେ ସେପ୍ଟେମ୍ବରରୁ ଏସିଆନ ଗେମ୍ସ ଅଭିଯାନ ଆରମ୍ଭ କରିବ ଟିମ୍ ଇଣ୍ଡିଆ ।



## ରାୟପୁର ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ସମ୍ପନ୍ନ

ରାୟପୁର: ରାୟପୁରର ଗାୟତ୍ରୀ ନଗରରେ ଥିବା ଛତିଶଗଡ଼ର ସର୍ବବୃହତ ଜଗନ୍ନାଥ ମନ୍ଦିରଠାରେ ପବିତ୍ର ବାହୁଡ଼ା ଯାତ୍ରା ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ କରୁଥିବା ମାଉସୀ ମା' ଘରର ଆଡ଼ପ ମଣ୍ଡପ ସାମ୍ନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅପରାହ୍ନ ସୁଦ୍ଧା ସମ୍ପନ୍ନ କରାଯାଇଥିଲା । ପାଂଚଟା ବେଳେ ଚାରି ଠାକୁରଙ୍କୁ ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଧାଡ଼ି ପହଣ୍ଡି କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ସୁନ୍ଦର, ସୁଶୋଭିତ ଓ ରଙ୍ଗବେରଙ୍ଗ କପଡ଼ାରେ ସୁସଜ୍ଜିତ ତିନି ରଥ ଉପରକୁ ନିଆଯାଇଥିଲା । ଏହାପରେ ମୁଖ୍ୟ ଅତିଥି ଛତିଶଗଡ଼ ବିଧାନସଭାର ବାଚସ୍ପତି ଡ଼ଃ ରମଣ ସିଂହ ପାରମ୍ପରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଉପସ୍ଥିତ ଅନ୍ୟ ବିଶିଷ୍ଟ ଅତିଥି ବୃନ୍ଦଙ୍କ ମଧ୍ୟରେ ପୂର୍ବତନ ବାଚସ୍ପତି ଗୌରୀ ଶଙ୍କର ଅଗ୍ରୱାଲ,ମନ୍ତ୍ରୀ ଲକ୍ଷ୍ମୀ ରାଜୱାଡ଼େ , ଭାଜପାର ସଂଗଠନ ସାଧାରଣ ସମ୍ପାଦକ ପବନ ସାୟ,ବରିଷ୍ଠ ଭାଜପା ନେତା ଡ଼ଃ ରାମ ପ୍ରତାପ ସିଂହ, କୁମନାରୁ ଆସିଥିବା ଗୁରୁଜୀ ସଦନ ତିୱାରୀ, ଭାଜପାର ଜିଲ୍ଲା ସଭାପତି ରମେଶ ସିଂହ ଠାକୁର, ଭାଜପା ନେତ୍ରୀ ଡ଼ଃ ବର୍ଣ୍ଣିକା ଶର୍ମା, କିରଣ ସାହୁ ଓ ମହିଳା ଆୟୋଗର ଅଧ୍ୟକ୍ଷା ଡ଼ଃ ମମତା ସାହୁ ପ୍ରମୁଖ ସାମିଲ ଥିଲେ । ମନ୍ଦିରର ପ୍ରତିଷ୍ଠାତା ଏବଂ ସ୍ଥାନୀୟ ବିଧାୟକ ପୁରନ୍ଦର ମିଶ୍ର ସେମାନଙ୍କୁ ଛେରା ପହଁରା କାର୍ଯ୍ୟରେ ସହଯୋଗ କରିଥିଲେ ।ସନ୍ଧ୍ୟା ସାଢ଼େ ପାଂଚଟା ସମୟରେ ରଥ ଟଣାର ଶୁଭାରମ୍ଭ କରାଯାଇଥିଲା । ଉପସ୍ଥିତ ଭକ୍ତମାନଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଂଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହ ଗହ ନାଦ ତଥା ଭଜନ, କୀର୍ତ୍ତନର ମୃଦୁମନ୍ଦ ଆବାଜ ମଧ୍ୟରେ ମନ୍ଦିର ବେଢ଼ା ସାମନାରେ ରାଜକୀୟଠାଣିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କର ବଡ଼ ଭାଇ ଶ୍ରୀ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କର ରଥ ଗୁଡ଼ିକ ଗଡି ଗଡି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା । ସନ୍ଧ୍ୟା ୬ଟା ସୁଦ୍ଧା ବେଢ଼ା ଚତୁଃପାର୍ଶ୍ୱ ଭ୍ରମଣ କରି ରଥ ଗୁଡ଼ିକ ମୁଖ୍ୟ ମନ୍ଦିର ସାମ୍ନାକୁ ଆସିଯାଇଥିଲା । ଏଠାରେ ଋଷି ଥିବା ମହାଲକ୍ଷ୍ମୀ ପୂର୍ବରୁ ପ୍ରସ୍ତୁତ ଥାଇ ବଡ଼ ଠାକୁରଙ୍କ ମନ୍ଦିର ପ୍ରବେଶକୁ ରୋକି ଥିଲେ । କାରଣ ତାଙ୍କୁ ରଥଯାତ୍ରାରେ ସାମିଲ କରାଯାଇନଥିଲା । ଶ୍ରୀ ଜଗନ୍ନାଥ ଅବିଳମ୍ବେ ସୁସ୍ୱାଦୁ ରସଗୋଲା ପ୍ରଦାନ କରି ମାଆଙ୍କର ମାନଭଞ୍ଜନ କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ଏହି ଉପାଖ୍ୟାନର ନାଟକୀୟ ରୂପକରଣ ମଂଚସ୍ଥ କରାଯାଇଥିଲା ।



Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**